

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର, ୧୬ ଅପ୍ରେଲ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 16 APRIL 2022
Vol.No. 33 ■ No. 99 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022




ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ, ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


# ଟିବି-ଟୁ ଡ୍ରୋନ ମାଧ୍ୟମରେ ଧ୍ୟାନ ହଟାଇ ଯୁଦ୍ଧ ଜାହାଜକୁ ଶିକାର କରିଥିଲା ୟୁକ୍ରେନ



ନୂଆଦିଲ୍ଲୀ, ୧୫/୦୪ : ବୁଧବାର ରାତିରେ ବ୍ଲାକ ସି'ରେ କେମିତି ରୁଷିଆର ଦୁର୍ଦ୍ଧର୍ଶ ଯୁଦ୍ଧ ଜାହାଜ 'ମସ୍କୋଭା'କୁ ଧ୍ୱଂସ କରିଦେଲା ୟୁକ୍ରେନ ତାହା ସାମ୍ନାକୁ ଆସିଛି । କୁହାଯାଉଛି ପାଖାପାଖି ୨ ମାସ ଯାତ୍ରା କରିବା ପରେ ରୁଷିଆର ଏହି ଯୁଦ୍ଧ ଜାହାଜଟି ୟୁକ୍ରେନ ସୀମାରେ ପହଂଚି ଯାଇଥିଲା । ୟୁକ୍ରେନ ତଟବର୍ତୀ ଅଂଚଳଠାରୁ ପ୍ରାୟ ୪୦ ମାଇଲ ଦୂରରେ ମୁତୟନ ହୋଇଥିଲା ରୁଷ ଯୁଦ୍ଧ ଜାହାଜ 'ମକ୍ସୋଭା' । ସ୍ନେକ ଆଇଲାଣ୍ଡ ନିକଟରେ ଏହା ପହଂଚି ସାରିଥିବାବେଳେ ୟୁକ୍ରେନ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତି କରୁଥିଲା ରୁଷିଆ । କୁହାଯାଉଛି ବ୍ଲାକ ସିରେ ଏହା ରୁଷିଆର ସବୁଠାରୁ ଘାତକ ଯୁଦ୍ଧ ଜାହାଜ । ଯାହା ଉପରେ ଆକ୍ରମଣ କରିବା ଏକପ୍ରକାର ଅସମ୍ଭବ । କାରଣ ବ୍ଲାକ ସିରେ ମୁତୟନ ରୁଷିଆର ଅନ୍ୟ ଯୁଦ୍ଧ ଜାହାଜକୁ ଏହା ସୁରକ୍ଷା ପ୍ରଦାନ କରିବାକୁ ଆସିଥିଲା । ତେବେ ଏହାକୁ ଶିକାର କରିବା ପାଇଁ ଅତି ସତର୍କତାର ସହିତ ରଣନୀତି ପ୍ରସ୍ତୁତ କରିଥିଲା ୟୁକ୍ରେନ ସେନା । ପ୍ରଥମେ ବ୍ଲାକ ସିରେ 'ମସ୍କୋଭା'ର ନଜର ହଟାଇବାକୁ ଟିବି-ଟୁ ଡ୍ରୋନ ଉଡାଇଥିଲା ୟୁକ୍ରେନ ସେନା । ୟୁକ୍ରେନର ବନ୍ଦର ସହର ଓଡେଶା ଆଖାପାଖରେ ରୁଷିଆ ଯୁଦ୍ଧ ଜାହାଜ 'ମକ୍ସୋଭା'ର ଗତିବିଧି ଜାରି ରହିଥିବାବେଳେ ୟୁକ୍ରେନ ସେନା କେତେକ ଟିବି-ଟୁ ଡ୍ରୋନ ଉଡାଇ ଏହାର ନଜର ହଟାଇଥିଲା । ଫଳରେ 'ମସ୍କୋଭା'ରେ ମୁତୟନ ମିଜାଇଲ ସିଷ୍ଟମ ଏହି ଡ୍ରୋନଗୁଡିକୁ ଟାର୍ଗେଟ କରିଥିଲେ । ଆଉ ସେପଟେ ନଜର ହଟାଇ ୟୁକ୍ରେନ ଏହାର ନ୍ୟାପଚୁନ କ୍ରୁଜ ମିଜାଇଲରେ ମକ୍ସୋଭା ଉପରେ ଜୋରଦାର ଆକ୍ରମଣ କରିଦେଲା । ପ୍ରାୟ ୨୮୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା ୨ଟି ନ୍ୟାପଚୁନ ମିଜାଇଲ ମାଡ କରିଥିଲା ୟୁକ୍ରେନ ସେନା । ଫଳରେ ମକ୍ସୋଭା ଜାହାଜରେ ଥିବା ଗୋଳାବାରୁଦ ବିସ୍ଫୋରଣ ହୋଇଥିଲା ଓ ଏହା ବ୍ଲାକ ସି ଭିତରେ ବୁଡିଯାଇଥିଲା । ଯୁଦ୍ଧକୁ ୫୦ଦିନ ବିତିଥିବା ବେଳେ ଏବେ ମାଇଣ୍ଡଗେଡ ଖେଳିବା ଆରମ୍ଭ କରିଦେଇଛି ୟୁକ୍ରେନ । ବଡ କଥା ହେଉଛି 'ମସ୍କୋଭା' ଯୁଦ୍ଧଜାହାଜକୁ ଟାର୍ଗେଟ କରିବାକୁ ଦୀର୍ଘ ଦିନ ଧରି ଯୋଜନା କରିଥିଲା ୟୁକ୍ରେନ । କିନ୍ତୁ ରୁଷିଆ ଗୁଇନ୍ଦା ସଂସ୍ଥା ନିକଟକୁ ଏହାର କୌଣସି ଖବର ପହଂଚି ପାରିନଥିଲା । 'ମସ୍କୋଭା' ଯୁଦ୍ଧ ଜାହାରେ ନାବିକ ଓ ଶହଶହ ସୈନିକଙ୍କ ମୃତ୍ୟୁ ହୋଇଥିବା ଦାବି କରୁଛି ୟୁକ୍ରେନ ସେନା । 'ମକ୍ସୋଭା'ରେ ବିସ୍ଫୋରଣ ହୋଇଥିବା ସ୍ୱୀକାର କରିଛି ରୁଷିଆ ପ୍ରତିରକ୍ଷା ମନ୍ତ୍ରାଳୟ । ହେଲେ ଏଥିରେ ନିଆଁ ଲାଗିବାରୁ ଗୋଳାବାରୁଦ ବିସ୍ଫୋରଣ ହୋଇ କ୍ଷତିଗ୍ରସ୍ତ ହୋଇଥିବା କହିଛି । କିନ୍ତୁ ଯୁଦ୍ଧ ଜାହାଜରେ ଥିବା ସମସ୍ତ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ଦାବି କରିଛି ରୁଷିଆ ପ୍ରତିରକ୍ଷା ମନ୍ତ୍ରାଳୟ ।

# ଇମ୍ରାନ ଖାନଙ୍କ 'ପରମାଣୁ ବାଣ'ର କାଉଣ୍ଟର କଲା ପାକିସ୍ତାନ ସେନା



ଇସଲାମାବାଦ, ୧୫/୦୪ (ନି.ପ୍ର): ପାକିସ୍ତାନ ପାଖରେ ଥିବା ପରମାଣୁ ଅସ୍ତ୍ରଶସ୍ତ୍ରର ସୁରକ୍ଷାକୁ ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ସନ୍ଦେହ ପ୍ରକାଶ କରିଛନ୍ତି। ଦେଶର ନୂଆ ପ୍ରଧାନମନ୍ତ୍ରୀ ଶାହବାଜ ଶରିଫଙ୍କ ଶାସନ ସମୟରେ ପରମାଣୁ ଅସ୍ତ୍ରଶସ୍ତ୍ର ଆଦୌ ସୁରକ୍ଷିତ ରହିପାରିବ ନାହିଁ ବୋଲି ଇମ୍ରାନ ଖାନ କହିବା ପରେ ବିବାଦ ସୃଷ୍ଟି ହୋଇଛି। ଇମ୍ରାନ ଖାନଙ୍କ ଏପରି ବୟାନକୁ କାଉଣ୍ଟର କରିଛି ପାକିସ୍ତାନ ସେନା। ଆଇଏସପିଆରର ଡିଜି ମେଜର ଜେନେରାଲ ବାବର ଇଫତିକାର ପୂରା ଘଟଣା ଉପରେ ପ୍ରତିକ୍ରିୟା ଦେଇ ଇମ୍ରାନ ଖାନଙ୍କ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏଥିସହ ଦେଶର ଆଣବିକ ସମ୍ପତ୍ତି କୌଣସି ଜଣେ ବ୍ୟକ୍ତିଙ୍କର ନୁହେଁ ବୋଲି କହିଛନ୍ତି। ଏହାପୂର୍ବରୁ ଇମ୍ରାନ ଖାନ ପେଶାୱରରେ କରିଥିବା ରାଲିରେ ସାଂଘାତିକ ଅଭିଯୋଗ ଆଣିଥିଲେ। ସେ କହିଥିଲେ. "ଷଡ଼ଯନ୍ତ୍ର ବଳରେ କ୍ଷମତାକୁ ଆସିଥିବା ଲୋକମାନଙ୍କୁ ନେଇ ମୁଁ ମୋର ପ୍ରତିଷ୍ଠାନଗୁଡ଼ିକ ଗୋଟିଏ ପ୍ରଶ୍ନ ପଚାରିବାକୁ ଚାହେଁ। କ'ଣ ଏପରି ଲୋକମାନଙ୍କ ହାତରେ ଆମ ପାଖରେ ଥିବା ଆଣବିକ ସମ୍ପତ୍ତି ସୁରକ୍ଷିତ ହୋଇ ରହିପାରିବ ? ମୋତେ ଲାଗୁଛି ଆମ ଦେଶର ଆଣବିକ ଅସ୍ତ୍ରଶସ୍ତ୍ର ଆଉ ସୁରକ୍ଷିତ ଲୋକଙ୍କ ହାତରେ ନାହିଁ।" ଅନାସ୍ଥା ପ୍ରସ୍ତାବରେ ହାରିବା ପରେ ଇମ୍ରାନ ଖାନ ପାକିସ୍ତାନ ପ୍ରଧାନମନ୍ତ୍ରୀ ପଦରୁ ବିଦା ହୋଇଛନ୍ତି। ଏହା ପଛରେ ଆମେରିକାର ହାତ ଥିବା ଥିବା ସେ ପୁଣି ଅଭିଯୋଗ କରିଛନ୍ତି। ସେ କହିଛନ୍ତି, "ଆମେରିକା, ଆମେ ତୁମକୁ କେବେ ହେଲେ କ୍ଷମା ମାଗିବୁ ନାହିଁ। ଆମକୁ କ୍ଷମା ଦେବାକୁ ତୁମେ କିଏ ? ତୁମେ ଏପରି କ୍ଲୀତଦାସ, ଶରିଫ ଓ ଜରଦାରୀ ଭଳି ଲୋକଙ୍କ ସହ ଅଭ୍ୟସ୍ତ ହୋଇଯାଇଛି। ଆମେରିକା, ଯାହା ଚାହୁଁଥିଲା ସେୟା ହିଁ ହେଉଛି। ତେଣୁ ଅନ୍ୟର କଣ୍ଢେଇ ସାଜିଥିବା ଲୋକଙ୍କ ହାତରେ ପାକିସ୍ତାନର ଆଣବିକ କାର୍ଯ୍ୟକ୍ରମ ସୁରକ୍ଷିତ ରହିବ ତ? କ୍ଷମତାରେ ଥିବା ଲୋକଙ୍କ ଟଙ୍କା ବିଦେଶରେ ରହିଛି। ପାକିସ୍ତାନର ପ୍ରତିଷ୍ଠାନଗୁଡ଼ିକ କ'ଣ ଦେଶର ସୁରକ୍ଷାକୁ ଏହି ଚୋରମାନଙ୍କ ହାତରେ ଦେଇନାହାନ୍ତି? କ'ଣ ଭଗବାନଙ୍କୁ ତୁମର ଡର ନାହିଁ?" ତେବେ ଇମ୍ରାନ ଖାନଙ୍କ ସମସ୍ତ ଅଭିଯୋଗକୁ ପାକିସ୍ତାନ ସେନା ଖଣ୍ଡନ କରିଛି। ଆଇଏସପିଆରର ଡିଜି ମେଜର ଜେନେରାଲ ବାବର ଇଫତିକାର ଗୋଟିଏ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, "ଆମ ଆଣବିକ କାର୍ଯ୍ୟକ୍ରମ ପାଇଁ କୌଣସି ପ୍ରକାରର ▶▶ପୃଷ୍ଠା ୭

## କାଳବୈଶାଖୀ ପାଇଁ ୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୧୫/୦୪ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କିଛି ଜିଲ୍ଲାରେ ଘଡଘଡି ବିଜୁଳି ସହ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି। କୋରାପୁଟ, ରାୟଗଡ଼ା, କନ୍ଧମାଳ, ଗଜପତି, ଗଂଜାମ, ନୟାଗଡ଼, ଓ ଖୋର୍ଦ୍ଧା ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ଓ ପବନ ବର୍ଷା। କାଳବୈଶାଖୀର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ଏକ ସତର୍କ ସୂଚନାରେ କୁହାଯାଇଛି। ଏହାକୁ ଦୃଷ୍ଟିରେ ରଖି ଏହି ୭ଟି ଜିଲ୍ଲା ପାଇଁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର। ସେହିପରି ▶▶ପୃଷ୍ଠା ୭

# ମାହାଙ୍ଗା କୁସୁପୁର ହତ୍ୟାକାଣ୍ଡର ଡେମୋ ଦେଖାଇଲା ଅଭିଯୁକ୍ତ



ସାଲେପୁର, ୧୫/୦୪ (ନି.ପ୍ର): କୁସୁପୁର ଗଣହତ୍ୟା ଘଟଣା ଉପରୁ ପରଦା ହଟେଇବା ପାଇଁ ଅଭିଯୁକ୍ତ ଶିବ ପ୍ରସାଦ ସାହୁଙ୍କୁ ଧରି ପୋଲିସ ଘଟଣା ସ୍ଥଳରେ ପହଂଚି ପୁରା ଘଟଣାର ସିନ୍ ରିକ୍ରିଏସନ୍ ପ୍ରକ୍ରିୟା ଜାରି ରହିଛି । ପୋଲିସ ଛାଉଣି ଭିତରେ ଏବେ କୁସୁପୁର । ହତ୍ୟାକାରୀ ଶିବ ଠାରୁ ସେହି କଳା ରାତ୍ରିର ଲୋମ ହର୍ଷଣକାରୀ ଘଟଣା ଉପରୁ ପରଦା ହଟାଇବାକୁ ଯୋଜନା କରିଛି ପୋଲିସ । କେମିତି ଏ ଭଳି ହତ୍ୟାକାଣ୍ଡ ଭିଆଇ ଥିଲା ଅଭିଯୁକ୍ତ ଶିବ । ବଡ଼ ଭାଇ ଅଲେଖ ସାହୁର ପୁରା ପରିବାରକୁ ନିପାତ କରିଦେଲା ସାନଭାଇ ଶିବ । କଟୁରି ଚୋଟରେ ଜଣକ ପରେ ଜଣେ ଏମିତି ୫ ଜଣଙ୍କୁ ଗୋଟିଏ ଘର ଭିତରେ ହତ୍ୟା କରିଥିଲା । ସମ୍ପତି ବିବାଦର ପ୍ରତିଶୋଧ ନେବାକୁ ପଣ କରିଥିବା ଶିବ ଶେଷରେ ରକ୍ତ ମୁଖା ପାଲଟି ଯାଇଥିଲା । ଯେଉଁ ଘରେ ଘଟିଥିଲା ଏହି ନାରକୀୟ କାଣ୍ଡ, ସେହି ଯାଗାରେ ଶିବ ଦେଖାଇଛି ଡେମୋ । ହଜାର ହଜାର ଦେଖଣାହାରୀ ଦେଖୁଛନ୍ତି ଶିବ କିପରି ସଇତାନ ପାଲଟିଯାଇଥିଲା ଓ ଅମାନୁଷିକ ଭାବେ ମଣିଷ ମାରିଥିଲା । ଶିବ କିପରି ଏହି ମର୍ଡର କଲା, ସେତେବେଳେ ଆଉ କିଏ ଏ ସବୁ ଘଟଣା ଦେଖିଥିଲେ କି, ଏସବୁ ବାବଦରେ ଗୋଟିଏ ଗୋଟିଏ ବୟାନ ଦେଇଛି ଶିବ । ସେ ଏକୁଟିଆ ନିଜ ବଡ଼ ଭାଇ ପରିବାର ଉପରେ ପ୍ରତିଶୋଧ ନେବାକୁ ଏହି ଜଘନ୍ୟ କାଣ୍ଡ ଭିଆଇଥିବା ବୟାନ ଦେଇଛି । ପୋଲିସ ସାମ୍ନାରେ ଏସବୁ ଦୃଶ୍ୟ ଦେଖାଇଥିଲା ହତ୍ୟାକାରୀ ଶିବ । ଅଭିଯୁକ୍ତ ଶିବଙ୍କୁ ତିନି ଦିନିଆ ରିମାଣ୍ଡରେ ଆଣିଥିଲା ମାହାଙ୍ଗା ପୋଲିସ । ଗତ କାଲି ଶିବ ଅସୁସ୍ଥ ହୋଇ ପଡିଥିବାରୁ ଆଜି ଦ୍ୱିତୀୟ ଦିନରେ ତାକୁ କୁସୁପୁର ନିଆଯାଇଥିଲା । ଏହି ଗଣହତ୍ୟା ଘଟଣାରେ ଅନ୍ୟକାହାରି ସମ୍ପୃକ୍ତି ଅଛି କି ନାହିଁ ସେ ନେଇ ଶିବ କ'ଣ କହିଥିଲା ତାହା ସ୍ପଷ୍ଟ ହୋଇନି ।

## ୪୦ ଉପରେ ୧୬ ସହର

ଭୁବନେଶ୍ୱର, ୧୫/୦୪ (ନି.ପ୍ର): ରାଜ୍ୟରେ ଗ୍ରୀଷ୍ମଲହରୀ ଜାରୀ ରହିଛି। ଶୁକ୍ରବାର ବାରିପଦାରେ ରାଜ୍ୟର ସର୍ବାଧିକ ୪୩.୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଆଜି ରାଜ୍ୟର ୧୬ଟି ସହରର ତାପମାତ୍ର ୪୦ ଡିଗ୍ରୀ ଉପରେ ରେକର୍ଡ ହୋଇଛି । ପାଣିପାଗ ବିଭାଗ ସୂଚନା ଅନୁସାରେ ଆଜି ସୋନପୁରରେ ୪୩.୨ ଡିଗ୍ରୀ ,ବଲାଙ୍ଗୀରରେ ୪୩.୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଅନୁଗୁଳରେ ୪୨.୯, ଝାରସୁଗୁଡ଼ାରେ ୪୨.୭, କେନ୍ଦୁଝରରେ ୪୦.୩, ସମ୍ବଲପୁରରେ ୪୧.୮, ସୁନ୍ଦରଗଡ଼ରେ ୪୨.୦, ହୀରାକୁଦରେ ୪୦.୬, ▶▶ପୃଷ୍ଠା ୭

## ୪ ଜିଲ୍ଲାରେ ମୃଦୁ ଭୂମିକମ୍ପ : ତୀବ୍ରତା ୩.୫

ଭୁବନେଶ୍ୱର, ୧୫/୦୪ (ନି.ପ୍ର): ରାଜ୍ୟର ୪ ଜିଲ୍ଲାରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। ଆଜି ସକାଳ ୧୧ଟା ୧୯ରେ ଅଳ୍ପ ସମୟ ପାଇଁ ଗଞ୍ଜାମ, ନୟାଗଡ଼, ଫୁଲବାଣୀ ଓ ବୌଦ୍ଧ ଜିଲ୍ଲାରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୫ ରହିଥିବା କୁହାଯାଇଛି। ନୟାଗଡ଼ ଓ ଗଞ୍ଜାମର ମଧ୍ୟବର୍ତ୍ତୀ ଅଞ୍ଚଳ ଭୂମିକମ୍ପର କେନ୍ଦ୍ରସ୍ଥଳ ବୋଲି ସୂଚନା ଦିଆଯାଇଛି। ଭୂମିକମ୍ପ ଅନୁଭୂତ ହେବା ସମୟରେ ଲୋକମାନେ ଭୟରେ ଘରୁ ବାହାରକୁ ପଳାଇ ଆସିଥିଲେ। ମୃଦୁ ଭୂମିକମ୍ପ ଯୋଗୁ କିଛି କ୍ଷୟକ୍ଷତି ହୋଇଥିବା ସୂଚନା ମିଳିନାହିଁ।

## ରାଜଧାନୀରୁ କୋକେନ୍ ଜବତ ଘଟଣା
# ହକି ବିଶ୍ୱକପ୍ ଦର୍ଶକଙ୍କ ପାଇଁ ଅଣାଯାଇଥିଲା କୋକେନ୍



ଭୁବନେଶ୍ୱର,୧୫/୦୪ (ନି.ପ୍ର): ଭୁବନେଶ୍ୱରରୁ କୋକେନ୍ ମିଳିବା ଘଟଣାରେ ଚାଂଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଆଗକୁ ଓଡିଶାରେ ହକି ବିଶ୍ୱକପ୍ ଖେଳାଯିବାକୁ ଥିବା ବେଳେ ବିଦେଶୀ ଦର୍ଶକଙ୍କୁ କୋକେନ୍ ଯୋଗାଇବାକୁ ଟାର୍ଗେଟ୍ ରଖାଯାଇଥିଲା। କୋକେନ୍ କାର ବାର ନେଇ ଖୋଳତାଡ଼ ପରେ ଏହି ସୂରଚନା ପାଇଛି ଏସଟିଏଫ୍। କୋକେନ୍ ର କ୍ୱାଲିଟି ଟେଷ୍ଟ ପାଇଁ ଏସ୍‌ଟିଏଫ୍ ନମୁନା ପଠାଇଛି । ସୂଚନା ଅନୁଯାୟୀ ଦିଲ୍ଲୀର ତୁର୍କମାନ ଗେଟ୍ ରୁ କୋକେନ୍ କାରବାର ହେଉଥିଲା। ଭୁବନେଶ୍ୱରର ଟାର୍ଗେଟ କଷ୍ଟମର ଥିଲେ ହକି ବିଶ୍ୱକପ୍ ର ଦର୍ଶକ। ବିଦେଶୀମାନଙ୍କର ଚାହିଦାକୁ ଦୃଷ୍ଟିରେ ରଖି ଗିରଫ ଅଭିଯୁକ୍ତ ରବି ଓ ସନ୍ନି ଭୁବନେଶ୍ୱରକୁ କୋକେନ୍ ଆଣିଥିଲେ। ▶▶ପୃଷ୍ଠା ୭

# ଗେମ୍ ଖେଳିବାକୁ ମୋବାଇଲ୍ ନଦେବାରୁ ସପ୍ତମ ଶ୍ରେଣୀ ଛାତ୍ରକୁ ହତ୍ୟା ଅଭିଯୋଗ : ଦୁଇ ନାବାଳକ ଥାନାରେ ଅଟକ



କୋରାପୁଟ, ୧୫/୦୪ (ନି.ପ୍ର): ଗେମ୍ ଖେଳିବାକୁ ମୋବାଇଲ୍ ନଦେବାରୁ ସପ୍ତମ ଶ୍ରେଣୀ ଛାତ୍ରକୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଗେମ୍ ଖେଳିବା ପାଇଁ ମୋବାଇଲ୍ ନଦେବାରୁ ସମ୍ପୃକ୍ତ ଛାତ୍ରକୁ ହତ୍ୟା କରିଛନ୍ତି ତାର ଅନ୍ୟ ଦୁଇ ସାଙ୍ଗ । କୋରାପୁଟ ଟାଉନ୍ ଥାନା ଅଂଚଳରେ ଘଟିଯାଇଛି ଏଭଳି ଅଭାବନୀୟ ଘଟଣା । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଆରମ୍ଭ କରିଛି । ଗତକାଲି ଗାଁ ସ୍କୁଲ ନିକଟରେ ତିନି ଜଣ ଯାକ ଏକାଠି ବସି ମୋବାଇଲ୍ ଗେମ୍ ଖେଳୁଥିଲେ । ଖେଳିବା ବେଳେ ଜଣେ ସାଙ୍ଗ ଅନ୍ୟ ଦୁଇ ଜଣଙ୍କୁ ମୋବାଇଲ୍ ଦେଇନଥିଲା । ଯାହାକୁ ନେଇ ଅନ୍ୟ ଦୁଇ ସାଙ୍ଗ ରାଗିଯିବା ସହ ସମ୍ପୃକ୍ତ ଛାତ୍ରକୁ ମାଡ ମାରିଥିଲେ । ଏବଂ ପଥରରେ ମୁଣ୍ଡକୁ ଛେଚି ହତ୍ୟା କରିଥିଲେ । ଏହାପରେ ଛାତ୍ରଙ୍କ ମୃତଦେହକୁ କୋଲାବ ନଦୀ ହୁଡ଼ାରେ ଫିଙ୍ଗି ଦେଇଥିଲେ । ଆଜି ସକାଳେ ମୃତ ଛାତ୍ରଙ୍କ ବାପା ଶବ ଚିହ୍ନଟ କରିବା ପରେ ସମ୍ପୂର୍ଣ୍ଣ ଘଟଣା ସାମ୍ନାକୁ ଆସିଥିଲା । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରିବା ସହ ଦୁଇ ନାବାଳକଙ୍କୁ ଥାନାରେ ଅଟକ ରଖିଛି । ପ୍ରାଥମିକ ତଦନ୍ତରୁ ମୋବାଇଲ୍ ପାଇଁ ହତ୍ୟାକାଣ୍ଡ ଘଟିଥିବା ପୋଲିସ ଜାଣିବାକୁ ପାଇଛି । ତେବେ ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

# ରାଜଧାନୀରେ ଦିଲ୍ଲୀରେ ବଢ଼ିଲା କରୋନା ସଂକ୍ରମଣ



ନୂଆଦିଲ୍ଲୀ, ୧୫/୦୪ : ରାଜଧାନୀ ଦୀଲ୍ଲୀରେ ପୁଣି ଚିନ୍ତା ବଢାଇଲା କୋଭିଡ ସଂକ୍ରମଣ । ଏନେକ ଦିନର ବ୍ୟବଧାନ ପରେ ଏବେ ଦିଲ୍ଲୀରେ ପୁଣି କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟ ବଢିବାରେ ଲାଗିଛି । ଗୁରୁବାର ଦିଲ୍ଲୀରେ ୩୨୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାହାକି ୪୦ ଦିନ ଭିତରେ ସବୁଠୁ ଅଧିକ ବୋଲି କୁହାଯାଉଛି । ସେପଟେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ନୂଆ ଗାଇଡ ଜାରି ହୋଇଛି । ଯଦି ସ୍କୁଲରେ କୌଣସି ଶିକ୍ଷକ କିମ୍ବା ଛାତ୍ର ଛାତ୍ରୀ କରୋନାରେ ଆକ୍ରାନ୍ତ ଚିହ୍ନଟ ହୁଅନ୍ତି ତେବେ ସ୍କୁଲକୁ ଅସ୍ଥାୟୀ ରୁପେ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସ୍କୁଲ ବନ୍ଦ କରିବା ନେଇ ସ୍କୁଲ କର୍ତ୍ତୃପକ୍ଷ ନିଷ୍ପତି ନେଇ ପାରିବେ ବୋଲି କହିଛନ୍ତି ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ । ପ୍ରାୟ କିଛି ମାସ ଧରି କରୋନା ସଂକ୍ରମଣ କମିବାକୁ ଲାଗିଥିଲା । ଏପରିକି ସାଧାରଣ ଜୀବନଯାତ୍ରା ଏକପ୍ରକାର ସ୍ୱାଭାବିକ ହୋଇଯାଇଥିଲା । ଏପରି ସମୟରେ ପୁଣି କରୋନା ସଂକ୍ରମଣ ବଢିବା ଚିନ୍ତା ବଢାଇଛି ।

# ତାଇୱାନ୍‌ର ରାଜଧାନୀ ତାଇପେୟୀ ଉପରେ ଚୀନ ଯୁଦ୍ଧ ବିମାନର ଆକ୍ରମଣ



ନୂଆଦିଲ୍ଲୀ, ୧୫/୦୪ : ଏବେ ବିଶ୍ୱରେ ଋଷ -ୟୁକ୍ରେନ ଯୁଦ୍ଧକୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ଚୀନ ମଧ ନିଜର ପରାକ୍ରମ ଦେଖାଇବାକୁ ଆରମ୍ଭ କଲାଣି । ଯେତେବେଳେ ଋଷ ୟୁକ୍ରେନ ଉପରେ ଆକ୍ରମଣ କଲା ସେତେବେଳେ ଚୀନ ତାଇୱାନ ଉପରେ ବି ଆକ୍ରମଣ କରିପାରେ ବୋଲି ଆଶଙ୍କା ପ୍ରକାଶ କରିଥିଲେ ବିଶ୍ୱର ପ୍ରତିଷ୍ଠିତ ପ୍ରତିରକ୍ଷା ବିଶେଷଜ୍ଞ । ଆଜି ଏହା ସତ ହେବାକୁ ଯାଉଥିବା ମନେ ହେଉଛି । ଅନ୍ୟପଟେ ତାଇୱାନ ମଧ ନିଜ ସୁରକ୍ଷାକୁ ମଜବୁତ୍ କରିବାକୁ ସବୁ ପ୍ରକାର ଚେଷ୍ଟା ଚଳାଇଛି । ଏପରି ସ୍ଥିତିରେ ଆଜି ଚୀନର ଏକ ଫାଇଟର ବିମାନ ତାଇୱାନର ରାଜଧାନୀ ତାଇପେଇ ଉପରେ ଆକ୍ରମଣ କରିଥିବା ଜଣାପଡିଛି । ରିପୋର୍ଟ ମୁତାବକ, ତାଇୱାନର ରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏପ୍ରିଲ ୧୨ ତାରିଖରେ ଏକ ସମରାଭ୍ୟାସ କରାଯାଇଥିଲା । ରାଜଧାନୀ ତାଇପେୟୀରେ ଆୟୋଜିତ ସୈନ୍ୟ ଅଭ୍ୟାସ 'ଲିୟନ୍ ସିୟାଙ୍ଗ'ର ଆୟୋଜନ କରାଯାଇଥିଲା । ଏହି ଆୟୋଜନ ଭବିଷ୍ୟତରେ ଚୀନ ଆକ୍ରମଣକୁ ମାତ୍ ଦେବାକୁ ଲକ୍ଷ୍ୟ କରି ଆୟୋଜିତ କରାଯାଇଥିଲା । ହେଲେ ଏତିକିବେଳେ ଶୁଭିଥିଲା ଏକ ଭୀଷଣ ଶବ୍ଦ । ତାଇପେୟୀରେ ଚୀନର ଲଢୁଆ ବିମାନ ଆସି ଆକ୍ରମଣ କରି ଚାଲିଯାଇଥିଲା ।


ନିମନ୍ତ୍ରଣ
ଶୁଭ ଲୋକାର୍ପଣ ଉତ୍ସବ
ଏମିତି ଚାଲିଥିବ
ରାଜନୈତିକ ଉପନ୍ୟାସ





ଔପନ୍ୟାସିକ : ସୃଷ୍ଟିଧର ପରିଡା
ତା୧୭ ଅପ୍ରେଲ ୨୦୨୨ରିଖ, ରବିବାର
ସମୟ : ଅପରାହ୍ନ ୫ଘଟିକା
ସ୍ଥାନ : ଆତିଥ୍ୟ ସଭାଗୃହ, ହସପିଟାଲ ରୋଡ, ବାଲେଶ୍ୱର
ଉତ୍ସବରେ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିବେ :
- ଦେବ ପ୍ରସାଦ ଦାଶ, ବିଶିଷ୍ଟ କଥାକାର
- ଅରୁଣ କୁମାର ସାହୁ, ବିଶିଷ୍ଟ କବି
- ଡ. ଭାଗବତ ବେହେରା, ବିଶିଷ୍ଟ ଔପନ୍ୟାସିକ
- କାଳୀପଦ ପଣ୍ଡା, କବି ଓ ପ୍ରକାଶକ
- ଡ. ଗୀତାଶ୍ରୀ ପ୍ରିୟମ୍ବଦା, କବି
- ସୈରିନ୍ଧ୍ରୀ ସାହୁ, ସଂପାଦିକା : ଧ୍ୱନିପ୍ରତିଧ୍ୱନି ଓ ସାଗରିକା

ଆପଣଙ୍କ ଉପସ୍ଥିତି ଅପେକ୍ଷାରେ
ସୃଷ୍ଟିଧର ପରିଡା

# ଯୋଡ଼ାରେ ୧୪୪ ଧାରା କୋହଳ କଲା ପ୍ରଶାସନ: ସ୍ୱାଭାବିକ ହେଉଛି ଜୀବନଯାତ୍ରା



ଯୋଡ଼ା,୧୫/୦୪ (ନି.ପ୍ର): ଯୋଡ଼ାରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟଣା ପରେ ସ୍ଥିତି ଧୀରେ ଧୀରେ ସୁଧୁରିବାକୁ ଲାଗିଛି। ସହରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ୧୪୪ ଧାରାରେ କୋହଳ କରାଯାଇଛି। ଜିନିଷପତ୍ର କିଣାବିକା ପାଇଁ ଆଜି ଦିନ ୧୦ଟା ଠାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କୋହଳ କରାଯାଇଥିବା ନେଇ ଡାକବାଜି ମାଧ୍ୟମରେ ପ୍ରଚାର କରି ଲୋକଙ୍କୁ ସୂଚନା ଦିଆଯାଇଥିଲା। ତେବେ ସଂଧ୍ୟା ୫ଟାରୁ ଆସନ୍ତାକାଲି ଦିନ ୧୦ଟା ପର୍ଯ୍ୟନ୍ତ ୧୪୪ ଧାରା ସଂପୂର୍ଣ୍ଣ ବଳବତ୍ତର ରହିବ ବୋଲି କୁହାଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତାକାଲି ପୁଣି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯିବ ବୋଲି ବଡ଼ବିଲ ଅତିରିକ୍ତ ଏସପି ସୁଦାମ ଚରଣ ସାହୁ ସୂଚନା ଦେଇଛନ୍ତି। ସହରରେ ୧୪୪ ଧାରାକୁ କୋହଳ କରାଯିବା ପରେ ବଜାରରେ ଛୋଟ ବଡ଼ ବ୍ୟବସାୟୀମାନେ ଧୀରେ ଧୀରେ ଦୋକାନ ଖୋଲୁଥିବା ଦେଖିବାକୁ ମିଳିଛି। ଲୋକେ ମଧ୍ୟ ଘରୁ ବାହାରି ଅତ୍ୟାବଶ୍ୟକ ଜିନିଷ କିଣାକିଣି କରୁଛନ୍ତି। ସେପଟେ ଶାନ୍ତି ବଜାୟ ରଖିବା ପାଇଁ ସହରର ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ କରାଯାଇଛି। ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ରହି ତଦାରଖ କରୁଛନ୍ତି। ପ୍ରଶାସନକୁ ସହଯୋଗ କରିବାପାଇଁ ଜନସାଧାରଣଙ୍କୁ ନିବେଦନ କରିଛି ଜିଲ୍ଲା ପ୍ରଶାସନ। ଯୋଡା ସହରରେ ରାମ ନବମୀ ଝଣ୍ଡାକୁ ନେଇ ଦୁଇ ସମ୍ପ୍ରଦାୟ ମଧ୍ୟରେ ଲାଗି ରହିଥିବା ସଂଘର୍ଷ ଫଳରେ ଉତ୍ତେଜନା ଲାଗି ରହିଛି। ଗତକାଲି ରାତିରେ ପୁଣି ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଦୁଇଗୋଷ୍ଠୀ ଢ଼େଲାପଥର ମାଡ଼ କରିଥିଲେ। ସେପଟେ ପୁଲିସ ଉପରେ ମଧ୍ୟ ଆକ୍ରମଣ କରାଯାଇଥିଲା। ସଂଘର୍ଷ ହେତୁ ସହରରେ ୧୪୪ ଧାରା ଲାଗୁ କରାଯାଇଛି।

## ଜୁନାନୀ ଗ୍ରାମରେ ଡ୍ରେନ ନିର୍ମାଣ ଦାବି: ନର୍ଦ୍ଦମା ଜଳ ସଡ଼କ ମଝିରେ ପ୍ରବାହିତ

ନୂଆପଡ଼ା,୧୫/୦୪ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ବାଦୀ ଗ୍ରାମପଂଚାୟତ ଅନ୍ତର୍ଗତ ଜୁନାନୀ ଗ୍ରାମରେ ଡ୍ରେନେଜ ବ୍ୟବସ୍ଥା ନାହିଁ କହିଲେ ଚଳେ। ସବୁ ସଡ଼କ ମଝିରେ ନର୍ଦ୍ଦମାର ଦୂଷିତ ଜଳ ପ୍ରବାହିତ ହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଅଛି। ଏହି ଗ୍ରାମକୁ ଦେଇ ୩୫୩ ନମ୍ବର ଜାତୀୟ ରାଜପଥ ଯାଇଥିବା ବେଳେ ଉଭୟ ପାର୍ଶ୍ୱରେ ନାଳ ରହିଅଛି। ଗ୍ରାମ ସଡ଼କରେ ନାଳ ନିର୍ମାଣ କରି ସେହି ନର୍ଦ୍ଦମା ଜଳକୁ ଜାତୀୟ ରାଜପଥ ଡ୍ରେନରେ ସଂଯୁକ୍ତ କଲେ ଗ୍ରାମର ଅସନା ପରିବେଶରେ ସୁଧାର ଆସିବ। ତେଣୁ ଜୁନାନୀ ଗ୍ରାମର ଏହି ଅସ୍ୱାସ୍ଥ୍ୟକର ପରିବେଶ ଉପରେ ପଚାଂୟତ, ସମିତି ଏବଂ ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ଆଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ଗ୍ରାମବାସୀ।

# ବଦଳିବ ଶ୍ରୀନୀଳମାଧବ ପୀଠର ଚେହେରା

ଖଣ୍ଡପଡ଼ା/କଣ୍ଟିଲୋ: ବହୁଦିନର ଦାବି ପରେ ଶେଷରେ କଣ୍ଟିଲୋ ନୀଳମାଧବ ପୀଠର ବିକାଶ କାମହାତକୁ ନେବାକୁ ଯାଉଛନ୍ତି ରାଜ୍ୟ ସରକାର। ବ୍ରହ୍ମାଦି ପାହାଡ଼ ଉପରେ ଅବସ୍ଥିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଦ୍ୟ ଲୀଳାକ୍ଷେତ୍ର ନୀଳମାଧବ ପୀଠର ବିକାଶ ସହ ଏହି ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହୋଇଛି। ଓଡ଼ିଆ ନବବର୍ଷ ଅବସରରେ ଆଜି ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭିକେ ପାଣ୍ଡିଆନ ନୀଳମାଧବ ମନ୍ଦିର ଗସ୍ତରେ ଆସି ଏହାର ବିକାଶ ସଂପର୍କରେ ବରିଷ୍ଠ ଅଧିକାରୀ ଓ ସେବାୟତଙ୍କ ସହ ଆଲୋଚନା କରିଛନ୍ତି। ମନ୍ଦିର ଚାରିପାଖରେ ପ୍ରାରମ୍ଭିକ ଭାବେ ୬୫ ପରିବାରକୁ ଏଥିପାଇଁ ଉଚ୍ଛେଦ କରାଯିବ । ସେମାନଙ୍କ ମଧ୍ୟରୁ ଅଧିକାଂଶ ସେବାୟତ ପରିବାର ହୋଇଥିବାରୁ ଶ୍ରୀ ପାଣ୍ଡିଆନ୍ ସେମାନଙ୍କ ସହ ସ୍ୱତନ୍ତ୍ର ଭାବେ ଆଲୋଚନା କରିଛନ୍ତି। ସେ ଏହି ଅବସରରେ ଉପସ୍ଥିତ ଲୋକ ଏବଂ ବୁଦ୍ଧିଜୀବୀଙ୍କୁ ଏହି ସୁନ୍ଦର ପୀଠର ପୁନଃନିର୍ମାଣ ଦିଗରେ ରାଜ୍ୟ ସରକାର ସମସ୍ତ ସହଯୋଗ କରିବେ ବୋଲି ସୂଚନା ଦେବା ସହିତ ଆବଶ୍ୟକ ଅନୁମୋଦନ ମିଳିବା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। ଆଜି ସକାଳ ପ୍ରାୟ ସାଢେ ୬ଟାରେ ଶ୍ରୀ ପାଣ୍ଡିଆନ୍ କଣ୍ଟିଲୋରେ ପହଞ୍ଚିବା ପରେ ନୟାଗଡ଼ ଜିଲ୍ଲାପାଳ ଡ. ପୋମା ଟୁଡୁ, ଏସ୍‌ପି ସିଦ୍ଧାର୍ଥ କଟାରିଆ ତାଙ୍କୁ ସ୍ୱାଗତ କରିଥିଲେ। ସେଠାରୁ ଚାଲି ଚାଲି ପଶ୍ଚିମଦ୍ୱାର ଦେଇ ସେ ନୀଳମାଧବ ମନ୍ଦିରରେ ପ୍ରବେଶ କରିଥିଲେ। ଠାକୁରଙ୍କୁ ଦର୍ଶନ କରି ଆର୍ଶୀବାଦ ଲାଭ କରିବା ସହ ସେବାୟତଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଶ୍ରୀନୀଳମାଧବ ମନ୍ଦିରରେ ଉପସ୍ଥିତ ଜିଲ୍ଲା ପ୍ରଶାସନ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହ ପ୍ରସ୍ତୁତ କରାଯାଇଥିବା ନକ୍ସା ଅନୁଯାୟୀ ଭିତ୍ତିଭୂମି ବିକାଶ ନେଇ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ସୂଚନା ଦେଇ ଜିଲ୍ଲାପାଳ ଡ. ପୋମା ଟୁଡୁ କହିଛନ୍ତି ଯେ ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀମନ୍ଦିର ଐତିହ୍ୟ ପରିକ୍ରମା ପ୍ରକଳ୍ପ ଭଳି ଶ୍ରୀନୀଳମାଧବ ମନ୍ଦିରର ଚତୁଃପାର୍ଶ୍ୱରେ ଉନ୍ନୟନ କାମ କରାଯିବ। ପଶ୍ଚିମ ଦ୍ୱାର ନିକଟରେ ଏକ ହଲ୍ ନିର୍ମାଣ କରାଯିବା ସହ ଶ୍ରଦ୍ଧାଳୁମାନେ ମନ୍ଦିରକୁ ଯିବା ପାଇଁ ଲିଫ୍ଟର ବ୍ୟବସ୍ଥା କରାଯିବ। ସେହିଭଳି ଚନ୍ଦନ ପୁଷ୍କରିଣୀ ପୁନଃରୁଦ୍ଧାର କାମ ଚାଲୁରହିଥିବା ବେଳେ ଏହାର ଚାରିପାଖକୁ ସୁସଜ୍ଜିତ କରାଯିବ। ପାର୍କିଂ ବ୍ୟବସ୍ଥା, ଜୋତା ଷ୍ଟାଣ୍ଡ, ପଦ ପ୍ରକ୍ଷାଳନ ବ୍ୟବସ୍ଥା, ଶେ ?ଚାଳୟ ନିର୍ମାଣ ସହିତ ମହାନଦୀରେ ବୁଡ଼ ପକାଇବା ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ଯୋଜନା ରହିଛି। ମନ୍ଦିର ପାହାଚଗୁଡ଼ିକ ନୂତନ ଭାବେ ନିର୍ମାଣ କରାଯିବା ସହ ଉନ୍ନତ ମାନର ଆଲୋକ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ଡ. ଟୁଡୁ କହିଛନ୍ତି। ଏହି ଅବସରରେ ଖଣ୍ଡପଡ଼ା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ପୂର୍ତ୍ତ, ଜଳସଂପଦ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତଥିଲେ।

ସୂଚନାଯୋଗ୍ୟ ଯେ ଶ୍ରୀନୀଳମାଧବଙ୍କ ପୀଠର ବିକାଶ ନିମନ୍ତେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ ନିର୍ବାଚିତ ହେବା ଦିନଠାରୁ ପ୍ରୟାସ କରିଆସୁଛନ୍ତି। ଏଥିପାଇଁ ବିଭିନ୍ନ ସମୟରେ ସେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିବା ସହିତ ଶ୍ରୀମନ୍ଦିର ଢାଞ୍ଚାରେ ଶ୍ରୀନୀଳମାଧବ ପୀଠର ଉନ୍ନତୀକରଣ ପାଇଁ ମଧ୍ୟ ପ୍ରସ୍ତାବ ଦେଇଥିଲେ। ଗତ ଜାନୁଆରି ୨୦୨୧ରେ ତତ୍କାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ଶ୍ରୀ ପଟ୍ଟନାୟକଙ୍କ ସହ ମନ୍ଦିର ପରିଦର୍ଶନ କରିବା ସହିତ ଉନ୍ନତୀକରଣ କାର୍ଯ୍ୟ ନିମନ୍ତେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରାୟ ବର୍ଷେ ପରେ ଶ୍ରୀ ପାଣ୍ଡିଆନ ଶ୍ରୀନୀଳମାଧବ ପୀଠ ପରିଦର୍ଶନ କରି ଏହାର ବିକାଶ ନେଇ ଅଧିକାରୀ ଓ ସେବାୟତଙ୍କ ସହ ଆଲୋଚନା କରିଛନ୍ତି।

# ଉର୍ଜାବାନ ଓଡ଼ିଶା ପକ୍ଷରୁ ଟଙ୍କତୋରାଣି ବିତରଣ

ପୁରୀ,୧୫/୦୪ (ନି.ପ୍ର): ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଉର୍ଜାବାନ ଓଡ଼ିଶା ତରଫରୁ ସ୍ଥାନୀୟ ଦଶବତାର ମଠ ନିକଟରେ ଟଙ୍କତୋରାଣି ବିତରଣ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ନଗରପାଳ ସୁରେନ୍ଦ୍ରନାଥ ଦାସ, ଉର୍ଜାବାନ ଓଡ଼ିଶା ଟ୍ରଷ୍ଟର ଉପଦେଷ୍ଟା ପୁଷ୍ପଜିତ ମହାପାତ୍ର ,ଆଇନ ପରାମର୍ଶଦାତା ଅନିଲ କୁମାର ସାହୁ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ଗ୍ରୀଷ୍ମ ପ୍ରକୋପ ତଥା ଜଳ କଷ୍ଟରୁ ରକ୍ଷା ପାଇବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ବୋଲି ସଂଗଠନର ସଭାପତି ସନ୍ତୋଷ ସେନାପତି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂପାଦିକ ନିହାରିକା ତ୍ରିପାଠୀ,ରଙ୍ଗଲତା ପଟ୍ଟନାୟକ,ଜିତେନ୍ଦ୍ର ପାତ୍ର, ନେତାଜୀ ତାପସ କୁମାର ସାହୁ, ଆଦର୍ଶ ମିଶ୍ର, ଧନେଶ୍ୱର ପାତ୍ର,ଦେବେନ୍ଦ୍ର ସୁବୁଦ୍ଧି, ଦିଲୀପ ଚିନାରା, ବିଶ୍ୱଜିତ ଲେଙ୍କା, ଅଶ୍ୱିନୀ ସ୍ୱାଇଁ, ମନୋଜ ନାୟକ, ପ୍ରମୁଖ ଉପସ୍ଥିତ ରହି ପର୍ଯ୍ୟଟକ, ତୀର୍ଥଯାତ୍ରୀ ଓ ବାଟୋଇମାନଙ୍କୁ ଟଙ୍କତୋରାଣି ବଂଟନରେ ସହଯୋଗ କରିଥିଲେ ।

# ବୁଦ୍ଧିଜୀବୀ ଫୋରମ ପକ୍ଷରୁ ଦେବୋତ୍ତର ବିଭାଗ ଅତିରିକ୍ତ କମିଶନରଙ୍କୁ ସ୍ମାରକପତ୍ର ପ୍ରଦାନ

ବୌଦ୍ଧ,୧୫/୦୪ (ନି.ପ୍ର): ବୌଦ୍ଧ ଜିଲ୍ଲାରେ ଶତାଧିକ ମନ୍ଦିର ରହିଥିବା ବେଳେ ଦେବୋତର ବିଭାଗ ଅଧିନରେ ମାତ୍ର ୧୫ ଗୋଟି ମନ୍ଦିର ରହିଛି । ତାହା ମଧ ସଠିକ ଭାବରେ ପରିଚାଳିତ ହେଉନାହିଁ । ବୌଦ୍ଧ ଜିଲାରେ ଥିବା ମନ୍ଦିର ସମୁହର ଉନ୍ନତି କରଣ କରାଯିବା ସହିତ ସୁବ୍ୟବସ୍ଥିତ ଭାବରେ ପରିଚାଳନା କରିବା ନେଇ ବୁଦ୍ଧିଜିବୀ ଫୋରମ ପକ୍ଷରୁ ଏକ ସ୍ମାରକପତ୍ର ଦେବୋତର ବିଭାଗ ଅତିରିକ୍ତ କମିଶନରଙ୍କୁ ପ୍ରଦାନ କରାଯାଇଛି । ତିନିଦିନିଆ ବୌଦ୍ଧ ଜିଲ୍ଲା ଗସ୍ତରେ ଆସି ଅତିରିକ୍ତ କମିଶନର ମାନସ ରଞ୍ଜନ ସାମନ୍ତରାୟ ଜିଲାର ବିଭିନ୍ନ ମନ୍ଦିର ପରିଦର୍ଶନ କରି ନୀତିକାନ୍ତି ଓ ପରିଚାଳନା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି । ପୁରୁଣାକଟକ ଭୈରବୀ ମନ୍ଦିର, ମନମୁଣ୍ଡା ସୁବର୍ଣ୍ଣପାଲିର ସୁବର୍ଣ୍ଣମେରୁ ମହାଦେବ ଓ ଶ୍ରୀଦଧିବାମନଜିଉ ମନ୍ଦିର, ଜଗତିର ଗନ୍ଧରାଡି ଓ ହନୁମାନ ମନ୍ଦିର, ବୌଦ୍ଧ ସହରର ଐତିହାସିକ ରାମନାଥ ମନ୍ଦିର, ଶ୍ରୀଚନ୍ଦ୍ରଚୂଡ ମନ୍ଦିର, ମଦନମୋହନ ମନ୍ଦିର, ଭୈରବୀ ମନ୍ଦିର ଓ ଶ୍ରୀଜଗନ୍ନାଥ ମନ୍ଦିର ଦେବୋତର ଇନିସପେକ୍ଟର ହେମନ୍ତ କୁମାର ଦାଶ ଙ୍କ ସହିତ ପରିଦର୍ଶନ କରିଥିଲେ । ଜିଲାରେ ରହିଥିବା ତିନି ଶହରୁ ଅଧିକ ପୁରାତନ ଓ ନୂତନ ମନ୍ଦିର ସବୁ ଦେବୋତର ବିଭାଗ ଦ୍ୱାରା ଅଧିଗ୍ରହଣ କରାଯିବା । ଜିଲାରେ ଦୋବୋତର ବିଭାଗର ସ୍ୱତନ୍ତ୍ର କାର୍ଯ୍ୟାଳୟ ଖୋଲାଯାଇ ଜଣେ ଅଧିକାରୀଙ୍କୁ ଅବସ୍ଥାପିତ କରାଯିବା । ଜିଲାରେ ରହିଥିବା ସମସ୍ତ ମନ୍ଦିରଗୁଡିକୁ ଦୋବୋତର ବିଭାଗ ଅଧିନକୁ ଅଣାଯାଇ ଶୃଙ୍ଖଳିତ ପରିଚାଳନାର ବ୍ୟବସ୍ଥା କରାଯିବା । ଜିଲାରେ ଏବେ ଅଧିଗ୍ରହଣ ହୋଇଥିବା ୧୫ ଟି ମନ୍ଦିରର ସୁପରିଚାଳନା ନିମନ୍ତେ ଦେବୋତର ବିଭାଗ ପକ୍ଷରୁ ନିୟମ ଅନୁଯାୟୀ ମନ୍ଦିର ପରିଚାଳନା କମିଟି ମାନ ଗଠନ କରାଯିବା ସହିତ ନିୟମିତ ତଦାରଖ କରାଯିବା । ସମସ୍ତ ମନ୍ଦିରର ଅଧିନରେ ରହିଥିବା ସ୍ଥାବର ଅସ୍ଥାବର ସମ୍ପତିର ପୁନଃରୁଦ୍ଧାର କରାଯିବା ନେଇ ବୁଦ୍ଧିଜିବୀ ଫୋରମ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି । ବୁଦ୍ଧିଜିବୀ ଫୋରମ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳି ଅତିରିକ୍ତ କମିଶନରଙ୍କ ସହ ଆଲୋଚନା କରିବା ସହ ସ୍ମାରକପତ୍ର ପ୍ରଦାନ କରି ଦିଆଯାଇଥିବା ପ୍ରସ୍ତାବ ସଂପର୍କରେ ଗୁରୁତ୍ୱର ସହ ବିଚାର କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଥିଲେ । ପ୍ରତିନିଧି ମଣ୍ଡଳିରେ ଆବାହକ ଗୁରୁପ୍ରସାଦ ଦାଶ, ସଦସ୍ୟ ସମ୍ପଦ କୁମାର ଅଗ୍ରୱାଲା, ଦେବାଶିଷ ପୁରୋହିତ, ସୂର୍ଯ୍ୟନାରାୟଣ ଶତପଥି, ପ୍ରତାପ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

# ମୁଖ୍ୟ ଶାସନ ସଚିବଙ୍କ ମୋଟୁ ଗସ୍ତ: ସ୍ୱାଭିମାନ ଅଞ୍ଚଳରେ ଅଧିବାସୀଙ୍କ ଅଭିଯୋଗ ଶୁଣିଲେ



ମାଲକାନଗିରି,୧୫/୦୪ (ନି.ପ୍ର): ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ୪ ଦିନିଆ ଅବିଭକ୍ତ କୋରାପୁଟ ଗସ୍ତ ଅବସରରେ ଗତକାଲି ମାଲକାନଗିରି ଜିଲ୍ଲା ଗସ୍ତ କରିଥିଲେ । ମାଲକାନଗିରି ଜିଲ୍ଲାରେ ସମିକ୍ଷା ବୈଠକରେ ଯୋଗଦେବା ପରେ ଅପରାହ୍ନରେ ଶ୍ରୀ ମହାପାତ୍ର ମାଲକାନଗିରିର ମାଓ ପ୍ରବଣ ତଥା ଉପାନ୍ତ କାଲିମେଳା ବ୍ଲକର ଛତିଶଗଡ଼ ସୀମାନ୍ତରେ ଅବସ୍ଥିତ ମୋଟୁ ଗସ୍ତ କରିଥିଲେ। ଜଣେ ମୁଖ୍ୟଶାସନ ସଚିବ ଭାବରେ ଓଡ଼ିଶାର ଶେଷ ସୀମାନ୍ତ ମୋଟୁ ଗସ୍ତ କରିବା ହେଉଛି ପ୍ରଥମ ଘଟଣା।

ମୋଟୁର ସାବେରୀ ନଦୀ ଉପରେ ଛତିଶଗଡ଼ ସରକାରଙ୍କ ପକ୍ଷରୁ ନିର୍ମାଣ କରଯାଉଥିବା ସେତୁ କାମ କିପରି ଶୀଘ୍ର ସଂପୂର୍ଣ୍ଣ ହେବ ସେ ସଂପର୍କରେ ଠିକାଦାର ଓ ଛତିଶଗଡ଼ ସରକାରଙ୍କ ବିଭାଗୀୟ ଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ସିଲେରୁ ଓ ସାବେରୀ ନଦୀର ସଂଗମ ସ୍ଥଳ ମୁଗି ପଏଂଟ ଗସ୍ତ କରିଥିଲେ। ସେଠାରେ ଥିବା ମଧୁସୁଦନ ପାର୍କ ବୁଲି ଦେଖିଥିଲେ। ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପୋଲାଭରମ ପ୍ରକଳ୍ପ ଯୋଗୁଁ ଏହି ସଂଗମ ସ୍ଥଳଟି ବୁଡ଼ି ଯାଉଥିବାର ସ୍ଥାନୀୟ ଲୋକମାନେ ଅବଗତ କରିଥିଲେ। ମୋଟୁରେ ନିର୍ମାଣ ଚାଲିଥିବା ନୂଆ ବସଷ୍ଟାଣ୍ଡ ଓ ୫ଟି ହାଇସ୍କୁଲକୁ ବୁଲି ଦେଖିବାପରେ ଏହାପରେ ଆନ୍ଧ୍ର ସରକାରଙ୍କ ଦ୍ୱାରା ନିର୍ମିତ ହୋଇଥିବା କାଲେରୁ ସେତୁ ପରିଦର୍ଶନ କରି ରାତିରେ ମାଲକାନଗିରି ଫେରିଯାଇଥିଲେ।

ଆଜି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସ୍ୱାଭିମାନ ଅଞ୍ଚଳରେ ପହଞ୍ଚି ସେଠାକାର ଅଧିବାସୀଙ୍କ ଅଭିଯୋଗ ଶୁଣିଥିଲେ। ଏହାଛଡ଼ା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ହନ୍ତାଳଗୁଡା ବିଏସଏଫ ଶିବିରରେ ଯବାନମାନଙ୍କ ସହ ଆଲୋଚନା କଲେ।

## ଜୁଆ ଆଡ୍ଡା ଉପରେ ଚଢ଼ାଉ: ୯ ଗିରଫ

ଜୟପୁର,୧୫/୦୪ (ନି.ପ୍ର): ଜୟପୁର ସହରରେ ଜୁଆ ଖେଳ ଚାଲୁଥିବା ବେଳେ ଟାଉନ ପୋଲିସ ଚଢ଼ାଉ କରିଛି । ସହରର ଜୁଆ ଖେଳ ଚାଲୁଥିବା ବେଳେ ପୋଲିଚ ଚଢାଉ କରି ୩ ଜଣ ଜୁଆଡ଼ିକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ପୁରୁଣାଗଡ ହରି ପୁଜାରି, ରାଜୁ ସାହିର ସନ୍ତୋଷ କୁମାର ନାୟକ, କୁମ୍ଭାର ସାହିର ପ୍ରକାଶ ନାଗ । ଗିରଫ ଅଭିଯୁକ୍ତ ମାନଙ୍କ ଠାରୁ ୮ ହଜାର ୨ ଶହ ୩୦ ଟଙ୍କା ତାସ କାର୍ଡ କୁ ଜବତ କରିଥିବା ଟାଉନ ଥାନା ଅଧିକାରି ସଞ୍ଜୟ କୁମାର ମଣ୍ଡଳ ସୁଚନା ଦେଇଛନ୍ତି । ସେହିପରି ଜୟପୁର ସଦର ଥାନା ଅନ୍ତର୍ଗତ ମୁଖିଖୁଡୁପି ଗ୍ରାମରେ ଜୁଆ ଖେଳ ଚାଲୁଥିବା ପୋଲିସ ଖବର ପାଇ ଚଢାଉ କରିଛି । ପୋଲିସ କୁ ଦେଖି ଜୁଆଡ଼ି ଚମ୍ପଟ ମାରିଥିବା ବେଳେ ୫ ଜଣକୁ ଗିରଫ କରିବା ରେ ସଫଳ ହୋଇଛି । ଗିରଫ ୫ ଜଣ ଙ୍କ ଠାରୁ ୧୨ ହଜାର ଟଙ୍କା, ଜୁଆ ଖେଳ ସରଞ୍ଜାମ ଜବତ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲ ଲୋକ ନାଥ ଖରା, ପୁଣ୍ଡ ପାଙ୍ଗି, ରୁପ ଧର ଖରା, ବୁଲୁ ହରିଜନ, ଜଲକ ନାଥ ହରଜିନ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ଖୁଜୁଖୁଡି ଖେଳ ଖଲୁଥିବା ପୋଲିସ ସ୍ୱିକାର କରିଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ଅଚେତ ଯୁବକକୁ ଉଦ୍ଧାର କଲା ପୁଲିସ

କୋରେଇ,୧୫/୦୪ (ନି.ପ୍ର): ପାଣିକୋଇଲି ଥାନା ଅର୍ନ୍ତଗତ ୧୬ ନମ୍ବର ଜାତୀୟ ରାଜପଥର ସିଙ୍ଗଡା ପୋଲ ନିକଟରେ ରାସ୍ତା କଡରେ ଏକ ସ୍କୁଟି ଉପରେ ଜଣେ ଯୁବକ ଚେତାଶୂନ୍ୟ ଅବସ୍ଥାରେ ପଡି ରହିଥିବା ବେଳେ ଜାତୀୟ ରାଜପଥ ପୋଟ୍ରୋଲଇଙ୍ଗ ପୁଲିସ ତାକୁ ଉଦ୍ଧାର କରିଛି । ଖବର ପାଇ ଘଟଣାସ୍ଥଳେ ଜାତୀୟ ରାଜପଥ ପୋଟ୍ରୋଲିଙ୍ଗ ଏସଆଇ ଅଶୋକ କୁମାର ବଳ ସଦଳବଳେ ପହଂଚି ପ୍ରଥମେ ତାକୁ ପାଣିକୋଇଲି ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଇଥିଲେ । ତାର ଅବସ୍ଥାରେ କୌଣସି ପରିବର୍ତନ ନହେବାରୁ ବା ଆମ୍ବୁଲାନ୍ସ ଆସିବା ଡେରି ହେବାରୁ ଶ୍ରୀ ବଳ ପୋଟ୍ରୋଲିଙ୍ଗ ଗାଡିରେ ତାଙ୍କ ସହକର୍ମୀ ଓ ଗୃହରକ୍ଷି ବାହିନୀ ସହ ନିଜେ ନେଇ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତିକରି ଚିକିତ୍ସା କରାଇଥିଲେ । ଚିକିତ୍ସା ପରେ ଉକ୍ତ ଯୁବକ ଜଣଙ୍କ ବାଲେଶ୍ୱର ସୋର ଅଂଚଳର ପ୍ରଭାକର ବେହେରା ବୋଲି ଜଣାପଡିଥିଲା । ସେ କଟକ ବଡ ମେଡିକାଲରେ କ୍ୟାଂଟିନରେ କାମ କରେ । ଦରମା ନେଇ ଘରକୁ ଫେରୁଥିବା ବେଳେ କୌଣସି ଦୃର୍ବୃତ ତାଙ୍କୁ ନିଶା ସ୍ପ୍ରେ କରିଥିବା ଅନୁମାନ କରାଯାଉଛି । ଯାହା ଫଳରେ ସେ ରାସ୍ତା କଡରେ ଚେତାଶୂନ୍ୟ ଭାବେ ପଡି ରହିଥିଲେ । ତାଙ୍କ ନିକଟରେ ଥିବା ୨୨ହଜାର ଟଙ୍କା ଓ ମୋବାଇଲ ଚୋରି ହୋଇଥିବା ଜଣାପଡିଛି । ଏନେଇ ଶ୍ରୀ ବଳ ତାଙ୍କ ପରିବାର ସହ ଯୋଗାଯୋଗ ମଧ୍ୟ କରିଛନ୍ତି । ସେମାନଙ୍କୁ ଯାଜପୁର ଚିକତ୍ସାଳୟରେ ପହଂଚିବାକୁ କୁହାଯାଇଛି । ଏଥି ସହିତ ସ୍କୁଟିଟିକୁ ତାର ପରିବାରକୁ ହସ୍ତାନ୍ତର କରାଯିବ । ପୁଲିସ ଓ ଗୃହରକ୍ଷି ବାହିନୀର ଏତାଦୃଶ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି । ପୁଲିସର ଏଭଳି ମାନବୀୟ କାର୍ଯ୍ୟକୁ ନେଇ ସାଧାରଣ ଚର୍ଚ୍ଚା ଜୋର ଧରିଛି।

## ଆମ ଅଦମୀ ପାର୍ଟିର ଜିଲାସ୍ତରୀୟ ବୈଠକ

ଧର୍ମଶାଳା,୧୫/୦୪ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାଠାରେ ଗୁରୁବାର ପୂର୍ବାହ୍ନରେ ଆମ ଆଦମୀ ପାର୍ଟିର ଏକ ଜିଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡିଶାରେ ୨ଶହ ୟୁନିଟ୍ ବିଦ୍ୟୁତ୍ ଦେୟ ମୁକ୍ତ ବିଜୁଳି ଆନ୍ଦୋଳନ ପାଇଁ ଏହି ବୈଠକରେ ଆହ୍ୱାନ ଦିଆଯାଇଥିଲା । ଏହି ବୈଠକରେ ଆମ ଆଦମୀ ପାର୍ଟିର ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ପରେ ଏଡାରେ ଏକ କାର୍ଯ୍ୟାଳୟ ଗୃହକୁ ଉଦଘାଟନ କରିଥିଲେ । ଦିଲ୍ଲୀ ସରକାରର ଉଦାହରଣ ଦେଇ ଆମ ଆଦମୀ ପାର୍ଟି ହିଁ ବିଜୁଳି,ପିଇବା ପାଇଁ ସ୍ୱଚ୍ଛ ପାଣି,ଶିକ୍ଷା,ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସୁଧକ୍ଷାର ଆଣିବା ସହ ସ୍ଥାନୀୟ ଲୋକମାନଙ୍କୁ ନିଯୁକ୍ତିର ସୁଯୋଗ ଦେବ ବୋଲି ଦୃଢୋକ୍ତି ପ୍ରକାଶ କରିବା ସହ ଆଗାମୀ ଦିନରେ ବିଜୁଳି ଦେୟ ମୁକ୍ତ ନ ହେବା ଯାଏ ଏହି ଆନ୍ଦୋଳନ ରାଜ୍ୟ ବ୍ୟାପି କରାଯିବ ବୋଲି ଶ୍ରୀ ମହାପାତ୍ର ଚେତାବନୀ ଦେଇଥିଲେ । ଆବାହକ ମନୋଜ ମହାନ୍ତିଙ୍କ ଆବାହକରେ ଅନୁଷ୍ଠିତ ଏହି ବୈଠକରେ ପାର୍ଟିର ବରିଷ୍ଠ ନେତ୍ରୀ ବିଜୟାଲକ୍ଷ୍ମୀ,ସନ୍ଦୀପ ଦାସ ଓ ପୁଲିନ ଖୁଂଟିଆ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ କର୍ମୀ ନିରୋଦ ସେଠୀ ସଭା ପରିଚାଳନା କରିଥିଲେ । ଏହି ବୈଠକରେ ଜିଲାର ବିଭିନ୍ନ ବ୍ଲକରୁ ବହୁ ଯୁବ କର୍ମୀ ସାମିଲ ହୋଇଥିଲେ । କର୍ମୀମାନେ ଗାଁଗାଁ ବୁଲି ପ୍ରତ୍ୟେକ ଘରେ ପଂହଚି ଦେୟ ମୁକ୍ତ ବିଦ୍ୟୁତ୍ ବିଲ ପାଇଁ ଦସ୍ତଖତ ସଂଗ୍ରହ କରିବାକୁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଥିଲା ।

# ବିଭିନ୍ନ ଅନୁଷ୍ଠାନ ଓ ପାଣିକୋଇଲି ଥାନା ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ

କୋରେଇ,୧୫/୦୪ (ନି.ପ୍ର): ମହା ବିଷୁବ ସଙ୍କ୍ରାନ୍ତି ଉପଲକ୍ଷେ ଆଜି ପାଣିକୋଇଲି ଥାନା ଓ ଆମେ ବିପଦରେ ସାଥି ଓ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ, ବିଭିନ୍ନ ପଂଚାୟତ ଓ ଅନୁଷ୍ଠାନ ପକ୍ଷରୁ ଜଳଛତ୍ରର ଆୟୋଜନ କରାଯାଇଛି । ପାଣିକୋଇଲି ଥାନା ପକ୍ଷରୁ ଓଭରବ୍ରିଜ ତଳେ ଖୋଲାଯାଇଥିବା ଜଳଛତ୍ରକୁ ଥାନାଧିକାରୀ ଚିନ୍ମୟୀ ବେହେରା ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିବା ବେଳେ ଆମ ପୁଲିସ ସଦସ୍ୟ ସୁବାସ ଧଳ, ତାରିଣୀ ପଟ୍ଟନାୟକ, ଆମେ ବିପଦରେ ସାଥି ସଭାପତି ଅଶୋକ କମ୍ଭାର ବେହେରା, ସନ୍ତୋଷ ମହାନ୍ତି ସମତେ ଥାନାର ସମସ୍ତ ଅଧିକାରୀ /କର୍ମଚାରୀ ଯୋଗଦେଇଥିଲେ । ସେହିପରି ଆମେ ବିପଦରେ ସାଥି ସଙ୍ଗଠନ ପକ୍ଷରୁ ପ୍ରତିବର୍ଷ ଭଳି ସଠିପୁର ବଜାରରେ ବ୍ୟବସାୟୀ ସଙ୍ଘ ସହୟତାରେ ଏକ ମାସ ପାଇଁ ଜଳଛତ୍ର ଉଦ୍ଘାଟିତ ହୋଇଛି । ଉଦ୍ଘାଟକ ଭାବେ କୋରାଇ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାମର ଦାସ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ସୁବାସ ଧଳ, ତାରିଣୀ ପଟ୍ଟନାୟକ, ଅଶୋକ ବେହେରା, ସୁଧାଶଙ୍କର ବିଶ୍ୱାଳ, ଅଭୟ ସାହୁ, ସୁବାସ ସାହୁ, ଶ୍ରୀନିବାସ ସାହୁ ମନୋରଂଜନ ସାହୁ, ନୃସିଂହ ସାହୁ, ସୁଶାନ୍ତ ସେନାପତି, ବାଦଲ ନାୟକ, ତପନ ମହାନ୍ତି, ଅଜୟ ପୃଟ୍ଟି, ସୁଦର୍ଶନ କୁଣ୍ଟୁ, ଶ୍ୟାମ ସୁନ୍ଦର ଦାସ, ପ୍ରକାଶ ପାଣିଗ୍ରାହୀ, କୁନିଆ ପାଳ, ବଳରାମ ସାହୁ, ଶୁଭ୍ରାଂଶୁ ସାହୁ ପ୍ରମୁଖ ଯୋଗଦେଇଥିଲେ । ସେହିପରି ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ ପକ୍ଷରୁ ରାଜପଥ କଡ ଗୋଳେଇପୁର ଛକ ଠାରେ ଜଳ ଛତ୍ର ଖୋଲାଯାଇଛି । ଏହାକୁ ସବଇନ୍ସପେକ୍ଟ ଅଶୋକ କୁମାର ବଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଅତିଥିଭାବେ ସରପଂଚ ସସ୍ମିତା ମାଝୀ, ସମିତିସଭ୍ୟା ପୂର୍ଣ୍ଣିମା ମାଝୀ, ପୂର୍ବତନ ସମିତିସଭ୍ୟା ଭାନୁପ୍ରଭା କରଣ, ଚନ୍ଦ୍ରକାନ୍ତ ଖଣ୍ଡାଇ ଯୋଗେଦେଇଥିଲେ । ସଭାପତି ଅଶୋକ କୁମାର ଦାସ, ରମେଶ ଦାସ, ସରୋଜ ସାହୁ, ଅମର ସାହୁ, ପ୍ରମୋଦ ଦଳାଇ, ହରେକୃଷ୍ଣ ସାହୁ, ପ୍ରଶଂଜିତ ପଣ୍ଡା, ମଙ୍ଗୁଳି ବୋଷ, ଗଦାଧର ଦାସ, ଆକାଶ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ପରି ପ୍ରତ୍ୟେକ ପଂଚାୟତ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜଳଛତ୍ରର ଆୟୋଜନ କରାଯାଇଛି ।

# ଧର୍ମଶାଳା ବିଜୁ ମହିଳା ଜନତା ଦଳ ଓ ଛାତ୍ର ଜନତା ଦଳ ପକ୍ଷରୁ ଜଳଛତ୍ର କାର୍ଯ୍ୟକ୍ରମ

ଧର୍ମଶାଳା,୧୫/୦୪ (ନି.ପ୍ର): ମହାବିଷୁବ ସଂକ୍ରାନ୍ତି ଏବଂ ଓଡିଆ ନବ ବର୍ଷ ଅବସରରେ ଯାଜପୁର ଜିଲା ଧର୍ମଶାଳା ବିଜୁ ମହିଳା ଜନତା ଦଳ ଓ ଛାତ୍ର ବିଜୁ ଜନତା ଦଳ ପକ୍ଷରୁ ଏକ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମହିଳା ସଭାନେତ୍ରୀ ବିଶ୍ୱବନ୍ଦନା ଜେନାଙ୍କ ତତ୍ୱବଧାନରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗ ଦେଇ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଜଳଧର ମହାନ୍ତି,ଜିଲା ପରିଷଦସଭ୍ୟା ପ୍ରଣତି ଲେଙ୍କା,ସ୍ମୃତିରେଖା ବେହେରା,ଭାଗ୍ୟଧର ସେଠୀ,ବିଜେଡି ନେତା ଜଳଧର ସାହୁ,ଡ. ପ୍ରିୟନାଥ ମହାପାତ୍ରଙ୍କ ସମେତ ସ୍ଥାନୀୟ ସରପଂଚ ଓ ସମିତିସଭ୍ୟସଭ୍ୟାଙ୍କ ସହ ବିଜୁ ଜନତା ଦଳର ମହିଳାନେତ୍ରୀ ଉପସ୍ଥିତ ରହିଥିଲେ । ସେହିପରି ଧର୍ମଶାଳା ମହାବିଦ୍ୟାଳୟ ସମ୍ମୁଖରେ ଧର୍ମଶାଳା ଛାତ୍ର ଜନତା ଦଳ ପକ୍ଷରୁ ଏକ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି । କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ଉଦଘାଟନ କରିଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କ ସମେତ ସମସ୍ତଛାତ୍ର ନେତା ଉପସ୍ଥିତ ରହିଥିଲେ। ବିଶେଷ କରି ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବ୍ଲକର ବିଭିନ୍ନ କାର୍ଯ୍ୟରେ ଆସୁଥିବା ଓ ବାଟୋଇମାନେ ତୃଷ୍ଣା ମେଂଟାଇବାରେ ଏହା ସହାୟକ ହେବ ବୋଲି କୁହାଯାଇଛି ।

## ବିଶ୍ୱର ଷ୍ଟାଇଲିସ ସେଲଫୋନ ଟାୱାର



ମୋବାଇଲ ଫୋନରେ ବ୍ୟବହାର ବଢ଼ିଚାଲିବା ସାଙ୍ଗକୁ ଗାଁଠାରୁ ସହର ଚାରିଆଡେ ମାଳମାଳ ଟାୱାର ଦେଖାଯାଉଛି । ତେବେ ଏପରି କେତେକଟାୱାର ରହିଛି ଯାହାକୁ ଦେଖିଲେ ଆଶ୍ଚର୍ଯ୍ୟ ନହୋଇ ରହିପାରିବେ ନାହିଁ । ଦେଶପାରିବେ ନାହିଁ । ଦେଶବିଦେଶରେ ଏମିତି ଟାୱାରବେଶ୍ ଚର୍ଚ୍ଚାରେ ରହିଛି ।

ହଠାତ୍ ଦେଖିଲେ ଖଜୁରି ଗଛ ପରି ମନେହେବ । ଗଛର ଗଠନ ଏବଂ ପତ୍ର ଅବିକଳ ଖଜୁରି ଗଛ ପରି । କିନ୍ତୁ ନିରିଖେଇ ଦେଖିଲେ ଜାଣିବେ ଯେ ଏହା ଗଛ ନୁହେଁ ଏକ ସେଲଫୋନ ଟାୱାର । ଖଜୁରି ଗଛ ଆକୃତିରେ ଏକାଧିକ ଟାୱାର ବିଭିନ୍ନ ସ୍ଥାନରେ ରହିଛି । ଏହା ଦେଖିବାକୁ ସୁନ୍ଦର ଏବଂ ବେଶୀ ଜାଗା ମଧ୍ୟ ଦରକାର କରିନଥାଏ । ଏହି ମନୋପୋଲ ଟାୱାରଟି ତଳୁ ଦେଖିବାକୁ ସାଧାରଣ ଇଲେକ୍ଟ୍ରିକ୍ ଖୁଣ୍ଟ ପରି । ଏହାକୁ ଏବେ ସୁନ୍ଦର ରୂପ ଦେବା ଲାଗି ବିଭିନ୍ନ ଶୈଳୀରେ ସଜାଯାଉଛି ।



ସକାଳୁସକାଳୁ ଘରର ଆଗରେ ବଡ଼ ଟ୍ୟୁଲିପ ଫୁଲ କିମ୍ବା ଦେବଦାରୁ ଗଛଟିଏ ଦେଖିଲେ ଆଦୌ ଚମକିବେନି । ଏପରିକି ନାଗଫେଣି ଗଛ ବି ଦେଖାଯାଇପାରେ । ଏହି ଗଛଗୁଡ଼ିକ ମଣିଷ ବଦଳରେ ମୋବାଇଲ ଫୋନର ସ୍ୱାସ୍ଥ୍ୟ ପାଇଁ କାମ କରନ୍ତି । ଅର୍ଥାତ୍- ନେଟୱାର୍କ ସଠିକ ରଖିପାରନ୍ତି । ଆମେରିକା, ଇଟାଲି; ପର୍ତ୍ତୁଗାଲ, ଦକ୍ଷିଣ କୋରିଆ, ଇଂଲଣ୍ଡ ପରି ଦେଶର ବିଭିନ୍ନ ସହରରେ ଏଭଳି ଆକୃତିର ସେଲଶଫୋନ ଟାୱାର ଦେଖାଯାଏ । ଖୁବ୍ କମ ଜାଗାରେ ନାଗଫେଣଇ, ତାଳ, ଦେବଦାରୁ, ପତାକା ଖୁଣ୍ଟି, ଚର୍ଚ୍ଚ ବେଲ ଭଳି ଆକାରରେ ଏହି ଟାୱାରଗୁଡ଼ିକ ଗ୍ରାହକଙ୍କ ସେବାରେ ଲାଗିଥାନ୍ତି । କେତେକ ଟାୱାରର ରୂପ ଏପରି ଯେ ବଡ଼ ବଡ଼ ସ୍ଥପତି ବି ଏହାକୁ ଦେଖିଲେ ବିଶ୍ୱାସ କରିପାରନ୍ତି ନାହିଁ ଯେ ଏଗୁଡ଼ିକ ସେଲ୍‌ଫୋନ୍ ଟାୱାର । ଦେଶରେ ବି ଏପରି ଡିଜାଇନର ଟାୱାର ଅଭାବ ନାହିଁ । ବିଶେଷ କରି ରିଲାଏନ୍ସ ଜିଓ କମ୍ପାନୀ ଏପରି ଟାୱାର ପ୍ରତିଷ୍ଠା କରିଚାଲିଛି । ଜିଓର ବ୍ୟବସାୟ ସହିତ ସାରା ଦେଶରେ ୪ଜି ସେବା ଯୋଗାଇବା ଲାଗି କମ୍ପାନୀ ଏପରି ଅଦ୍ଭୁତ ଟାୱାର ପ୍ରତିଷ୍ଠା କରୁଛି । ମୁମ୍ବାଇ, ହାଇଦ୍ରାବାଦ, ଜାମସେଦପୁର, ଚଣ୍ଡିଗଡ, ଆଦି ସ୍ଥାନରେ ଏପରି ଚମତ୍କାରୀ ଜିଓ ଟାୱାର ଦେଖିପାରିବେ ।

-୧୯୯୬ ମସିହାରେ କେପ୍ଟାଉନରେ ବିଶ୍ୱର ପ୍ରଥମ ଗଛ ପରି ଦେଖାଯାଉଥିବା ସେଲଫୋନ ଟାୱାର ଲଗାଯାଇଥିଲା । ଏହି ଟାୱାରଟି ତାଳଗଛ ପରି ଦେଖାଯାଉଥିବା ବେଳେ ଏହାକୁ ବିଷାକ୍ତ ତତ୍ତ୍ୱମୁକ୍ତ ପ୍ଲାଷ୍ଟିକରେ ତିଆରି କରାଯାଇଥିଲା ।

-୨୦୧୫ ମସିହାରେ ଦେଶର ପ୍ରଥମ ମନୋପୋଲ ଟାୱାର ଜାମସେଦପୁରଠାରେ ଲାଗିଥିଲା । ଏହା ମଧ୍ୟ ତାଳଗଛ ପରି ହୋଇଥିବାବେଳେ ଉଚ୍ଚତା ଥିଲା ୩୫ ମିଟର ।

ସେବା ସହିତ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ହେଉଛି । ଏହି ପ୍ରୋଜେକ୍ଟରେ ଜିଓ ସହିତ ଅନ୍ୟ ମୋବଇଲ ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକ ବି ସାମିଲ ହୋଇଛନ୍ତି । ପୁରୁଣା ଟାୱାର ତୁଳନାରେ ଏହି ମନୋ ପୋଲଗୁଡ଼ିକ ୫୦ଗୁଣ କମ ଜାଗା ଦରକାର କରୁଛନ୍ତି । ପ୍ରି- ଫାବ୍ରିକେଟେଡ ମ୍ୟାଟେରିଆଲରେ ନିର୍ମିତ ଏହି ଟାୱାର ମାତ୍ର୫-୬ ଘଣ୍ଟା ଭିତରେ ଲଗାଯାଇପାରୁଛି । କେବଳ ମୋବାଇଲ ନେଟୱାର୍କ ନୁହେଁ, ରାସ୍ତାର ଲାଇଟ୍ ଯାତାୟାତ ନିୟନ୍ତ୍ରଣ ଲାଗି କ୍ୟାମେରା ଏବଂ ବାୟୁର ମାନ ପରୀକ୍ଷଣ ଲାଗି ଉପକରଣ ଆଦି ଏଥିରେ ଲାଗିପାରୁଛି । ଗୋଟିଏ ସ୍ଥାନରେ ଏକାଧିକ ସେବା କାର୍ଯ୍ୟ କରିପାରୁଛି । ଏଭଳି ମନୋପୋଲ ଟାୱାର କାର୍ଯ୍ୟ କରିବା ଲାଗି ଅଧିକ ବିଦ୍ୟୁତ ଶକ୍ତି ଆବଶ୍ୟକ ହୋଇନଥାଏ । ସାଧାରଣ ଟାୱାର ପରିଚାଳନା ପାଇଁ ପ୍ରାୟ ୨.୫ କିଲୋୱାଟ ବିଦ୍ୟୁତ ଏବଂ ଜେନେରେଟରର ଆବଶ୍ୟକତା ଜରୁରୀ ଥିବା ବେଳେ ଏହି ଟାୱାରଗୁଡ଼ିକ ମାତ୍ର ୭୫୦ ୱାଟ୍ ବିଦ୍ୟୁତରେ କାର୍ଯ୍ୟ କରିପାରନ୍ତି । ଏହି ବିଦ୍ୟୁତ ବ୍ୟାଟେରିରୁ ମିଳିଯାଇଥାଏ । ସ୍ପେକ୍ଟ୍ରମ ଆଧାରରେ ଏହାର ରେଞ୍ଜ ୩୦୦ରୁ ୫୦୦ ମିଟର ମଧ୍ୟରେ ରହେ । ଏଥିରେ ବିଦ୍ୟୁତ ଉପକରଣ ରଖିବା ଲାଗି ସ୍ଥାନ କିମ୍ବା ଏୟାର କଣ୍ଡିସନର ଦରକାର ହୁଏ ନାହିଁ । ସବୁ ଜିନିଷ ଖମ୍ବ, ଭିତରେ ଥିବା ଖାଲିସ୍ଥାନରେ ରହିପାରେ । ଏହି କାରଣରୁ ଏଭଳି ଟାୱାର ମଧ୍ୟ ପ୍ରଦୂଷଣମୁକ୍ତ ।







## ଖାଦ୍ୟର ସ୍ୱାଦ ବଢ଼ିବ

**ପ୍ରତ୍ୟେକ ମହିଳା ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଖୁବ୍ ସ୍ୱାଦିଷ୍ଟ ହେଉ ବୋଲି ଇଚ୍ଛା କରିଥାନ୍ତି । ଯଦି ରୋଷେଇ କରିବା ସମୟରେ ଏମିତି କେତେକ ଛୋଟ ଛୋଟ କଥା ପ୍ରତି ଦୃଷ୍ଟି ଦେବେ, ଜିନିଷ ନଷ୍ଟ ହେବନି ଏବଂ ଖାଦ୍ୟର ସ୍ୱାଦ ନିଶ୍ଚୟ ବଢ଼ିବ ।**

- ଘରେ ପନିର ବା ଛେନା ପ୍ରସ୍ତୁତ କରୁଥିଲେ ଏହାର ବଳକା ପାଣିରେ ଅଟା ଚକଟି ଦିଅନ୍ତୁ । ଏଥିରେ ହେଉଥିବା ପରଟାର ସ୍ୱାଦ ନିଆରା ।
- ଦହିବରାକୁ ଅଧିକ ସ୍ୱାଦିଷ୍ଟ ଏବଂ ନରମ କରିବା ଲାଗି ବିରି ବଟାରେ କିଛି ଦହି ମିଶାଇ ଫେଣ୍ଟିଦିଅନ୍ତୁ ।
- ଗଜାଶସ୍ୟ ଅଧିକ ସମୟ ସତେଜ ରଖିବା ଲାଗି ସେଥିରେ ଲେମ୍ବୁରସ ମିଶାଇ ଫ୍ରିଜରେ ରଖିବେ ।
- କଚୁଡି ସ୍ୱାଦିଟ୍ଟେ କରିବା ପାଇଁ ମଇଦାରେ ଅଳ୍ପ ଦହି ମିଶାଇ ଚକଟି ପାରିବେ ।
- ଦହି ବସାଇବା ସମୟରେ କ୍ଷୀରରେ ଦୁଇ ବଟାରିଖଣ୍ଡ କଟାନଡ଼ିଆ ପକାଇଦେଲେ ଦହି ୨-୩ ଦିନ ସତେଜ ରହିପାରେ ।




## ୱେଷ୍ଟ କୋଟ୍

ୱେଷ୍ଟକୋଟର ଚାହିଦା ଆଗରୁ ଥିଲା, ଆଜି ବି ରହିଛି । ପାଶ୍ଚାତ୍ୟ ରାଷ୍ଟ୍ରରେ ମହିଳାମାନେ ବହୁ ପୂର୍ବରୁ ୱେଷ୍ଟକୋଟ୍ ପରିଧାନ କରୁଥିଲେ ଗତ କିଛି ବର୍ଷ ହେବ ଏହି ଫେସନ ଭାରତକୁ ଆସିଛି । ବିଶେଷ କରି କର୍ମଜୀବୀ ମହିଳାମାନଙ୍କ କ୍ଷେତ୍ରରେ ଏହା ବେଶ୍ ଆଦୃତ । ୱେଷ୍ଟକୋଟ୍ ମହିଳାମାନଙ୍କୁ ସ୍ଲିମ୍, ଟ୍ରିମ ଲୁକ୍ ପ୍ରଦାନ କରେ । ତା ସହିତ ଏହାକୁ ସାର୍ଟ, କୁର୍ତ୍ତି, ୱାନପିସ ପରି ବିଭିନ୍ନ ଆଉଟଫିଟ୍ସରେ ଆପଣ ପିନ୍ଧି ପାରିବେ । ନିଜ ଲୁକ୍‌କୁ ଯଦି ଫର୍ମାଲ ଟଚ୍ ଦେବାକୁ ଚାହୁଁଛନ୍ତି, ତାହେଲେ ଜିନ୍ ବା ଫର୍ମାଲ ପ୍ୟାଣ୍ଟ ସହିତ ସାର୍ଟ ଏବଂ ତା ଉପରେ ୱେଷ୍ଟକୋଟ ପିନ୍ଧନ୍ତୁ । ଧଳା ସାର୍ଟ; ଉପରେ କଳା କିମ୍ବା ଗାଢ଼ ବା ଫିକା ନୀଳ ରଙ୍ଗର ୱେଷ୍ଟକୋଟ ଆପଣଙ୍କ ବ୍ୟକ୍ତିତ୍ୱକୁ ଆହୁରି ଆକର୍ଷଣୀୟ କରିବ । ପାର୍ଟି ବା ଉତ୍ସବକୁ ଯାଉଥିବା ବେଳେ ଆପଣ ଚମକଦାର ଆଉଟଫିଟ୍ସ ଉପରେ ରାଜସ୍ଥାନୀ ୱେଷ୍ଟକୋଟ ପିନ୍ଧନ୍ତୁ, ଦେଖିବେ ବ୍ୟକ୍ତିତ୍ୱର ଚମକ ଆସିଯିବ । ଫର୍ମାଲ ଓ ରାଜସ୍ଥାନୀ ସହିତ ଆଜିକାଲି ବଜାରରେ ଡେନିମ, ଫ୍ଲୋରାଲ, ଟ୍ରାଇବାଲ, ଜ୍ୟୋମେଟ୍ରିକ୍, ଏଥନିକ ପ୍ରଭୃତି ବିଭିନ୍ନ ଡିଜାଇନର ୱେଷ୍ଟକୋଯ ଉପଲବ୍ଧ । ଚେହେରା ଓ ବ୍ୟକ୍ତିତ୍ୱକୁ ସୁହାଇଲା ପରି ଆପଣ ନିଜ ପାଇଁ ମନପସନ୍ଦର ୱେଷ୍ଟ କୋଟ ବାଛି ପାରିବେ । ବର୍ତ୍ତମାନ ଡେନିମ ଏବଂ ରାଜସ୍ଥାନୀ ୱେଷ୍ଟକୋଟ ଚାହିଦା ବେଶୀ । କାରଣ ଏହାର ସଫ୍ଟ ଫେବ୍ରିକ ଶରୀରକୁ ଖରାଦାଉରୁ ରକ୍ଷା କରିଥାଏ ।




## ରାସ୍ତାଘାଟରେ ଗପସପ ଉପରେ କଟକଣା

ଲୋକମାନଙ୍କ ମଧ୍ୟରେ ଗପସପ କରିବା, ଜଣଙ୍କ ବିରୋଧରେ ଅନ୍ୟଜଣଙ୍କ ଆଗରେ କହିବା ଏକ ବଡ଼ ଅଭ୍ୟାସ । ସମୟ ମିଳିଲେ ଅନେକ ମନଇଚ୍ଛା ଆଲୋଚନା କରିଥାନ୍ତି । ଏହାର କିଛି ମୂଲ୍ୟ ଥାଉ ବା ନଥାଉ ସେଥିପ୍ରତି ଦୃଷ୍ଟି ଦେଇ ନଥାନ୍ତି । ତେବେ ଫିଲିପାଇନ୍ସରେ ଏପରି ଏକ ନିୟମ କରାଯାଇଛି, ଯାହା ସମସ୍ତଙ୍କୁ ଚକିତ କରିଛି । ବିନାଲୋନା ପ୍ରଶାସନ ଏହି ଆଇନ ଲାଗୁ କରିଛି । ମନିଲାଠାରୁ ୨୦୦ କିମି ଦୂର ଏକ ଗ୍ରାମରେ ଏହି ଆଇନ ଲାଗୁ ହୋଇଛି । ଆଇନ ଅନୁସାରେ ଲୋକେ ଗପସପ କରିପାରିବେ ନାହିଁ । ଯୁକ୍ତି ହେଉଛି, ଏହାଦ୍ୱାରା ଲୋକଙ୍କର ବୌଦ୍ଧିକ ଶକ୍ତି ପ୍ରଭାବିତ ହେଉଛି । ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଯଦି କୌଣସି ବ୍ୟକ୍ତି ଗପସପ କରୁଥିବା ଦେଖିବାକୁ ମିଳେ, ତବେ ତାଙ୍କ ଉପରେ ପ୍ରଥମ ଥର ପାଇଁ ୭୨୧ ଟଙ୍କା ଜୋରିମାନା ଏବଂ ୩ଘଣ୍ଟା ରାସ୍ତାରୁ ଅଳିଆ ଉଠାଇବାର କାମ କରାଯିବ । ଯଦି ଦ୍ୱିତୀୟ ଥର ପାଇଁ ସେ ଧରାପଡ଼ନ୍ତି, ତେବେ ଜୋରିମାନା ରାଶି ୧୪ସହ ଟଙ୍କା ଏବଂ ରାସ୍ତାରୁ ସଫେଇ କାମକୁ ୮ଘଣ୍ଟାକୁ ବୃଦ୍ଧି କରାଯିବ । ସ୍ଥାନୀୟ ମେୟର କହିଛନ୍ତି ଯେ, ଯଦି ଦୁଇଜଣ ଲୋକ ସେମାନଙ୍କ ଆର୍ଥିକ ସ୍ଥିତି ପ୍ରସଙ୍ଗକୁ ନେଇ ଆଲୋଚନା କରୁଥିବା ଜଣାପଡ଼ିବ, ତେବେ ଆଇନ ଅନୁଯାୟୀ ଏହା ଅପରାଧ ମାନ୍ୟ ହେବ । ସେ କହିଛନ୍ତି ଯେ, ଗପସପ ଦ୍ୱାରା ସମୟ ନଷ୍ଟ ହେଉଛି । ଏହାଦ୍ୱାରା ଲୋକଙ୍କୁ କିଛି ଫାଇଦା ମିଳୁ ନାହିଁ । ଅଯଥା ସମୟ ନଷ୍ଟ ନକରି ଭଲ କାମରେ ସମୟ ବିନିଯୋଗ କରିବା ପାଇଁ ଆମେ ଏହି ପଦକ୍ଷେପ ନେଇଛୁ ।

## ଡ୍ରଇଂ ରୁମ

**ଏବର ଯେତିକବାଦୀ ଯୁଗରେ ଡ୍ରଇଂରୁମ ଅତୀତର ବୈଠକଖାନା ହୋଇ ରହିନାହିଁ । ଏହି କୋଠରି ପରିବାର ତଥା ଗୃହସ୍ୱାମୀଙ୍କ ସ୍ତର, ବ୍ୟକ୍ତିତ୍ୱ ଏବଂ ରୁଚିର ଦର୍ପଣ ସଦୃଶ । ସେଥିପାଇଁ ଲୋକେ ଆଗପଛ ବିଚାର ନକରି ଏହାକୁ ସୁନ୍ଦର ତେବେ ବାସ୍ତୁଦୋଷ ଥିଲେ ଫଳ ଓଲଟା ହୁଏ ଏବଂ ପରିବାର ନାନାଦି ସମସ୍ୟାର ସମ୍ମୁଖୀନ ହୁଏ । ତେଣୁ ବାସ୍ତୁ ନିୟମ ଅନୁସରଣ କରନ୍ତୁ ।**

ବାୟବ୍ୟ କୋଣ ଡ୍ରଇଁରୁମ ପାଇଁ ଉତ୍ତମ । ତା' ସହିତ ଏହା ମୁଖ୍ୟ ପ୍ରଅବେଶଦ୍ୱାରା ନିକଟରେ ରହିବା ଉଚିତ୍ ।

ଫର୍ଣ୍ଣିଚର ପାଇଁ କୋଠରିର ଦକ୍ଷିଣ-ପଶ୍ଚିମ ଦିଗ ଭଲ । ଧ୍ୟାନ ଦିଅନ୍ତୁ ବସିବା ଲୋକଙ୍କ ମୁହଁ ଯେମିତି ପୂର୍ବ ଓ ଉତ୍ତର ଦିଗରେ ରହିବ ।

ଏହାର ପୂର୍ବ-ଉତ୍ତର କୋଣ ଖାଲି ରହିଲେ ଭଲ ।

ସୂର୍ଯ୍ୟକିରଣ ଯେପରୀ ଅବାଧରେ ପ୍ରବେଶ କରୁଥିବ ସେଥିପ୍ରତି ଦୃଷ୍ଟି ଦେବା ବାଞ୍ଛନୀୟ ।

କୋଠରିର ଆକାର ଅନୁସାରେ ସୋଫା ରଖନ୍ତୁ, ନା ବଡ଼ , ନା ସାନ ।

ସୋଫାର ସମ୍ମୁଖ କାନ୍ଥରେ ଘଣ୍ଟା ଲଗାନ୍ତୁ ।

ପରଦା, ସୋଫା କଭର, କୁସନ କଭର ପ୍ରଭୃତି ଗୋଟିଏ ରଙ୍ଗର ହେବା ଉଚିତ ।

ଭୟ ସୃଷ୍ଟିକରୁଥିବା କୌଣସି ପେଣ୍ଟିଂ , ଚିତ୍ର ବା ଫଟୋ ଲଗାନ୍ତୁ ନାହିଁ ।

କରିପାରର ମୃତ ସଦସ୍ୟଙ୍କ ଫଟୋ । ଦକ୍ଷିଣ-ପଶ୍ଚିମ କୋଣରେ ଲଗାଇ ପାରିବେ ।

ଏହି କୋଠରୀରେ ଜୋତା, ଚପଲ ନରଖିଲେ ଭଲ ।



## ପସନ୍ଦ କରିପାରନ୍ତି ଗ୍ରୀଷ୍ମ ପରିଧାନ





ନାମୀ ଡିଜାଇନର ମନିଷ ମଲହୋତ୍ରା ଓ ଅବୁଜାନୀ ସନ୍ଦୀପ ଖୋସଲା ଏଥରକ ଗ୍ରୀଷ୍ମ ବଜାରକୁ ରଙ୍ଗୀନ କରିବାକୁ ଚେଷ୍ଟା କରି ସଫଳ ହୋଇଛନ୍ତି । ମନିଷଙ୍କ ମତରେ ପ୍ରତି ବର୍ଷ ଗରମଦିନେ ଉଭୟ ମହିଳା ଓ ଯୁବତୀ ବଗ; ହାଲକା ରଙ୍ଗର ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି । ଯେପରି ଈଷତ୍ ଗୋଲାପୀ ନୀଳ, ଧଳା, ସବୁଜ ଇତ୍ୟାଦି ଇତ୍ୟାଦି । କେତେକଙ୍କ ଯୁକ୍ତି ଯେ ଏସବୁ ରଙ୍ଗର ପୋଷାକ ପିନ୍ଧିଲେ ତାହା ଶରୀରକୁ ଆରାମ ଦେବା ସହ ଆଖିକୁ ମଧ୍ୟ ଶାନ୍ତି ଦିଏ । ଏହି ଚିନ୍ତାଧାରାକୁ ଭୁଲ ପ୍ରମାଣିତ କରିଛନ୍ତି ଆମ ଭାରତୀୟ ଡିଜାଇନର । ନିକଟରେ ଏକ ଫେଶନ ଶୋ'ରେ ଗ୍ରୀଷ୍ମ ଅନୁକୂଳ ପୋଷାକ ଭାବେ ମଡେଲରମାନେ ସମସ୍ତ ଗାଢ଼ ରଙ୍ଗର ପୋଷାକ ପିନ୍ଧି ୱାକ୍ କରିଥିଲେ । ପ୍ରଥମେ ମୁମ୍ବାଇ ବଜାରରେ ଏସବୁ ଡିଜାଇନର ପୋଷାକ ପ୍ରବେଶ ହୋଇ ଆଦୃତ ହେବା ପରେ ଭାରତର ଅନ୍ୟ ପ୍ରାନ୍ତରେ ମଧ୍ୟ ଏହାର ଚାହିଦା ବଢ଼ିଛି । ଡିଜାଇନରଙ୍କ ମତରେ ପୋଷାକର ମ୍ୟାଟେରିଆଲକୁ ଗୁରୁତ୍ୱ ଦିଆଯିବା ଉଚିତ, ରଙ୍ଗକୁ ନୁହେଁ । ଏହା ସହ ପୋଷାକଟି କିଭଳି ଭାବେ ଡିଜାଇନ ହୋଇଛି, ସେଥିପ୍ରତି ମଧ୍ୟ ଯୁବତୀମାନେ ଦୃଷ୍ଟି ଦେବା ଉଚିତ । ଏଥରକ 'ସମର ଡିଜାଇନ'ରେ ଗାଢ଼ ଲାଲ, ଗାଢ଼ ନୀଳ, ଗାଢ଼ ସବୁଜ ରଙ୍ଗର ପୋଷାକ ଗ୍ରାହକ ମହଲରେ ଖୁବ ଆଦୃତ ହେଉଥିବାର ଜଣାପଡ଼ିଛି ।

## ମେରୁଦଣ୍ଡ ସୁସ୍ଥ ରହିବ

*ମେରୁଦଣ୍ଡ ସଂଲଗ୍ନ ଚଉଡ଼ା ଅସ୍ଥିରେ ଭରାଦେଇ ପଛକୁ ନଇଁବାର ଏକାଧିକ ଉପକାର ମିଳିଥାଏ । ଏହା ତଳପିଠିକୁ ଆରାମ ଦେବା ସହ ନିତମ୍ବ ମାଂସପେଶୀକୁ ଏବଂ ଏହା ସଂଲଗ୍ନ ଅଙ୍ଗଗୁଡ଼ିକୁ ସକ୍ରିୟ କରେ । ଏଭଳି ବ୍ୟାୟାମ ଦ୍ୱାରା ଛାତି, ତଳିପେଟର ଭଲ ଷ୍ଟ୍ରେଚିଂ ହୋଇପାରେ ଏବଂ ବେକ ସହଜ ଭାବେ କାମ କରିପାରେ ।*



**ପ୍ରକ୍ରିୟା:-** ଟାଣ ଫୋମ ବା ସ୍ପଞ୍ଜର ଦୁଇଟି ୮-୪୪ ଇଞ୍ଚ ଇଟା ନିଅନ୍ତୁ ।

ତଳେ ଏକ ଲମ୍ବା ଚଟେଇ କିମ୍ବା ଚାଦର ବିଛାଇ ଚକା ପକାଇ ସଳଖ ଭାବେ ବସିପଡ଼ନ୍ତୁ । ଏବେ ପିଠିମାଡି ଶୋଇବା ସହିତ ଗୋଡ଼ ଦୁଇଟି ଆଣ୍ଠୁ ଭାଙ୍ଗି ରଖିବେ । ଗୋଇଠି ନିତମ୍ବ ପାଖରେ ରହୁଥିବା ଜରୁରୀ । ପାଦରେ ଚାପ ଦେଇ ନିତମ୍ବକୁ ଧୀରେଧୀରେ ଉଠାନ୍ତୁ । ଏହା ସହିତ କାନ୍ଧରେ ତଳେ ଚାପ ଦେଇ ଛାତି ଉପରକୁ ଉଠାଇବେ । ସ୍ପଞ୍ଜ ଇଟା ନେଇ କଟି ଏବଂ ନିତମ୍ବର ଯୋଡେଇ ସ୍ଥାନରେ ଭରାଦେବା ପରି ରଖିବେ । ଇଟାଟି ଯେପରି କେବଳ ତଳ ପିଠିକୁ ଲାଗୁନଥିବ । ଗୋଇଠିକୁ ଧୀରେ ଆଗକୁ ଘୁଞ୍ଚାଇ ଲମ୍ବାଇବାକୁ ଚେଷ୍ଟା କରନ୍ତୁ । ଆଣ୍ଠୁ କୁ ଷ୍ଟ୍ରେଚ୍ କରିବା ସହ ଗୋଡ ସିଧା ରଖିବେ । ହାତ ଦୁଇଟି ମଧ୍ୟ ମୁଣ୍ଡଉପରେ ନେଇ ସଳଖ ଭାବେ ଭୂମିରେ ଲଗାଇ ରଖିବେ । ତଳପେଟକୁ ଲଗାଇ ନିଶ୍ୱାସ ନେବା ସହିତ ଚାରି ମିନିଟ୍ ଏହି ଅବସ୍ଥାରେ ରହନ୍ତୁ । ଧୀରେଧୀରେ ଗୋଡ଼କୁ ଭାଙ୍ଗି ସାମାନ୍ୟ ଅବସ୍ଥାକୁ ଫେରି ଆସିବେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କେବେ ସରିବ....

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଇତି ମଧ୍ୟରେ ଦୁଇ ମାସ ଛୁଇଁବାକୁ ବସିଲାଣି ଏବଂ ଉଭୟ ପକ୍ଷଙ୍କ ମଧ୍ୟରେ ଏକାଧିକବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଆଲୋଚନା ସତ୍ତ୍ୱେ ଏହି ଯୁଦ୍ଧ ବନ୍ଦ୍ ହେବାର ଏପର୍ଯ୍ୟନ୍ତ କୌଣସି ସୂଚନା ମିଳେନାହିଁ । ବରଂ ଦିନକୁ ଦିନ ଏହି ଯୁଦ୍ଧ ଅଧିକ ଜଟିଳ ହେବାରେ ଲାଗିଛି । ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଲାଗୁଥିଲେ ସୁଦ୍ଧା ୟୁକ୍ରେନ ପଛରେ ନାଟୋ ମେଣ୍ଟ ରହିଛି ଏବଂ ତାହା ଯୁଦ୍ଧର ଅବଧିକୁ ଅଧିକ ଘୁଞ୍ଚାଇ ଚାଲିଛି । ଦିନକୁ ଦିନ ନାଟୋ ଏବଂ ରୁଷିଆ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ ସ୍ପଷ୍ଟ ହେବାରେ ଲାଗିଛି । ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ସମସ୍ତ ଚାପ ଏବଂ ବିରୋଧ ସତ୍ତ୍ୱ ରୁଷ ରାଷ୍ଟ୍ରପତି ଭାଦିମିର ପୁଟିନ ଏହି ଯୁଦ୍ଧକୁ ବନ୍ଦ କରିବାକୁ ନାରାଜ । ବରଂ ଦିନକୁ ଦିନ ଅଧିକରୁ ଅଧିକ ମାରାତ୍ମକ ଅସ୍ତ୍ରଶସ୍ତ୍ରମାନ ଉପଯୋଗ ହେବାରେ ଲାଗିଛି । ଏଥିରେ ୟୁକ୍ରେନ୍ ଯେତିକି ଧ୍ୱଂସ ହେଉଛି ରୁଷିଆ ମଧ୍ୟ ତା'ର ସେନା ଓ ଅସ୍ତ୍ରଶସ୍ତ୍ର ହରାଉଛି । ସମୟାନ୍ତରେ ରୁଷିଆ ଆଣବିକ ଭୟ ବି ଦେଖାଇ ଚାଲିଛି । ଏହା ବିଶ୍ୱ ପାଇଁ କଦାପି ଶୁଭ ସୂଚନା ନୁହେଁ । କରୋନା ମହାମାରୀ ବିଶ୍ୱକୁ ଏକପ୍ରକାର ତଳିତଳାନ୍ତ କରିବା ପରେ ଆଶା କରାଯାଉଥିଲା ଯେ, ଏହାକୁ ରୋକିବା ଦିଗରେ ବିଶ୍ୱ ନେତୃବର୍ଗ ଯେଉଁଭଳି ଭାବେ ଆନ୍ତରିକତା ଓ ପାରସ୍ପରିକ ସହଯୋଗର ମନୋଭାବ ପୋଷଣ କରିଥିଲେ ତାହା ଏକ ନୂତନ ସକାରାତ୍ମକ ବିଶ୍ୱ ଶୃଙ୍ଖଳାକୁ ଜନ୍ମଦେବ । କିନ୍ତୁ ସେହି ଭୟ ବିଶ୍ୱ ଉପରୁ ନହଟୁଣୁ ଏବେ ୟୁକ୍ରେନ୍ ଯୁଦ୍ଧ ଆଉ ଏକ ବିପଦକୁ ବିଶ୍ୱବାସୀଙ୍କ ଉପରେ ଲଦି ଦେଇଛି । ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା ବେଳକୁ ବେଳ ଘନୀଭୂତ ହେବାରେ ଲାଗିଛି । ରୁଷିଆକୁ ଘେରିବା ସକାଶେ ନାଟୋ ମେଣ୍ଟ ନିଜକୁ ଶକ୍ତିଶାଳୀ କରି ଚାଲିଛି । ଇତି ମଧ୍ୟରେ ନାଟୋ ସାମରିକ ସଂଗଠନ ତା'ର ସଦସ୍ୟ ସଂଖ୍ୟା ବୃଦ୍ଧି କରିବାକୁ ଅଣ୍ଟା ଭିଡ଼ିଛି । ଫିନଲାଣ୍ଡ ଏବଂ ସୁଇଡେନ୍ ଏହାର ନୂତନ ସଦସ୍ୟ ଭାବେ ଯୋଗ ଦେବାକୁ ଇଚ୍ଛା ପ୍ରକଟ କରିଛନ୍ତି । ଯଦି ତାହା ବାସ୍ତବତାର ରୂପ ନିଏ ତେବେ ରୁଷିଆ ପାଇଁ ଏହା ଅଧିକ ବିପଦ ସୃଷ୍ଟି କରିବ । ତେଣୁ ରୁଷିଆ ଏଭଳି ଘଟଣାକୁ ଘୋର ବିରୋଧ କରିବା ସହ ଚେତାବନୀ ଶୁଣାଇଛି ଯେ, ଏହାର ପରିଣାମ କେବଳ ଫିନଲାଣ୍ଡ କିମ୍ବା ସୁଇଡେନ ନୁହଁନ୍ତି, ସମଗ୍ର ନାଟୋ ସଂଗଠନକୁ ସାମ୍ନା କରିବାକୁ ପଡ଼ିବ । ଫିନଲାଣ୍ଡ ଯଦି ନାଟୋ ମେଣ୍ଟରେ ସାମିଲ ହୁଏ ତେବେ ତାହା ରୁଷିଆ ପାଇଁ ପ୍ରତ୍ୟକ୍ଷ ବିପଦ ସୃଷ୍ଟି କରିବ । କାରଣ ଦୁଇ ଦେଶଙ୍କ ମଧ୍ୟରେ ପ୍ରାୟ ୧୩୦୦ କିଲୋମିଟର ବ୍ୟାପୀ ସୀମା ବ୍ୟାପ୍ତ । ନାଟୋ ଏକ ସାମରିକ ମେଣ୍ଟ, ଯାହାର ଉଦ୍ଦେଶ୍ୟ ହେଲା ସଦସ୍ୟ ରାଷ୍ଟ୍ରଙ୍କୁ ସାମୂହିକ ସୁରକ୍ଷା ପ୍ରଦାନ କରିବା। ଫିନଲାଣ୍ଡରେ ନାଟୋର କ୍ଷେପଣାସ୍ତ୍ର ମୁତୟନ ହେବା କିମ୍ବା ସେଠାରେ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ମହଜୁଦ ରହିବା ରୁଷିଆ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିବ । ସେହି ନାଟୋ ମେଣ୍ଟରେ ୟୁକ୍ରେନକୁ ସାମିଲ କରାଇ ନଦେବା ସକାଶେ ରୁଷିଆ ଏବେ ସେ ଦେଶ ଉପରେ ଆକ୍ରମଣ କରିଛି । ଗତ ଶତାବ୍ଦୀର ଅଶି ଦଶକରେ ବିଶ୍ୱରୁ ଶୀତଳ ଯୁଦ୍ଧର କଳାବାଦଲ ହଟିବା ପରଠାରୁ ବିଶ୍ୱବାସୀ । ଆଶ୍ୱସ୍ତିରେ ନିଃଶ୍ୱାସ ମାରୁଥିଲେ । ସୋଭିଏତ ସଂଘର ବିଲୋପ ପରେ ବିଶ୍ୱ ଏକଅକ୍ଷୀୟ ହୋଇପଡ଼ିଥିଲା । ତେଣୁ ଦୁଇ ମହାଶକ୍ତିଙ୍କ ମଧ୍ୟରେ ପ୍ରତ୍ୟାକ୍ଷ ସାମରିକ ବିବାଦର ଆଶଙ୍କା ଲୋପ ପାଇଥିଲା ବୋଲି ଲୋକଙ୍କ ମନରେ ଧାରଣା ସୃଷ୍ଟି ହୋଇଥିଲା । କିନ୍ତୁ ଏବେ ସେହି ଧାରଣା ଭୁଲ୍ ବୋଲି ପ୍ରମାଣିତ ହେବାରେ ଲାଗିଛି । ରୁଷିଆ ହେଉ କିମ୍ବା ଆମେରିକା ନେତୃତ୍ୱାଧୀନ ନାଟୋ ମେଣ୍ଟ ସେମାନଙ୍କର ଯୁଦ୍ଧଖୋର ମନୋଭାବକୁ ସେମାନେ ପରିହାର କରିନାହାଁନ୍ତି । ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଯେଉଁ ନାରା ସମୟାନ୍ତରେ ଉଠୁଛି ତାହା କେବଳ ତୁଣ୍ଡର ଶବ୍ଦ, ସେଥିରେ କୌଣସି ବାସ୍ତବତା ନାହିଁ । ନିଜର ସାମରିକ ସାମର୍ଥ୍ୟକୁ ନେଇ ସେମାନେ ସଦାସର୍ବଦା ଲଢ଼ିବାକୁ ପ୍ରସ୍ତୁତ ଏବଂ ୟୁକ୍ରେନ୍ ଯୁଦ୍ଧ ତାହାର ସଦସ୍ୟତମ ନମୁନା । ଇତି ପୂର୍ବରୁ ଇରାକ, ଇରାନ ଯୁଦ୍ଧ ହେଉ କିମ୍ବା ଆଫଗାନିସ୍ତାନ ପରିସ୍ଥିତି ହେଉ, ତାହା ବିଶ୍ୱବାସୀ ଦେଖି ସାରିଛନ୍ତି । ଏବେ ୟୁକ୍ରେନ ସେମାନଙ୍କ ପାଇଁ କୁରୁକ୍ଷେତ୍ର ପାଲଟିଛି । ଗତ ପ୍ରାୟ ସାତ ସପ୍ତାହ ମଧ୍ୟରେ ସେ ଦେଶ ଛାରଖାର ହୋଇସାରିଛି । ଲକ୍ଷ ଲକ୍ଷ ଲୋକ ପ୍ରାଣ ବିକଳରେ ଅନ୍ୟତ୍ର ପଳାୟନ କରିଛନ୍ତି ଓ ଯୁଦ୍ଧ ବନ୍ଦ୍ ହେଲେ ସୁଦ୍ଧା ସେମାନେ ଆଉ ନିଜର ଘରଦ୍ୱାର ଫେରି ପାଇବେନାହିଁ । ତଥାପି ଯୁଦ୍ଧଖୋରଙ୍କ ମନରୁ ଧୂସର ଉନ୍ମାଦନା କମୁନାହିଁ, ସେମାନଙ୍କର ଜିଦ୍ ଥମୁନାହିଁ । ବିଶ୍ୱ ଉପରେ ଆତଙ୍କର ଆଉ ଏକ କଳାବାଦଲ କ୍ରମେ ଢାଙ୍କି ହେବାକୁ ବସିଛି । ଏହା ପୃଥିବୀ ପାଇଁ ଶୁଭଙ୍କର ନୁହେଁ ।

# ତୈଳ ରାଜନୀତିର ସଙ୍କଟ



**ସୌମେନ୍ଦ୍ର ଜେନା**

ଗତ କିଛିଦିନ ଧରି ପୃଥିବୀରେ ତୈଳ ଦର ବୃଦ୍ଧି ପାଉଛି ସିନା କମ୍ ହେବାର ଜଣାପଡୁନାହିଁ । କେତେକ ଏହାକୁ ୟୁକ୍ରେନ-ରୁଷିଆ ଯୁଦ୍ଧର ପରିଣାମ କହୁଥିଲେ ମଧ୍ୟ ପ୍ରକୃତରେ ଏହା ତୈଳ ରାଜନୀତିର କୁପରିଣାମ କହିଲେ ଠିକ୍ ହେବ । କାରଣ ପୃଥିବୀରେ ତୈଳ ଉତ୍ପାଦନ କରୁଥିବା ରାଷ୍ଟ୍ରଗୁଡିକର ସଂଖ୍ୟା ସୀମିତ ଥିବା ସମୟରେ ତୈଳ ବ୍ୟବହାରକାରୀ ରାଷ୍ଟ୍ର ପ୍ରାୟ ୨୦୦ ରହିଛନ୍ତି । ରାଜନୈତିକ ମତଭେଦ, ଆଧିପତ୍ୟ ଲାଗି ଉଦ୍ୟମ ସହ ଯୁଦ୍ଧର ପରିସ୍ଥିତିରେ ଏବେ ତୈଳକୁ ସମସ୍ତେ ବ୍ରହ୍ମାସ୍ତ୍ର ପରି ମନେ କରୁଛନ୍ତି । ତୈଳର ଉତ୍ପାଦନ, ଯୋଗାଣ, କ୍ରୟ-ବିକ୍ରୟକୁ ନିୟନ୍ତ୍ରଣ କରିପାରିଲେ ଆର୍ଥିକ କଟକଣାକୁ ମଜଭୁତ କରାଯାଇପାରିବ ବୋଲି ଆମେରିକା କହୁଛି । କିନ୍ତୁ କୋରୋନା ସମୟରେ ଉତ୍ପାଦନଜନିତ କ୍ଷତି ସହିଥିବା ଆରବ ଜଗତର ତୈଳ ଉତ୍ପାଦନକାରୀ ରାଷ୍ଟ୍ର ସାଉଦି ଆରବ, ଇରାକ, କୁଏତ ପରି ଦେଶ ଉତ୍ପାଦନକୁ ହ୍ରାସ କରି ତୈଳଦର ବୃଦ୍ଧି ମାଧ୍ୟମରେ ବିଗତ ଦିନର କ୍ଷତିକୁ ଭରଣା କରିବାରେ ଲାଗିଛନ୍ତି । ଯେଉଁଥିପାଇଁ ଶ୍ରୀଲଙ୍କାଠାରୁ ପେରୁ ପର୍ଯ୍ୟନ୍ତ ଲୋକେ ଜାଳେଣି ପାଇଁ ସଙ୍କଟରେ ପଡିଥିବା ସମୟରେ ଆମେରିକା ପରି ରାଷ୍ଟ୍ର କାହାଠୁ ତୈଳ କିଣାଯିବା ଦରକାର ସେ ନେଇ ନିର୍ଦ୍ଦେଶାବଳୀ ଜାରି କରିବାରେ ଲାଗିପଡିଛି । କଥା ହେଲା ଯେ ପୃଥିବୀରେ କୋରୋନା ଦୁର୍ବଳ ହୋଇଆସୁଥିବା ସମୟରେ ବନ୍ଦଥିବା ଶିଳ୍ପ ଓ ବାଣିଜ୍ୟକୁ ଦ୍ରୁତତର କରିବାକୁ ସବୁଦେଶ ଚାହୁଁଛନ୍ତି । କିନ୍ତୁ ବଜାରରେ ତୈଳର କମ୍ ଯୋଗାଣ, ଅଧିକ ମୂଲ୍ୟରେ ଯୋଗାଣ ହିଁ ପରିବହନ ଖର୍ଚ୍ଚକୁ ଖୁବ୍ ଅଧିକ ବଢାଇ ଦେଇଛି । ଯେଉଁ କାରଣରୁ ଅନେକ ସ୍ଥାନରେ ବିଦ୍ୟୁତ ଉତ୍ପାଦନ ବ୍ୟାହତ ହୋଇଛି ଓ କଳକାରଖାନା ପୂରା ସମୟ ଚାଲିବା ସମ୍ଭବପର ହୋଇପାରୁନାହିଁ । ରୁଷିଆର ଅର୍ଥନୀତିକୁ କ୍ଷତିଗ୍ରସ୍ତ କରିବା ଉଦ୍ଦେଶ୍ୟରେ ଆମେରିକା ଦୀର୍ଘଦିନ ହେଲା ରୁଷିଆ ବିରୋଧରେ ଆର୍ଥିକ କଟକଣା ଲଗାଇ ଆସିଛି । କିନ୍ତୁ ଇଉରୋପ, ମଧ୍ୟଏସିଆ, ଚୀନ, ଆଫ୍ରିକା, ଦକ୍ଷିଣ ଆମେରିକାର ରାଷ୍ଟ୍ରକୁ ରୁଷିଆର ତୈଳ ଓ ଗ୍ୟାସ ଯୋଗାଣ ହେଉଥିବା ଯୋଗୁ ରୁଷିଆ ପାଇଁ ଆମେରିକାର କଟକଣା ବହୁତ କିଛି ଅସୁବିଧା ସୃଷ୍ଟି କରିପାରିନାହିଁ । କିନ୍ତୁ ନିକଟରେ ୟୁକ୍ରେନ-ରୁଷିଆର ଯୁଦ୍ଧକୁ ଆଳକରି ନାଟୋ ସଦସ୍ୟଥିବା ଇଉରୋପର ରାଷ୍ଟ୍ର ଏବଂ ଭାରତ ପରି ସାମରିକ ଗୋଷ୍ଠୀରୁ ମୁକ୍ତଥିବା ରାଷ୍ଟ୍ରକୁ ଆମେରିକା ସରକାର ରୁଷିଆଠାରୁ କୌଣସି ପ୍ରକାର ତୈଳ କିମ୍ବା ଗ୍ୟାସ କ୍ରୟରୁ ଦୂରେଇ ରହିବା ପାଇଁ ଧମକ ଦେବାରେ ଲାଗିପଡିଛି । ଏପରିକି ବ୍ରିଟେନର ବିଦେଶ ମନ୍ତ୍ରୀ ମାଡେଲିନ ଟ୍ରସଙ୍କ ନୂଆଦିଲ୍ଲୀ ଗସ୍ତକାଳରେ ଭାରତର ବିଦେଶ ମନ୍ତ୍ରୀ ଏସ.ଜୟଶଙ୍କର ତାଙ୍କ ବକ୍ତବ୍ୟରେ ଭାରତକୁ ଉପଦେଶ ଦେଉଥିବା ରାଷ୍ଟ୍ରମାନଙ୍କ ଦୋମୁହାଁ ନୀତିକୁ ସମାଲୋଚନା କରିଥିଲେ । ତାଙ୍କ କହିବାନୁଯାୟୀ ଯେଉଁ ଇଉରୋପର ରାଷ୍ଟ୍ରଗୁଡିକ ଭାରତକୁ ରୁଷିଆଠାରୁ ତୈଳକ୍ରୟ ନକରିବା ସପକ୍ଷରେ ବକ୍ତବ୍ୟ ଦେଉଛନ୍ତି ସେମାନେ ରୁଷିଆଠାରୁ ୩୦ପ୍ରତିଶତ ଅଧିକ ତୈଳ କ୍ରୟ କରୁଛନ୍ତି । ଅଥଚ ଭାରତ ନିଜ ଆବଶ୍ୟକର ମାତ୍ର ୧ ପ୍ରତିଶତ ତୈଳ ରୁଷିଆଠାରୁ କ୍ରୟ କରୁଛି । ଏପରିକି ଆମେରିକା ମଧ୍ୟ ରୁଷିଆଠାରୁ ଦୈନିକ ୧ଲକ୍ଷ ବ୍ୟାରେଲ ତୈଳ କ୍ରୟ କରିବାରେ ଲାଗିଛି । ଏହାକୁ ସେ ପୁରୁଣାଦିନର ବାକିଆ ଅର୍ଥ ପାଇଁ ନେଉଛି ବୋଲି କହିଲେ ମଧ୍ୟ ଅନ୍ୟକୁ ଉପଦେଶ ଦେଇ ନିଜର ଦୋମୁହାଁ ନୀତିକୁ ପଦାରେ ପକାଇ ଦେଇଛି । ଭାରତ-ଆମେରିକା ମଧ୍ୟରେ ୱାସିଂଟନଠାରେ ଅନୁଷ୍ଠିତ ୨+୨ ଆଲୋଚନା ପରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରରେ ଭାରତର ବିଦେଶମନ୍ତ୍ରୀ ଏସ.ଜୟଶଙ୍କର ଏ ବିଷୟରେ ଭାରତର ଆଭିମୁଖ୍ୟ ସ୍ପଷ୍ଟକରି ସାମ୍ବାଦିକମାନଙ୍କୁ ଇଉରୋପ ଉପରେ ଧ୍ୟାନ ଦେବାକୁ କହିଥିଲେ । ଇଉରୋପର ରାଷ୍ଟ୍ରଗୁଡିକ ଗୋଟିଏ ଓଳିରେ ରୁଷିଆ ଠାରୁ ଯେତେ ପେଟ୍ରୋଲ କିଣୁଛନ୍ତି ଭାରତ ମାସକରେ ମଧ୍ୟ ସେତିକି କିଣୁ ନାହିଁ ବୋଲି ଜୟଶଙ୍କର କହିଥିଲେ ।

ପୃଥିବୀରେ ତୈଳର ଅଭାବ ସୃଷ୍ଟି କରାଇ ଆମେରିକା ନିଜର ତୈଳ ଭଣ୍ଡାରରେ ରଖିଥିବା ଶସ୍ତାତୈଳକୁ ଏବେ ଅଧିକ ଦରରେ ବିକି ଲାଭ କମାଇବା ଲକ୍ଷ୍ୟରେ ରହିଛି । ଯୁଦ୍ଧ ପରିପ୍ରେକ୍ଷୀରେ ଉପଯୋଗ କରିବାକୁ ଆମେରିକା ୧୯୭୬ ମସିହାରୁ ଲୋଇସିଆନା ଏବଂ ଟେକ୍ସାସ୍ ରାଜ୍ୟରେ ସଞ୍ଚିତ କରି ପ୍ରାୟ ୭୧୪ ମିଲିଅନ ବ୍ୟାରେଲ ତୈଳ ରଖିଛି । ୧୯୭୩-୭୪ରେ ଆମେରିକାରେ ତୈଳ ସଙ୍କଟ ସୃଷ୍ଟି ହେବାପରେ ୧୯୭୫ରେ ଏହି ତୈଳ ଭଣ୍ଡାରରେ ତୈଳ ରଖିବା କାର୍ଯ୍ୟ ଆରମ୍ଭ ହୋଇଥିଲା । ୪ ଡିସେମ୍ବର ୨୦୨୧ର ହିସାବ ଅନୁଯାୟୀ ଏବେ ୮୯୩.୬ ମିଲିଅନ୍ ତୈଳ ଗଚ୍ଛିତ ରହିଥିବା ଜଣାପଡିଛି । ଆମେରିକାରେ ଦୈନିକ ୨୦.୫୪ ମିଲିଅନ୍ ତୈଳ ଉପଯୋଗ ହୋଇଥାଏ । ଏବେ ଏଥିରୁ ଦୈନିକ ମାତ୍ର ୧ ମିଲିଅନ ବ୍ୟାରେଲ ତୈଳ ୧୮୦ଦିନ ପାଇଁ ବାହାର କରିବାକୁ ଆମେରିକା ଘୋଷଣା କରିଛି। ୨୦୧୯ରେ ଆମେରିକା ଦୈନିକ ୯.୧୪୧ ମିଲିଅନ ବ୍ୟାରେଲ ତୈଳ ବିଦେଶରୁ ଆମଦାନୀ କରୁଥିଲା । ଦୈନିକ ସର୍ବାଧିକ ୪.୪ ମିଲିଅନ ବ୍ୟାରେଲ ତୈଳ ଏହି ଭଣ୍ଡାରରୁ ବାହାର କରିହେବ । ଯଦି ସର୍ବାଧିକ ତୈଳ ବାହାର କରିହେବ ତେବେ ମଧ୍ୟ ଭଣ୍ଡାର ଖାଲି ହେବାକୁ ୧୪୫ଦିନ ଲାଗିଯିବ । ୨୦୧୫ଠାରୁ କ୍ଷତି ଭରଣା ପାଇଁ କଂଗ୍ରେସ ଏହି ଭଣ୍ଡାରରୁ ତୈଳ ବିକ୍ରି କରି ଆସୁଛି । ଆମେରିକାର ଶକ୍ତି ବିଭାଗ ୨୦୧୭ରୁ ସାତଥରରେ ମୋଟ ୧୩୨ ମିଲିଅନ ବ୍ୟାରେଲ ତୈଳ ଆଜି ମଧ୍ୟରେ ବିକ୍ରି କରିଛି । ୩୧ମାର୍ଚ୍ଚ ୨୦୨୨ଦିନ ରାଷ୍ଟ୍ରପତି ଜୋ ବାଇଡେନ ଏହି ଭଣ୍ଡାରରୁ ଦୈନିକ ୧ ମିଲିଅନ ତୈଳ ବଜାରକୁ ଛାଡିବାକୁ ଘୋଷଣା କରିଥିଲେ । ଆମେରିକାର ସଂସଦରେ ଯେଉଁ ପ୍ରସ୍ତାବ ଗୃହୀତ ହେବାପାଇଁ ରହିଛି ସେଥିରେ ୨୦୨୮ ବେଳକୁ ୨୩୮ ମିଲିଅନ ବ୍ୟାରେଲ ତୈଳ ଗଚ୍ଛିତ ରଖାଯିବାକୁ କୁହାଯାଇଛି । ୧୯୭୫ର ଶକ୍ତି ନୀତି ଓ ସଂରକ୍ଷଣ ଆଇନ (ଇପିସିଏ) ଅନୁଯାୟୀ ତୈଳ ଯୋଗାଣ ସଙ୍କଟର ସମ୍ମୁଖୀନ ହେବାପାଇଁ ଏହି ରଣନୀତିକ ତୈଳ ଭଣ୍ଡାରରେ ତୈଳ ଉପଯୋଗ କରାଯିବା ପାଇଁ ନିୟମ ରହିଛି । ରାଷ୍ଟ୍ରପତିଙ୍କ ଆଦେଶର ୧୩ଦିନ ପରେ ତୈଳ ବଜାରକୁ ଛଡାଯାଇପାରିବ । ୧୯୭୫ରେ ସିନାଇ ମଧ୍ୟବର୍ତ୍ତୀକାଳିନ ବୁଝାମଣା ଇସ୍ରାଏଲ -ଆମେରିକା ମଧ୍ୟରେ ହୋଇଥିଲା । ଏହି ବୁଝାମଣା ଅନୁଯାୟୀ ଇସ୍ରାଏଲକୁ ଜରୁରୀକାଳୀନ ତୈଳ ଯୋଗାଣ ଆମେରିକା କରିବ । ପାଞ୍ଚବର୍ଷ ପାଇଁ ଇସ୍ରାଏଲ ଆମେରିକାଠାରୁ ତୈଳ କ୍ରୟ କରିବ ବୋଲି ବୁଝାମଣାରେ ବ୍ୟବସ୍ଥା ରହିଥିଲା । ପରେ ସେହି ବୁଝାମଣା ୧୯୭୯, ୧୯୯୪,୨୦୦୪, ୨୦୧୫ରେ ବଢାଯାଇଥିଲା, ଯାହା ୨୦୨୫ ପର୍ଯ୍ୟନ୍ତ ବଳବତ୍ତର ରହିବ । ଆନ୍ତର୍ଜାତିକ ଶକ୍ତି ଏଜେନ୍ସିର ସଦସ୍ୟ ହୋଇଥିବା ହେତୁ ଆମେରିକା ଆମଦାନୀ କରୁଥିବା ତୈଳର ୯୦ଦିନ ପାଇଁ ଗଚ୍ଛିତ କରି ରଖିପାରିବା ସୁବିଧା ପାଇଥିଲା । ଆବଶ୍ୟକ ସ୍ଥଳେ ଆନ୍ତର୍ଜାତିକ ଶକ୍ତି ଏଜେନ୍ସିର ସଦସ୍ୟ ଭାବେ ଆମେରିକା ୪୩.୯ ପ୍ରତିଶତ ତୈଳ ବଜାରକୁ ଛାଡିବାକୁ ପ୍ରତିଶ୍ରୁତିବଦ୍ଧ । ଅତୀତରେ ୨୦୦୫ରେ କ୍ୟାଟ୍ରିନା ଝଡ ପାଇଁ ୧୧ମିଲିଅନ ବ୍ୟାରେଲ, ୨୦୦୦ରେ ଉତ୍ତର ପୂର୍ବାଞ୍ଚଳରେ ବିଶୋଧନ ସମସ୍ୟା ଯୋଗୁ ୩୨ ମିଲିଅନ ବ୍ୟାରେଲ, ୧୯୯୬-୯୭ରେ ଅଭାବ ହ୍ରାସ ପାଇଁ ୨୮ମିଲିଅନ ବ୍ୟାରେଲ, ୧୯୯୦-୯୧ ଯୁଦ୍ଧକାଳରେ ୪୨ବିଲିଅନ ବ୍ୟାରେଲ, ୧୯୮୫ରେ ପରୀକ୍ଷାମୂଳକ ବିକ୍ରି ପାଇଁ ୧.୧ ମିଲିଅନ ବ୍ୟାରେଲ ତୈଳ ଏହି ଭଣ୍ଡାରରୁ ବାହାର କରାଯାଇଥିଲା । ଆନ୍ତର୍ଜାତିକ ଶକ୍ତି ଏଜେନ୍ସିର ମାର୍ଚ୍ଚ ୨୦୦୧ ବୁଝାମଣା ଅନୁଯାୟୀ ସମସ୍ତ ୩୦ ସଦସ୍ୟ ପୂର୍ବ ବର୍ଷର ସେମାନଙ୍କ ବ୍ୟବହୃତ ତୈଳର ୯୦ଦିନର ଆବଶ୍ୟକତା ସହ ସମାନ ପରିମାଣର ତୈଳ ଗଚ୍ଛିତ କରି ରଖିପାରିବେ । କେବଳ କାନାଡା, ଡେନମାର୍କ, ମେକ୍ସିକୋ, ନରୱେ, ବ୍ରିଟେନ ଏବଂ ଆମେରିକା ଏଥିରୁ ଅଲଗା ରହିଛନ୍ତି । ଇଉରୋପୀୟ ୟୁନିଅନର ସଦସ୍ୟ ରାଷ୍ଟ୍ରଙ୍କ ପାଇଁ ବ୍ରିଟେନ ଏବଂ ଡେନମାର୍କ ନିଜସ୍ୱ ରଣନୀତିକ ତୈଳଭଣ୍ଡାର ନିର୍ମାଣ ପାଇଁ ଯୋଜନା କରିଥିଲେ, ଯାହାକୁ ୨୦୦୮ରେ ସଂଶୋଧନ କରାଯାଇଥିଲା ।

ରୁଷିଆଠାରୁ ତୈଳ ଓ ଗ୍ୟାସ କ୍ରୟପାଇଁ ଚୀନର ୟୁଆନକୁ ସ୍ୱୀକାର କରାଯିବା ପରେ ଏବଂ ସାଉଦି ଆରବ ୟୁଆନ ମାଧ୍ୟମରେ ତୈଳ ଦେବାକୁ ରାଜିହେବା ଯୋଗୁ ଚୀନ ନିଜ ମୁଦ୍ରାକୁ ଡଲାର ତୁଳନାରେ ଶକ୍ତିଶାଳୀ କରିବାକୁ ଇସଲାମିକ ରାଷ୍ଟ୍ର ସମୂହ, ଆଫଗାନିସ୍ତାନ, ପାକିସ୍ତାନ, ନେପାଳ ସମେତ ଭାରତକୁ ଡଲାର ବଦଳରେ ୟୁଆନ ବ୍ୟବହାର କରିବାକୁ ପରାମର୍ଶ ଦେଉଛି । ଯଦି ଗ୍ୟାସ ଓ ତୈଳକ୍ରୟ କ୍ଷେତ୍ରରେ ୟୁଆନ ବ୍ୟବହାର ବଢେ ତେବେ ଆମେରିକାର ଡଲାରର ବ୍ୟବହାର ହ୍ରାସ ପାଇବ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ସୂର୍ଯ୍ୟପ୍ରଣାମ



**ବିପିନ ବିହାରୀ ମହାନ୍ତି**

ଆସନ୍ତୁ, ପ୍ରାଣ ସ୍ୱରୂପ, ଦୁଃଖ ନାଶକ, ସୁଖ ସ୍ୱରୂପ, ଶ୍ରେଷ୍ଠ ତେଜସ୍ୱୀ ପାପନାଶକ ଦେବ ସ୍ୱରୂପ ପରମାତ୍ମାଙ୍କୁ ଆମେ ଅନ୍ତରାତ୍ମାରେ ଧାରଣ କରିବା। ସେ ଆମକୁ ସତ୍‌ମାର୍ଗରେ ପରିଚାଳିତ କରାଇବେ।

ଋଗ୍‌ବେଦ (୮.୫୬.୫) ମତେ ଅଗ୍ନି ଓ ସୂର୍ଯ୍ୟ ଯୁଗଳ ଦେବତା ଅଟନ୍ତ। ଅଗ୍ନି ପୃଥିବୀ ଏବଂ ସୂର୍ଯ୍ୟ ଦ୍ୟୁଲୋକର ଅଧିକାରୀ; ଉଭୟ ଜ୍ୟୋତି ବା ପ୍ରଭାବଦ୍ୱାରା ପ୍ରକାଶିତ : 'ଜ୍ୟୋତିଃ ସୂର୍ଯ୍ୟଃ ସୂର୍ଯ୍ୟୋ ଜ୍ୟୋତିଃ' ସ୍ୱାହା (ଯଜୁ:୩୯)। ପୁନଶ୍ଚ ଉଭୟେ ଯୁଗଳ ଦେବତା ହେଲେ ହେଁ ସୂର୍ଯ୍ୟର ଅଗ୍ନି ସୃଷ୍ଟି; 'ସୂର୍ଯ୍ୟୋଙ୍କରୋର୍ଯ୍ୟୋ ନିରାୟତନମ (ତ୍ରେ.ବ୍ରା.:୩.୯.୨୧.୨) ପ୍ରକାରାନ୍ତରେ ଅଗ୍ନିପୂଜା ସୂର୍ଯ୍ୟପୂଜା ସହିତ ସଂପର୍କିତ। ଏଥିପାଇଁ ସଂଧ୍ୟାଓ ସକାଳେ ଉଭୟଙ୍କୁ ଆମେ ପ୍ରଣାମ କରିଥାଉ। 'ତସ୍ମାଦରୟେ ସାୟଂହୁୟତ, ସୂର୍ଯ୍ୟାୟି ପ୍ରାତଃ (ତେ.ବ୍ରା. ୧.୧.୨୬)'। ସେମାନେ ଆମ ଚକ୍ଷୁ ସଦୃଶ 'ସୂର୍ଯ୍ୟୋଗ୍ନି ଚକ୍ଷୁଭ୍ୟାମ୍ (ତେ.ବା.:୫.୩.୧୨)'

ସୂର୍ଯ୍ୟଙ୍କୁ ସମସ୍ତଙ୍କର ଆତ୍ମାବୋଲି କୁହାଯାଇଛି। 'ସୂର୍ଯ୍ୟାତ୍ମା ଜଗତସ୍ତସୁପଶ୍ଚ (ଋ.୧.୧୧୪.୧)'। ସେ ଆମର ସମସ୍ତ କର୍ମକୁ ନିରୀକ୍ଷଣ କରନ୍ତି : 'ସ୍ୱରାୟ ବିଶ୍ୱ ଚକ୍ଷସେ (ଋ.୧.୫୦.୨)'। ପୁନଶ୍ଚ ବାଳସୂର୍ଯ୍ୟ (ପୂର୍ବ ସୂର୍ଯ୍ୟୋଦୟ)ଙ୍କୁ ସବିତା କୁହାଯାଏ : 'ଉଦୟାତ ପୂର୍ବ ଭାର୍ବୀ ସବିତା (ଋ ୫.୮୧.୪)। ସେ ସକଳ ଦେବତାର ଜନକ, ରାଷ୍ଟ୍ରାଧ୍ୟକ୍ଷ : ସବିତାରାଷ୍ଟଂ ରାଷ୍ଟ୍ରପତିଃ (ଶତବ୍ରା ୧୧.୪.୩.୧) ଏବଂ ଭୁବନର ଆଶ୍ରୟ ଦାତା ଅଟନ୍ତି।

ଗାୟତ୍ରୀ ତଥା ପଦ୍ମପୁରାଣମତେ ସଂକ୍ରାନ୍ତି ଓ ଶୁକ୍ଳ ସଂକ୍ରାନ୍ତି ଯୁକ୍ତ ରବିବାରେ ସୂର୍ଯ୍ୟାଗାୟତ୍ରୀ : 'ଆଦିତ୍ୟାୟ ବିଦ୍ମହେ ଭାସ୍କରାୟଧିମହି ତନ୍ନୋଭାନୁଃ ପ୍ରଚୋଦୟାତ' ଜପ କଲେ ସୂର୍ଯ୍ୟାଲୋକ ପ୍ରାପ୍ତହୁଏ ବୋଲି ବର୍ଣ୍ଣିତ ଅଛି। ଚକ୍ଷୋପନିଷଦରେ ସୂର୍ଯ୍ୟଙ୍କୁ ଚକ୍ଷୁରୋଗ ନିବାରକ ଏବଂ ଅନ୍ଧତ୍ୱ ନାଶକ ବୋଲି ବର୍ଣ୍ଣିତ କରାଯାଇଛି। ଏଥିରେ ତାଙ୍କୁ 'ଅସଦୋ ମା' ସଦ୍‌ଗମୟ, ତମସୋ ମା'' ଜ୍ୟୋତିର୍ଗମୟ, ମୃତ୍ୟୋମା, 'ଅମୃଣେଗମୟ' ପାଇଁ ମଧ୍ୟ ନିବେଦନ କରାଯାଇଛି।

'ଓଁ ହ୍ରାଂ ହ୍ରୀଂ ହ୍ରୌଂସଃ ସୂର୍ଯ୍ୟାୟ ନମଃ' ସର୍ବସିଦ୍ଧି ଲାଗି ସୂର୍ଯ୍ୟଙ୍କୁ ଭଜିବା ବୀଜମନ୍ତ୍ର। ଏହା ଭଜିବା ଦ୍ୱାରା ସୂର୍ଯ୍ୟାଲୋକ ପ୍ରାପ୍ତି ହୁଏ। ସୂର୍ଯ୍ୟାଲୋକ ପ୍ରାପ୍ତିରେ ପରଂବ୍ରହ୍ମ ପ୍ରାପ୍ତି ହୁଏ। ଓଁକାର ହିଁ ସୂର୍ଯ୍ୟ। ଓଁ କା'ର ହିଁ ନାଦବ୍ରହ୍ମ। ଏହି ନାଦ ସଦାସର୍ବଦା ରାବ କରୁଥିବାରୁ, ସୂର୍ଯ୍ୟଙ୍କ 'ରାବ'ରୁ ରବି କୁହନ୍ତି। ସୂର୍ଯ୍ୟହିଁ ବେଦମାନଙ୍କର ସମଷ୍ଟିକୃତ। ପୂର୍ବାହ୍ନରେ ଋକ୍ ମଧ୍ୟାହ୍ନରେ ଯଜୁଃ ଓ ଅପରାହ୍ନରେ ସାମ୍‌ବେଦ ସିଏ। ଏହି ତିନିବେଦ ଭୂଲୋକ ଅନ୍ତରୀକ୍ଷ ଲୋକ ଓ ସ୍ୱର୍ଗଲୋକ ପ୍ରାପ୍ତିର ପଥ। ପୁନଶ୍ଚ ସୂର୍ଯ୍ୟ ହିଁ ପ୍ରାଣ। ଆଦିତ୍ୟୋହ ବୈପ୍ରାଣଃ (ପ୍ର.ଭ)। ତାଙ୍କଠାରୁ ଏହି ପ୍ରାଣ ପାଇ ପ୍ରାଣୀ ବା ଜୀବଜଗତ। ତାଙ୍କ ବିନା ଜୀବଜଗତ ଅସମ୍ଭବ। ଏହାବି ବିଜ୍ଞାନ ସମ୍ମତ। ସେ ସକଳ ଶକ୍ତିର ଆଧାର କାରଣ, କହିଛେ ସେ ଅଗ୍ନି। ଆମ ଶରୀରରେ ବୃଂରାଗ୍ନି : ବୈଶାନରଃ ଅଗ୍ନି'। ସେ ଆମ ତାପ, ଆମ ଉଷ୍ମତା। ତାପ ବା ଉଷ୍ମତାହୀନ ପିଣ୍ଡ : ଶୀତଳ, ଜଡ଼ ବା ମୃତ। ଅର୍ଥାତ୍ ସୂର୍ଯ୍ୟହିଁ ଆଦ୍ୟ, ଆରମ୍ଭ ଓ ଶେଷ।

ବେଦ, ବେଦାନ୍ତ, ବ୍ରାହ୍ମଣ, ସଂହିତା ଉପନିଷଦ ଏବଂ ପୁରାଣ ଇତ୍ୟାଦିରେ ସୂର୍ଯ୍ୟଙ୍କର ଜନ୍ମ ବୃତ୍ତାନ୍ତ, କରୁଣା ଏବଂ କରିସ୍ମା ନେଇ ବହୁ କଥା ଲେଖାଯାଇଛି। ପ୍ରବନ୍ଧରେ କଳେବର ଦୃଷ୍ଟିରୁ ସେସବୁ ଆଲୋଚନା କରିବା ନିମନ୍ତେ ଏଠାରେ ପ୍ରାସଙ୍ଗିକତା ମନେ କରୁନାହୁଁ। ସଂକ୍ଷେପରେ ସୂର୍ଯ୍ୟହିଁ ଜୀବନ, ସେହିଁ ଗତି, ସେହିଁ ଇତି, ସେହିଁ ନମସ୍ୟ।

ଯଦଦ୍ୟ ସୂର୍ଯ୍ୟ ବ୍ରବୋଙ୍କନାଗା।
ଉଦ୍ୟନ୍ମିତ୍ରାୟ କରୁଣାୟ ସତ୍ୟମ।
ବୟଂ ଦେବତ୍ରାଦିତେ ସ୍ୟାମତବ।
ପ୍ରିୟାଂସା ଅର୍ଯ୍ୟମନ୍ ଗୁଣନ୍ତଃ।
ଋ.ସଂ.୩.୭.୧.୬୦)

ହେ ସୂର୍ଯ୍ୟଦେବ! ଆଜି ଉଦୟ ହେବା ସଂଗେ ସଂଗେ ଆପଣ ଆମକୁ ନିଷ୍ପାପ କରି ଦିଅନ୍ତୁ। ହେ ଅଦିତେ, ଆମେ ମିତ୍ରବରୁଣା ଦେବଙ୍କର ପ୍ରିୟପାତ୍ର ହେଉ। ହେ ଆଦ୍ୟମିନ୍ (ଦାତା)! ଆମେ ଆପଣଙ୍କର କୃପାର ପ୍ରିୟପାତ୍ର ହେଉ। ହେ ଆର୍ଯ୍ୟମାନ୍! ଆପଣଙ୍କର କୃପାଲାଭ କରିବା ପାଇଁ ଆମେ ପ୍ରାର୍ଥନା କରୁଛୁ। ଆସନ୍ତୁ ଆମେ ସେହି ସୂର୍ଯ୍ୟଙ୍କୁ ଉପଲବ୍ଧ କରିବା, ସେ ଆଲୋକ ପ୍ରଦାନକାରୀଙ୍କୁ ଧ୍ୟାନ କରିବା। ଅଦିତିଙ୍କ ପୁତ୍ର ଆଦିତ୍ୟ ଆମକୁ ଜ୍ଞାନାଲୋକରେ ଭାସ୍କର କରନ୍ତୁ।

ଭାସ୍କରାୟ ବିଦ୍‌ମହେ
ମହଦ୍ୟୁତିକରାୟ ଧୀମହି, ତନ୍ନୋ ଆଦିତ୍ୟଃ
ପ୍ରଚୋଦୟାତ୍। (ଗାୟତ୍ରୀ)

ବିଷୁବ ସଂକ୍ରାନ୍ତି ଦିନ ସୂର୍ଯ୍ୟଙ୍କର ଅବାସ୍ତବ ଉତ୍ତରାୟଣ ଗତି ଆରମ୍ଭ ହୁଏ। ରାଶିଚକ୍ରରେ ଏହାହିଁ ପ୍ରଥମ ଦିନ। ଏହା ମଧ୍ୟ ମେଷରାଶିର ପ୍ରଥମ ଦିବସ। ଭାରତୀୟ ପ୍ରାମାଣିକ ସମୟର ସମୟ ନିର୍ଘଣ୍ଟ ମେଷ ସଂକ୍ରାନ୍ତି ରୂପେ ବିଦିତ। ଏହିଦିନ ସର୍ବ ନିୟନ୍ତା ସର୍ବ ପ୍ରାଣ ଏବଂ ସର୍ବକର୍ତ୍ତା ମହିମମୟ ସୂର୍ଯ୍ୟଙ୍କର ସ୍ୱାଗତିକା ଗାନ କରାଯାଏ। ତାଙ୍କ ସ୍ୱାଗତିକା ପାଇଁ କି ମଠ ! କି ମନ୍ଦିର! କି ହିନ୍ଦୁଗୃହ ଚଳ ଚଞ୍ଚଳ ହୋଇଉଠେ। ନୂତନ ପୋଷାକ ପରିଧାନ ପୂର୍ବକ ଆମେ ତାଙ୍କୁ ସ୍ୱାଗତ କରୁ।

ଓଡ଼ିଆ ସଂସ୍କୃତି ଜଗନ୍ନାଥ ସଂସ୍କୃତିକୁ ବୁଝାଏ। ଏଣୁ ଶ୍ରୀ ମନ୍ଦିରରୁ ହିଁ ସବୁ ଆରମ୍ଭ। ପ୍ରତ୍ୟୁଷରୁ ପାରମ୍ପରିକ ରୀତିରେ ପଣା ପ୍ରସ୍ତୁତ ହୁଏ। ଗ୍ରୀଷ୍ମର ଆଦ୍ୟ ହେତୁ ପଣାରେ ଥଣ୍ଡା ଏବଂ ସ୍ୱାସ୍ଥ୍ୟକର ଦ୍ରବ୍ୟ ବ୍ୟବହାର କରାଯାଏ। ବିଶେଷକରି କଞ୍ଚା ଆମ୍ବ, ପାଚିଲା ଆମ୍ବରସ, ପାଚିଲା ବେଲ, ନଡ଼ିଆ, ଛେନା, କ୍ଷୀର, ଦହି, ନବାତ, ଗୁଡ଼, ଆଖୁରସ, ଗୋଲମରିଚ, କାଜୁ, କିସ୍‌ମିସ୍, ସାକରକନ୍ଦ ଏବଂ ଅନେକ କିଛି । ଏହିଦିନ ସାଂଗସାଥୀ ଏବଂ ବନ୍ଧୁବାନ୍ଧବମାନଙ୍କୁ ଘରକୁ ସ୍ୱାଗତ କରି ପଣାରେ ଆପ୍ୟାୟିତ କରାଯାଏ। ଏହା ଏକ ଦିବସ ବ୍ୟାପୀ କାର୍ଯ୍ୟକ୍ରମର ସାମାଜିକ ପର୍ବ। ସଂଧ୍ୟାକୁ ବିଭିନ୍ନ ସ୍ଥାନରେ ସାହିତ୍ୟ ଚର୍ଚ୍ଚା, କବିତା ପାଠୋତ୍ସବ, ସଂଗୀତ ଆସର ଏବଂ ନୃତ୍ୟଗୀତ ଇତ୍ୟାଦିର ଆୟୋଜନ ହୋଇଥାଏ।

ଓଡ଼ିଆ ନବ ବର୍ଷ ଏହି ବିଷୁବ ସଂକ୍ରାନ୍ତିଠାରୁ ଆରମ୍ଭ ହୁଏ। ଏହି ଦିନଠାରୁ ବାର୍ଷିକ ପାଞ୍ଜିର ଆରମ୍ଭ। ଗାଁ ଗହଳିରେ ପାଞ୍ଜି ପାଠ ହୁଏ। ସୂର୍ଯ୍ୟ ଓ ଅଗ୍ନିଙ୍କ ସଂପର୍କ ଏକାକାର ହେତୁ ଝାମୁଯାତ୍ରାରେ ନିଆଁରେ ଚାଲିବା ଓ ଦଣ୍ଡନୃତ୍ୟ ଇତ୍ୟାଦି ବିଷୁବ ସଂକ୍ରାନ୍ତିରେ ସୂର୍ଯ୍ୟଙ୍କୁ ସମର୍ପିତ ପର୍ବ। ଏହା ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଏକ ଆନନ୍ଦ ଉଲ୍ଲାସର ନିଦର୍ଶନ।


♥ ଅଧ୍ୟକ୍ଷ. ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,
ଜଟଣୀ
ମୋ : ୯୯୩୮୩୪୧୩୮





## ଅଧମ ଇତିହାସ

**କବିତା ପଣ୍ଡା**



ବିରାଟ ଅଶୋକ
ଆଶାବାଦୀ ସାଜି
କର କେତେ ଛାର ଖାର...
ଗୋଳା ବାରୁଦର
କମାଣ ଗୁଳିରେ
ଇତିହାସ ରଚ ବୀର...

ପଛ ଘୁଞ୍ଚା ନାହିଁ
ବୀରର ଜାତକେ
କର କେତେ ଗୁଣ ଗାନ...
ହେଲେ କିନ୍ତୁ ତୁମେ
ଅଧମ ଇତିହାସ
ଦୁର୍ଗତିର ଚିତ୍ରମାନ...

ଆଗେ ଆଗେ ଗଲା
ମହାମାରୀ ଭୟ
ମନରୁ ଯାଇନି ହଜି...
ଧ୍ୱଂସ ବିଧ୍ୱଂସର
ତାଣ୍ଡବର ଖେଳ
ରଣ ବିଭିଷିକା ଆଜି...

ଗର୍ବ ଅହଂକାର
ତତଲା ଜ୍ୱାଳାରେ
ନିରିହ ପଡୁଛି ବଳି...
ନିତି ହାହାକାର
କିମିସ୍ ସହର
ଚିତ୍କାର କରୁଛି ଜଳି...

କାନ ଡେରି କେବେ
ଶୁଣିଛ କି ବୀର
ଆକୁଳ କରୁଣ ରଡି...
ଆଖି ଖୋଲି ଥରେ
ଦେଖିଛ କି ତୁମେ
ସେ ଚିତ୍ର ଅଙ୍କାର ତୂଳୀ....

ରାଜନେତା ସାଜି
କର କାରବାର
ଜିଦ୍‌ରେ ଅଟଳ ରହି...
ଶ୍ରୀହିନ ପତାକା
ଉଡ଼ାଉଛ ବୀର
ଅଶାନ୍ତିର ଗୁଣ ଗାଇ...

ଶିଖିବାର ଅଛି
ଶିଖ ରାଜ ମନ୍ତ୍ରୀ
ଶାନ୍ତି ମୈତ୍ରୀର ନିତି...
ମଥାନତ କଲେ
ହୁଏନାହିଁ ହାନି
ଗୌରବ ଯେ କଦାଚିତ...

ପ୍ରକୃତି ସୌନ୍ଦର୍ଯ୍ୟ
ହାନିକାର ସାଜି
ମାର ନାହିଁ ବୀର କାତି...
ଜାତି ଧର୍ମ ବର୍ଣ୍ଣ
ସଭିଏଁ ସମାନ
ଏ ମାଟିର ତୁମେ ଖ୍ୟାତି...


♥ ମଙ୍ଗଳପୁର, ସୋର,
ବାଲେଶ୍ୱର
ମୋ: ୭୭୩୫୭୭୬୩୪୨




## ହେ ଓଡ଼ିଆ ନବବରଷ



**କବି ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ**

ହେ ଓଡ଼ିଆ ନବବରଷ
ଆସ ଆସ ବସ, ବର୍ଷ ହରଷ ।
ଦିଅ ଆନନ୍ଦ, ଖୁସି, ପ୍ରେମ,
ଭକତିର ପ୍ରୀତି
ଦୂର କର ରହିଅଛି ଯେତେକ ଦୁର୍ନୀତି
ଓଡ଼ିଆ ଭାଷାକୁ ତୁମେ କରିବ ପ୍ରଗତି,
ବାଣ୍ଟି ଦିଅ ପ୍ରାଣେ ପ୍ରାଣେ ଶ୍ରଦ୍ଧାର ପୀୟୁଷ ।
ହେ ଓଡ଼ିଆ ନବବରଷ...

ଓଡ଼ିଆଙ୍କ ରହିଅଛି ଯେତେକ ସପନ
ବରଷକ ମଧ୍ୟେ ତାହା କରିବ ପୂରଣ
ତେବେ ଯାଇ ତୁମେ ସିନା ହେବ ଧନ୍ୟ
ଧନ୍ୟ ।
ଗରିବ ମାନଙ୍କ ଓଠେ ହସାଇବ ହସ ।
ହେ ଓଡ଼ିଆ ନବ ବରଷ...


♥ ଇଶାଣୀ, ସାହାଦା, ବାଲେଶ୍ୱର-୨
ମୋ: ୯୭୭୮୧୮୪୪୯୪


## ଫଗୁଣ

**ହାଡ଼ିବନ୍ଧୁ ପାତ୍ର**



ହେ ଫଗୁଣ ଚୁପି ଚୁପି ସ୍ୱ-ରୂପରେ
କିବା ଛଦ୍ମ ବେଶରେ
କେତେବେଳେ ତମେ ପଶିଗଲ
ମୋ'ରି ଭିତରେ
ଜହ୍ନ ବା ସୂରୁଜ ଆଲୁଏ ଅବା
ପାଦଛପା କାଳିଆ ଅନ୍ଧାରେ ।
ଶିହରାଇ ଦେଲ ଏମନ ପ୍ରାଣକୁ
ଦେହଟାରେ ଭରିଦେଇ ତାତି
ଆଖି ତଳେ ବିଂଚି ଦେଇ ସ୍ୱପ୍ନର ମୁରୁଜ
ମୋ ଭିତରେ ସାଉଁଟେ କିଏ
ଅତୀତର ସ୍ମୃତି
ଭୁଲତାର କୋଣେ କୋଣେ
ଅବ୍ୟକ୍ତ କାମନାର ଲାଜୁଆ ଇସରା
ସାମ୍ନା ନଜର ଖସି ପଡ଼ିଲା ଦେହସାରା ।
ରଙ୍ଗ ଚହଟିଲା ଦୋଳ ହୋଲି
କଅଁଳ ପଲ୍ଲବେ
ପ୍ରଜାପତିର ଡେଣାରେ ଡେଣାରେ
ଆଉ କିଛି କାନି ପଣତରେ
ବାସ୍ନା ବି ଉଡ଼ିଗଲା ଝରା ଫୁଲର
ପାଖୁଡ଼ା ଚିରି
ଚାର, ମହୁଲ, ଆମ୍ବ- ବଉଳର
ପେନ୍ଥାରେ ପେନ୍ଥାରେ ।
ପାହାଡ଼ ଛାତିରେ ଝରଣାର
ନୀଳ ଆଇନାରେ
ଆକାଶ ଦେଖଇ ତମ ରୂପ
ସାଗର ବେଳାରେ ଝାଉଁବଣର
କାନେ କାନେ
ଶାମୁକା ଶୁଣଇ, କୋଇଲି କଣ୍ଠରେ
ତମରି ସ୍ୱର ।
ହେ ଫଗୁଣ, ତମେ ଛୁଇଁ ଦେଲା ପରେ
ମୋ ଭିତରେ ଖୋଜେ କିଏ କାହାକୁ
ନିନ୍ଦା, ଅପବାଦର କଣ୍ଟା, ଝଣ୍ଟା ମାଡ଼ି
ଯନ୍ତ୍ରଣାରେ ଜର୍ଜରିତ କରି
ପାଦ ଓ ପ୍ରାଣକୁ
ପଡ଼ି ଉଠି ଧାଇଁ ଧାଇଁ
ଆଶାର ଅପ୍ରାପ୍ତି ପଥରେ
ନୈରାଶ୍ୟ କାନିରେ ଲୁହ ପୋଛି
ସ୍ୱପ୍ନ ସବୁ କୁହୁଡ଼ିରେ ମିଳାଇ ଯା'ନ୍ତି
ଆଉଟି ହୋଇ ହୋଇ କେଉଁ ଏକ
ବିଦଗ୍ଧ ଗୋଧୂଳିରେ ।


♥ ଶେରଗଡ଼,
ବାଲେଶ୍ୱର-୭୫୬୦୬୦
ମୋ: ୯୭୭୭୩୮୨୬୪୦


## ଓଡ଼ିଆ ନବବରଷ

**ଶ୍ରୀମତୀ ମନୋରମା ସେଠୀ**



ଆସିଛି ଓଡ଼ିଆ ନବବରଷ
ସଭିଙ୍କ ଅଧରେ ଫୁଟଇ ହସ ।

ତୁଳସୀ ଚଉରା କରନ୍ତି ପୂଜା
ଆମ୍ବ ଡାଳେ ବାନ୍ଧି ଫୁଲରେ ସଜା ।

ଘିଅ ଦୀପଟିକୁ ଲଗାଇ ଦେଇ,
ଶଙ୍ଖ ହୁଳହୁଳି ପଡ଼େ ଉଛୁଳି ।

ପଣା ଛତୁଆରେ ମହକେ ଘର,
ଖାଇଣ ଆନନ୍ଦେ ଖୁଆନ୍ତି ପର ।

ବିଷୁବ ସଂକ୍ରାନ୍ତି ଉଡ଼ା ପରବ,
ପାଲୁ ଆନନ୍ଦରେ ମଜ୍ଜି ସରବ ।

ଏ ଶୁଭ ଦିନରେ ନେବା ଶପଥ
ମାତୃଭାଷା ପ୍ରତି ମନ ଦେବାତ ।

ଭାଷାତ ବଞ୍ଚିଲେ ଜାତି ବଞ୍ଚିବ,
ଓଡ଼ିଆ ଭାଷାର ଟେକ ରଖିବ ।


♥ ଇଶାଣୀ, ସାହାଦା,
ବାଲେଶ୍ୱର-୨
ମୋ: ୯୧୭୮୬୨୫୦୦୩୩







## ମିନା ଅପାଙ୍କ ରାମାୟଣ ଟୁଙ୍କି (୩୭)

# ରାମଚନ୍ଦ୍ରଙ୍କ ଚିତ୍ରକୁଟରେ ପ୍ରବେଶ



କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

'ଦଶରଥଙ୍କ ଶେଷ ସମୟ ଦୁଃଖଦ ଥିଲା' ମିନା ଅପା ରାମାୟଣ କଥା ଜାରି ରଖିଲେ।

ମହାମନ୍ତ୍ରୀ ସୁମନ୍ତ ରଥରେ ରାମ ସୀତା ଓ ଲକ୍ଷ୍ମଣଙ୍କୁ ବନସ୍ତରେ ଛାଡ଼ି ଅଯୋଧ୍ୟା ଫେରି ଆସିଲେ। ସେ ତୁରନ୍ତ ରାଜା ଦଶରଥଙ୍କୁ ଦେଖାକଲେ ଓ ରାମଙ୍କ ବାର୍ତ୍ତା ରାଜାଙ୍କୁ ଦେଲେ। ରାମଙ୍କ ବାର୍ତ୍ତା ପାଇ ଦଶରଥ ଶୋକାକୁଳ ହୋଇ ଉଠିଲେ। ଦଶରଥଙ୍କୁ ଶୋକ କରିବାର ଦେଖି କୌଶଲ୍ୟା ତାଙ୍କୁ ପ୍ରବୋଧନା ଦେବାକୁ ଆରମ୍ଭ କଲେ। ରାଣୀ କୌଶଲ୍ୟାଙ୍କ କଥା ଶୁଣି ରାଜା ଦଶରଥ କହିଲେ-ସେ ଅନ୍ଧମୁନିଙ୍କ ଅଭିଶାପ ପାଇଛନ୍ତି ଓ ପୁତ୍ର ମୁଖ ଦର୍ଶନ ନକରି ସେ ଦେହତ୍ୟାଗ କରିବେ।



ମହାରାଜା ଦଶରଥଙ୍କ କଥା ଶୁଣି ରାଣୀ କୌଶଲ୍ୟଶ ଆଷ୍ଟର୍ଯ୍ୟ ହେଲେ। ସେ ଥିଲା ଅନେକ ବର୍ଷ ତଳର କଥା। ପୁତ୍ର ସନ୍ତାନ ନଥିବାରୁ ରାଜା ଦଶରଥ ଦୁଃଖୀ ଥିଲେ। ସେଇ ସମୟରେ ଥରେ ମୃଗୟାକୁ ଯାଇ ସେ କିଛି ଶିକାର ପାଇନଥିଲେ। ସଂଧ୍ୟା ହୋଇଗଲା। ମୃଗୟାରୁ ଖାଲି ହାତରେ ଫେରିବାକୁ ରାଜାଙ୍କର ଇଚ୍ଛା ନଥିଲା। ତେଣୁ ସେ ସରଯୂ ନଦୀ କୂଳରେ ଜଗି ରହିଲେ। ତାଙ୍କର ବିଶ୍ୱାସ ଥିଲା, ଜଳପାନ କରିବାକୁ କିଛି ମୃଗ ସେଠାକୁ ଆସିବେ।

ମୃଗ ତ ଆସିନଥିଲେ, ଆସିଥିଲେ ଅନ୍ଧମୁନିଙ୍କ ପୁତ୍ର ଶ୍ରବଣ କୁମାର। ପିତାମାତାଙ୍କ ଲାଗି ଜଳ ନେବାକୁ ସେ ନଦୀ ଜଳରେ ନିଜର ଜଳପାତ୍ରଟି ବୁଡ଼ାଇବା ସମୟରେ ଶବ୍ଦ ହୋଇଥିଲା। ଦଶରଥ ଭାବିଲେ-ମୃଗ ଜଳପାନ କରୁଛି। ସେ ସଂଗେ ସଂଗେ ତାଙ୍କ ଶବ୍ଦଭେଦୀ ବାଣକୁ ମାରିଲେ। ଶଣ ଶ୍ରବଣ କୁମାରଙ୍କୁ ବିଦ୍ଧ କଲା। ଶିକାର ପାଖରେ ପହଂଚି ରାଜା ସବୁକଥା ଜାଣିପାରିଲେ। ମାତ୍ର କରନ୍ତେ କଣ?

ଶ୍ରବଣଙ୍କ କଥା ମାନି ସେ ଜଳ ନେଇ ଅନ୍ଧମୁନି ଓ ତାଙ୍କ ପତ୍ନୀଙ୍କ ପାଖରେ ପହଂଚିଗଲେ ଓ ସମସ୍ତ କଥା କହିଲେ। ଦଶରଥ ଅନ୍ଧମୁନି ଦଶରଥଙ୍କୁ ଅଭିଶାପ ଦେଲେ- ତୁମେ ବି ମୃତ୍ୟୁ ସମୟରେ ତୁମ ପୁତ୍ରର ମୁଖଦର୍ଶନ ନକରି ମୃତ୍ୟୁବରଣ କରିବ।

ରାଣୀ କୌଶଲ୍ୟାଙ୍କୁ ଦଶରଥ କହିଲେ- ହେ ରାଣୀ, ଏବେ ସେ ସମୟ ଉପଗତ। ରାମଙ୍କ ବିନା ମୋର ବଂଚିବା କଷ୍ଟ। ପାଖରେ କେହିବି ପୁତ୍ର ନାହାନ୍ତି। ତେଣୁ ମୋତେ ଲାଗୁଛି, ମୋର ଆରପୁରକୁ ଯିବା ସମୟ ଆସିଗଲାଣି।

ମହାରାଣୀ କୌଶଲ୍ୟା ଦୁଃଖରେ ଭାଙ୍ଗି ପଡ଼ିଲେ। ସେ ଜାଣି ପାରିଲେନି ମହାରାଜା ଦଶରଥଙ୍କୁ କଣ କହି ବୁଝେଇବେ।

ମହାରାଜା ଦଶରଥଙ୍କ ଶେଷ ସମୟ ଉପଗତ ହୋଇଯାଇଲା। ସେ ଜାଣିଥିଲେ ଅନ୍ଧ ମୁନିଙ୍କ ଶାପ ତାଙ୍କୁ ଗ୍ରାସୁଛି। ମୃତ୍ୟୁ ପୂର୍ବରୁ ସେ ରାଣୀ କୌଶଲ୍ୟାଙ୍କୁ ତାଙ୍କ ଦୁଃଖ ସବୁ କହିଦେଲେ ଓ ନିସ୍ତେଜ ହୋଇପଡ଼ିଲେ।

କୌଶଲ୍ୟା ଓ ସୁମିତ୍ରା କିଛି ଜାଣି ପାରିଲେନି। ନିଦ୍ରା ଦେବୀ ସେମାନଙ୍କୁ କବଳିତ କରିସାରିଥିଲେ। ସେମାନେ ଜୋର ନିଦ୍ରାରେ ଶୋଇପଡ଼ିଥିଲେ।

ମଧ୍ୟ ରାତ୍ରିରେ ରାଜା ଦଶରଥ ଦେହତ୍ୟାଗ କଲେ। ଏହା କେହି ଜାଣି ପାରିଲେନି।

ସକାଳ ହୋଇଗଲା। ଭାଟମାନେ ଆସି ସକାଳର ବନ୍ଦନା ଗାଇଲେ। ଦାସ-ଦାସୀ-ମାନେ ପ୍ରଭାତ କାର୍ଯ୍ୟ ଲାଗି ଆସି ମହାରାଣୀ କୌଶଲ୍ୟାଙ୍କ କୋଠରି ଆଗରେ ଛିଡ଼ା ହେଲେ। ମାତ୍ର ସେଠାରେ କିଛି ସୋର ଶବ୍ଦ ନଥିଲା। ସବୁଦିନ ପରି କୋଠରି ବାହାରକୁ କେହି ଆସିଲେନି।

ଦାସ ଦାସୀ ଓ ଭାଟୃଗଣ ବ୍ୟସ୍ତ ବିଚଳିତ ହୋଇପଡ଼ିଲେ। ଦେଖୁ ଦେଖୁ ଦୁଇଘଡ଼ି ବେଳ ହୋଇଗଲା। ମାତ୍ର ମହାରାଜ ଓ ମହାରାଣୀ ଉଠୁନାହାନ୍ତି। ଖବର ସଂଗେ ସଂଗେ ଦଶରଥଙ୍କ ଅନ୍ୟ ରାଣୀମାନଙ୍କ ପାଖରେ ପହଂଚିଗଲା। ସେମାନେ ତୁରନ୍ତ ମହାରାଣୀ କୌଶଲ୍ୟାଙ୍କ ଅନ୍ତଃପୁରରେ ପହଂଚିଗଲେ।

ରାଣୀ ମାନେ ଦଶରଥଙ୍କ ଶୟନ କକ୍ଷରେ ପ୍ରବେଶ କଲେ। ପଲଙ୍କ ଉପରେ ଶୋଇଥିଲେ ଦଶରଥ। ତଳେ କୌଶଲ୍ୟା ଓ ସୁମିତ୍ରା ଶୋଇଛନ୍ତି। ତାଙ୍କ ଦେହରେ ପ୍ରାଣ ନଥିଲା ପରି ଲାଗୁଥିଲା।

ରାଣୀମାନେ ଦଶରଥଙ୍କୁ ଉଠାଇବାକୁ ଚେଷ୍ଟା କଲେ। ସେ ତ ଅନନ୍ତ ପଥର ଯାତ୍ରୀ ହୋଇସାରିଥିଲେ କେବେଠାରୁ। ଉଠନ୍ତେ କିପରି? ରାଣୀମାନେ କାନ୍ଦିବା ଆରମ୍ଭ କରିଦେଲେ।

ରାଣୀମାନଙ୍କ କ୍ରନ୍ଦନ ରୋଳ ଶୁଣି କୌଶଲ୍ୟା ଓ ସୁମିତ୍ରାଙ୍କ ନିଦ ଭଂଗ ହେଲା। ସଂଗେ ସଂଗେ ସେମାନେ ଦଶରଥଙ୍କ ଶ୍ୱାସ ପ୍ରଶ୍ୱାସ ପ୍ରକ୍ରିୟାକୁ ଜାଣିବାକୁ ନିଜ ଆଙ୍ଗୁଳି ଦଶରଥଙ୍କ ନାକ ଆଗରେ ରଖି ପରୀକ୍ଷା କଲେ। ସେମାନେ ସବୁ ବୁଝିଗଲେ ଓ ଦଶରଥଙ୍କ ମର ଶରୀର ଉପରେ ମୁର୍ଚ୍ଛା ହୋଇ ଟଳିପଡ଼ିଲେ।

ଅଯୋଧ୍ୟା ନଗରରେ ଏ ଖବର ସଂଗେ ସଂଗେ ବ୍ୟାପିଗଲା। ଶୋକାକୁଳ ହୋଇ ଉଠିଲା ଅଯୋଧ୍ୟା। ପୁରବାସୀମାନେ ଉଚ୍ଚ ସ୍ୱରରେ କ୍ରନ୍ଦନ କରିବା ଆରମ୍ଭ କଲେ। ଦଶରଥ ଜଣେ ପ୍ରଜାବତ୍ସଳ ଓ ଧର୍ମପରାୟଣ ରାଜା ଥିଲେ। ତାଙ୍କୁ ଝୁରି ହେଲା ତାଙ୍କ ଦେଶ, ତାଙ୍କ ପ୍ରଜା, ଅଯୋଧ୍ୟାର ଗଛଲତା ଓ ପଶୁପକ୍ଷୀ।

କାଳ ତା ବାଟରେ ଗଲେ। ମଣିଷର ଚାହିଁବା ନା ଚାହିଁବା ସହିତ ତାର କିଛି ସମ୍ପର୍କ ନଥାଏ। ରାମାୟଣର ଏକ ମହାନାୟକଙ୍କ ଦେହାନ୍ତ ହେଲା। ମୃତ୍ୟୁ ବେଳକୁ ତାଙ୍କ ଚାରି ପୁତ୍ରଙ୍କ ମଧ୍ୟରେ କେହିବି ତାଙ୍କ ପାଖରେ ନଥିଲେ। ଅନ୍ଧମୁନିଙ୍କ ଶାପ ସତ୍ୟ ହେଲା। ରାମାୟଣ କଥା ଏଇଠି ରଖିଲେ ମିନା ଅପା।

(କ୍ରମଶଃ)

❤ (ମୋ) ୯୯୮୦୩୦୦୭୫୧

କବିତା

ତୁମ ପାଇଁ

## ସୁନା ପିଲା ସିଏରେ

### ରମେଶ ଚନ୍ଦ୍ର ନାୟକ

ସୁନା ପିଲା ସିଏରେ
ପରହିତ ପାଇଁ ଯିଏ
ସଦା ଧାଇଁ ଥାଏରେ ।

ହସି ହସି କଥା କହେ
ଜନ ମନ ତୋଷି ନିଏ
କାହା ମନେ କେବେହେଲେ
ଦୁଃଖ ଦିଏ ନାହିଁରେ
ସୁନା ପିଲା ସିଏରେ ।

ଦୀନ ଦୁଃଖି ଜନ ପାଇଁ
ଦାନା କନା ଥାଏ ଦେଇ
ପରିଶ୍ରମ କରେ ସଦା
ଅଳସୁଆ ନୁହେଁ ରେ
ସୁନା ପିଲା ସିଏରେ ।

ପର ଚିଜେ ଲୋଭ ନାହିଁ
ଚୋରି କେବେ କରେ ନାହିଁ
ମିଛ ଠାରୁ ଦୂରେ ରହି
ସଦା ସତ କହେରେ
ସୁନା ପିଲା ସିଏରେ ।

କଳି ଗୋଳ କରେ ନାହିଁ
ଅନ୍ୟ ଦୁଃଖେ ଦୁଃଖି ହୋଇ
ସମସ୍ତଙ୍କୁ ଭଲ ପାଏ
ମନ ପ୍ରାଣ ଦେଇରେ
ସୁନା ପିଲା ସିଏରେ ।

ବିପଦରେ ଥିଲେ ସାଥୀ
ଛାଡି ଯାଏ ନାହିଁ କତି
ସମ୍ପଦରେ ପାଶେ ରହି
ସ୍ୱାର୍ଥ ତ୍ୟାଗି ଥାଏରେ
ସୁନା ପିଲା ସିଏରେ ।

ପାଠ ପଢେ ମନ ଦେଇ
ଉଚ୍ଚ ଆଶା ରଖି ଥାଇ
ବାପା ମାଆ ଗୁରୁଜନ
କଥା ମାନୁ ଥାଏରେ
ସୁନା ପିଲା ସିଏରେ ।

ବାପୁ ଚାଚା ଗୋପବନ୍ଧୁ
ବାଜି ଧର୍ମ ଭକ୍ତ ମଧୁ
ଦେଶ ଜାତି ପାଇଁ ଯିଏ
ପ୍ରାଣ ବଳି ଦିଏରେ
ସୁନା ପିଲା ସିଏରେ ।

+କେଶରପୁର , ବକ୍ସି ବଜାର , କଟକ
ମୋ :- ୭୯୭୮୧୫୧୭୧୦.

## ଆସେ ଗିରିଷମ ଖରା

### ନୀଳମଣି ଚାନ୍ଦ

ବହୁନାହିଁ ଆଉ ମଳୟ ପବନ
ଶୁଭୁନାଇଁ ପିକ କୁ'
ଆଗକୁ ଆସୁଛି ଗିରିଷମ ଖରା
ଝାଞ୍ଜିଟି ବହିବ ସୁ'।
ଘିରି ଘିରି ଘିରି ପଙ୍ଖାତ ଘୂରିବ
ଚାଲିବ କୁଲର୍ ଏସି
ତାଳସଜ ଲସି ବେଲପଣାଟିର
ବଢ଼ିବ ଆଦର ବେଶି।
ଆମ୍ବ ଜାମୁରୋଳ କାକୁଡ଼ି ପଣସ
ମିଳିବ ଯାହାକୁ ଯେତେ
ରାତି ବଢ଼ିଗଲେ ମଲ୍ଲୀଫୁଲ ଫୁଟି
ବାସ ଚହଟିବ କେତେ।
ଝିଁ ଝିଁ ଝିଁ ଝିଙ୍କାରି ଡାକିବ
ଶୁଣିବାରେ କାନଡ଼େରି
ସକାଳୁଆ ସ୍କୁଲ୍ ଶୀଘ୍ର ଯାଇ ପିଲେ
ଶୀଘ୍ର ଆସିବେରେ ଫେରି।
ଖରାବେଳଟିରେ ଖଣ୍ଡିଆଭୂତଟା
ନାଚ ଦେଖେଇବ ବୁଲି
ବାହାରେ ବୁଲିଲେ ଅଂଶୁଘାତ ଭୟ
ଯିବାନି ଏ କଥା ଭୁଲି।
ମୁଠି ଅନୁକୂଳ ଚାଷୀଟି କରିବ
ଅକ୍ଷିକୁ ରହିଛି ଚାହିଁ
ଟାଣଖରା ନେବ ବାଷ୍ପ କରି ଜଳ
ସାଇତିବ ବର୍ଷାପାଇଁ ।
ପରହିତପାଇଁ ଭଲ କାମ କର
ସିଏ ତ ଶିଖେଇ ଦିଏ
ଆସ ପିଲେ ମିଶି ତାଳି ମାରି କୁହ
ଗ୍ରୀଷ୍ମ ପରି ହେବ କିଏ ?

+୨୭, ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର-୨୯
ମୋ-୯୫୮୩୨୦୨୩୫୭

## ଛୋଟ ମଧ୍ୟେ ବଡ଼ ଗୁଣ

### ଶରତ ମହାନ୍ତି

ବାଡ଼ି ବଗିଚାରେ ଟିକି ଟିକି ଫୁଲ
ଦିଶେ ଆହା କି ସୁନ୍ଦର
କେତେ ରଙ୍ଗେ ସବୁ ମନକୁ ଜିଣଇ
ସୁଗନ୍ଧେ କରେ ବିଭୋର ।
ଟିକି ଡେଣା ଝାଡ଼ି ପରାଜପତିଟି
ବଗିଚାରେ ଉଡ଼ି ବୁଲେ
ଭରିଯାଏ ମନ ଅଜଣା ପୁଲକେ
ତାକୁ ଟିକେ ଦେଖିଦେଲେ ।
ମହୁମାଛିଟିଏ ଦେଖ କେତେ ଛୋଟ
ଉଡ଼ଇ ଫୁଲରୁ ଫୁଲ
ତା'ର ମିଠା ମହୁ ସଙ୍ଗେ ଅବା ହେବ
କିଛି ଏଠି ସମତୁଲ ।
ଟିକି ଚଢ଼େଇଟି କେଉଁଠାରେ ରୁହେ
କେହି ପାରେ ନାହିଁ ଜାଣି
ତା'ର କାକଳିରେ ସଭିଏଁ ଉଠନ୍ତି
ସକାଳ ହେଲାଣି ଜାଣି ।
ସବୁ ଛୋଟ ମଧ୍ୟେ ପରମ ଈଶ୍ୱର
ଭରିଛନ୍ତି ବଡ଼ ଗୁଣ
ବଡ଼ ହୋଇ ଯଦି ସୁଗୁଣ ନଥାଏ
ବ୍ୟର୍ଥ ହୁଅଇ ଜୀବନ ।

+ମଙ୍ଗଳପୁର,
ଯାଜପୁର, ଓଡ଼ିଶା

## କଳି କରିବାନି କେବେ

### ଆଦ୍ୟାଶା ମହାପାତ୍ର

ଦୁଇଟି ବିରାଡ଼ି ପିଠାଟେ ପାଇ
କଳି ଆରମ୍ଭିଲେ ଖାଇବା ପାଇଁ
ଦୁହିଁଙ୍କ ମଧ୍ୟରେ ଭାଗ ନ ଛିଣ୍ଡେ
ବେଳକୁ ବେଳ ସେ ଝଗଡା ବଢେ ।
ଗଛରେ ମାଙ୍କଡ ଥିଲାଟି ବସି
ପିଠାଟିକୁ ଦେଖି ଆସିଲା ହସି
କହିଲା ପିଠାକୁ କରିବି ଭାଗ
ଦୁହିଁଙ୍କ ମଧ୍ୟରେ ନଥିବ ରାଗ ।
ପଲାଟିଏ କାହୁଁ ମାଗି ଆଣିଲା
ଦୁଇ ପଟେ ପିଠା ଭାଙ୍ଗି ରଖିଲା
ଯେଉଁ ପଟ ପଲା ହୋଇଲା ଭାରି
ଖାଇଲା ସେଇଠୁ ଖଣ୍ଡିଆ କରି ।
ଦେଖୁ ଦେଖୁ ପିଠା ସବୁ ସରିଲା
ମାଙ୍କଡର ଇଛା ପୁରା ହୋଇଲା
କଳି କରିବାରୁ ବିରାଡି ଦୁଇ
ଓପାସ ରହିଲେ କିଛି ନପାଇ ।
ସେହି ଦିନୁ ଦୁହେଁ କଲେ ଶପଥ
କଳି କରିବେନି ହୋଇବେ ମିତ
ଏଣୁ କେବେ କଳି କରିବା ନାହିଁ
ଚଳିବା ସଭିଙ୍କୁ ସାଥିରେ ନେଇ ।

+ନୂଆପଡା,କଟକ



## ନକଲର ଫଳ ଶୁଆ ପାଇଲା

### ସୁବ୍ରତ ମଲ୍ଲିକ



ଅଗନା ଅଗନି ଜଙ୍ଗଲ । ସେହି ଜଙ୍ଗଲରେ ଗୋଟିଏ ବସାରେ ଶୁଆଟିଏ ଓ କୁଆଟିଏ ଛୋଟ ବେଲୁ ସାଙ୍ଗ ହୋଇ ରହୁଥାନ୍ତି । ସେ ଦୁହେଁ ସକାଳୁ ଉଠିବାଠାରୁ ଆରମ୍ଭ କରି ରାତିରେ ଶୋଇବା ଯାଏ ପ୍ରତିଟି କାର୍ଯ୍ୟ ସାଥି ହୋଇ କରନ୍ତି । ନିଜ ନିଜ ଭିତରେ କିମ୍ବା ଅନ୍ୟ କାହା ସହିତ କେବେ ବି ଝଗଡ଼ା କରନ୍ତି ନାହିଁ । ଆପଣା ସୀମା ଭିତରେ ରହି ସବୁ କାର୍ଯ୍ୟ କରନ୍ତି। ତେଣୁ ଜଙ୍ଗଲର ଅନ୍ୟ ପଶୁପକ୍ଷୀ ସେ ଦୁହିଁଙ୍କୁ ଖୁବ ଭଲ ପାଆନ୍ତି । ତେବେ ଶୁଆଟି ଏକ ବିଶେଷ ଗୁଣ ଥିଲା ଯେ, ସେ ବୁଝୁ କି ନ ବୁଝୁ ସହଜରେ ଅନ୍ୟର ଭାଷାକୁ ଶୀଘ୍ର ନକଲ କରିପାରୁଥିଲା। ସେଥିପାଇଁ ସେ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରି ସେମାନଙ୍କ ପ୍ରିୟଭାଜନ ହୋଇପାରୁଥିଲା । କୁଆ କିନ୍ତୁ ତାକୁ ସବୁବେଳେ ନ ବୁଝି ନ ଶୁଝି ନକଲ କରିବା ତୋ ପାଇଁ ବିପଦ ଆଣିପାରେ ବୋଲି ଯେତେ ବୁଝାଇଲେ ବି ସେ ଏଥିରୁ ନିବୃତ୍ତ ରହୁନଥିଲା।

ସବୁ ଦିନ ସମାନ ଯାଏନି । ଏକଦା ଦଳେ ଶିକାରି ସେହି ଜଙ୍ଗଲକୁ ପଶୁପକ୍ଷୀ ଶିକାର କରିବାକୁ ଆସିଥିଲେ । ସେମାନେ ଏକ ବରଗଛ ଗଛ ମୂଳେ ଠିଆ ହୋଇ କେମିତି ଆଜି ଅଧିକ ଶିକାର କରିବେ, ସେ ବିଷୟରେ ଯୋଜନା ତିଆରି କରୁଥିଲେ । କିଛି ସମୟ ଆଗରୁ ଉଡ଼ି ଉଡ଼ି ଆସି ସେହି ବରଗଛ ଡ଼ାଳେ ଶୁଆଟି ବସି ରହି ସେମାନଙ୍କ କଥା ଶୁଣୁଥିଲା। ଆଗରୁ କେବେ ସେ ମଣିଷମାନଙ୍କ ଭାଷା ଶୁଣିନଥିଲା । ତେଣୁ ସେ କିଛି ନ ବୁଝି ନ ଶୁଝି ପୁରୁଣା ଅଭ୍ୟାସ ଯୋଗୁଁ ସେମାନଙ୍କ କଥାକୁ ନକଲ କରି କହିବା ଆରମ୍ଭ କରିଦେଲା ।

ଶିକାରୀମାନେ ଜାଣିପାରିଲେ ଯେ ସେମାନଙ୍କ ଯୋଜନାକୁ କେହି ଜଣେ ଲୁଚି ଛପି ଶୁଣିନେଇଛି। ଏଣେ ତେଣେ ଲକ୍ଷ୍ୟ କଲାରୁ ସେମାନେ ଦେଖିଲେ ଯେ, ସେହି ଗଛ ଡାଳ ଉପରେ ବସି ଶୁଆଟିଏ ଏପରି କହୁଛି । ସେ ଯଦି ଉଡ଼ି ଉଡ଼ି ଜଙ୍ଗଲ ସାରା ଏ କଥା ପ୍ରଘଟ କରିଦେବ, ତା ହେଲେ ସେମାନଙ୍କ ସବୁ ଯୋଜନା ପଣ୍ଡ ହୋଇଯିବା ସହିତ ସେମାନେ ଧରାପଡିଯିବେ ବୋଲି ଆଶଙ୍କା କଲେ । ତେଣୁ ସେମାନେ ସ୍ଥିର କଲେ ଯେ , ପ୍ରଥମେ ସେମାନେ ସେହି ଶୁଆଟିର ଶିକାର କରିବେ ଓ ଆଗକୁ ବଢ଼ିବେ ।

ଏହା ପରେ ସେମାନଙ୍କ ଭିତରୁ ଦକ୍ଷ ତୀର ଚଲାଳିଜଣକ ସେହି ଶୁଆଟିକୁ ଲକ୍ଷ୍ୟ କରି ଶର ପ୍ରୟୋଗ କଲା । ଶରଟି ଶୁଆ ଦେହରେ ବାଜିବାରୁ ସେ ଗଛରୁ ତଳକୁ ଖସିପଡ଼ିଲା । କିଛି ସମୟ ପରେ ପ୍ରାଣ ମଧ୍ୟ ତ୍ୟାଗ କଲା । ଶିକାରିମାନେ ସେହି ମୃତ ଶୁଆଟିକୁ ନିଜ ମୁଣିରେ ରଖି ଆଗକୁ ବଢିଲେ ।

ସଞ୍ଜ ହେବା ବେଳକୁ କୁଆ ବସାକୁ ଫେରିଆସିଲା । ସେ ବହୁତ ସମୟ ଅପେକ୍ଷା କରିବା ପରେ ବି ଶୁଆଟି ଆଉ ଫେରିଲାନି । ବହୁ କଥା ଭାବୁ ଭାବୁ ବସାକୁ ଫେରୁଥିବା ବେଳେ ଆଜି ଶିକାରିମାନେ ଜଙ୍ଗଲକୁ ଆସିଥିଲେ ବୋଲି ଶୁଣିଥିବା କଥା ତାର ମନେ ପଡ଼ିଗଲା । ତେଣୁ ସେ ବି ଅନୁମାନ କରିପାରିଲା ଯେ ଶିକାରିମାନେ ଶୁଆଟିର ନିଶ୍ଚିତ ଶିକାର କରିନେଇଥିବେ । ନିଜର ସବୁଠାରୁ ଭଲ ସାଙ୍ଗକୁ ହରାଇବା ଦୁଃଖରେ ତା'ର ଆଖିରୁ ଦୁଇ ଧାର ଲୁହ ଝରି ପଡ଼ିଲା ।

ଏହିପରି ଭାବରେ କିଛି ନ ବୁଝି ନ ବିଚାରି ସବୁବେଳେ ଅନ୍ୟକୁ ନକଲ କରିବା ଗୁଣ ଯୋଗୁଁ ଶୁଆଟିକୁ ଶେଷରେ ନିଜର ଜୀବନ ଦେବାକୁ ପଡିଲା ।

+କୋରୁଆ ,ଅସୁରାଳି ,ଭଦ୍ରକ
ମୋ: ୭୦୦୮୩୧୫୯୧୬

## ଚଗୁଲୁ ହେଲା ସୁନା ପିଲା

### ଜନ୍ମଜୟ ନାୟକ



'ମନେପଡେ ସେଦିନର କଥା। ସ୍କୁଲରେ ଦେବାଶିଷ ସାରଙ୍କ ପ୍ରଥମ ଦିନ। ମନରେ ଭରିଥାଏ କେତେ ଆଶା ଆକାଂକ୍ଷା। ଅନେକ କଷ୍ଟ କରି ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥାନ୍ତି ସେ। ଆଜି ନିଯୁକ୍ତି ପାଇ ଯୋଗଦେବାର ପ୍ରଥମ ଦିନ। ମନ ବହୁତ ଖୁସି ଥାଏ ବିଦ୍ୟାଳୟରେ ନୂଆନୂଆ ପିଲା ମାନଙ୍କ ସହ ମିଶିବାର ସୁଯୋଗ ମିଳିବ। ପ୍ରାର୍ଥନା ପରେ ଉପସ୍ଥାନ ଖାତାଟିକୁ ହାତରେ ଧରି ମନଜିଣା ସ୍ମିତହାସ୍ୟ ବଦନରେ ନବମ ଶ୍ରେଣୀ କକ୍ଷକୁ ପ୍ରବେଶ କରି ପିଲାମାନଙ୍କୁ ଶୁଭେଚ୍ଛା ଜଣାଇଲେ। ସେହି ସମୟରେ ଶ୍ରେଣୀ କକ୍ଷରେ ଆରମ୍ଭ ହେଇଗଲା ପିଲାମାନଙ୍କ ମଧ୍ୟରେ କଥାବାର୍ତ୍ତା, ହସାହସି ଇତ୍ୟାଦି। ପିଲାମାନଙ୍କ ଏପରି ଆଚରଣରେ ନିଜକୁ ଅସହଜ ମନେ କରୁଥିଲେ ମଧ ବିଚଳିତ ନହୋଇ ଶିକ୍ଷାଦାନ କାର୍ଯ୍ୟରେ ମନ ଦେଲେ। ପ୍ରଥମେ ସେ ପିଲାମାନଙ୍କ ଧ୍ୟାନକୁ ନିଜ ଆଡକୁ ଆକର୍ଷିତ କରିବାକୁ ଚେଷ୍ଟା କଲେ। ନିଜର ବିଚକ୍ଷଣ ବୁଦ୍ଧି, ବାକ୍ ଚାତୁରୀ, ଆଉ ପରିଚାଳନାର ଅଭୂତପୂର୍ବ ଦକ୍ଷତା ଯୋଗୁଁ ସେ ଏଥିରେ ସଫଳ ମଧ ହେଲେ। ସାର୍ ଏକ କୌତୁକିଆ ଉପାୟରେ ପିଲା ମାନଙ୍କ ଉପସ୍ଥାନ ନେଲେ। ତାପରେ ତାଙ୍କର ପ୍ରିୟ ପାଠ୍ୟକ୍ରମ ବିଷୟରେ ପଚାରି ବୁଝିଲେ। ତାଙ୍କ ସହ ବିଭିନ୍ନ ଶିକ୍ଷଣୀୟ ଖେଳ ଖେଳିଲେ। ସାର୍ଙ୍କ ପ୍ରତି ପିଲାମାନଙ୍କର ଆଗ୍ରହ ବଢିଗଲା। ସେମାନେ ବେଶ ଉତ୍ସୁକତାର ସହ ତାଙ୍କ କଥା ଶୁଣିବାକୁ ଲାଗିଲେ। ସମସ୍ତେ ଶାନ୍ତ ଆଉ ଏକ ଲୟରେ ଦେବାଶିଷ ସାରଙ୍କୁ ଚାହିଁ ରହିଥିଲେ।

ହଠାତ୍ ନଜର ପଡିଲା ଦେବାଶିଷ ସାରଙ୍କର ଗୋଟେ ପିଲା ଉପରେ। ତାର କୌଣସି ଆଗ୍ରହ ନଥିଲା ଦେବାଶିଷ ସାରଙ୍କ କଥାରେ। ଦେବାଶିଷ ସାର୍ ତାକୁ ପାଖକୁ ଡାକି ତା ନାଁ ପଚାରିଲେ। ଅନେକଥର ପଚାରିବା ପରେ ମୁହଁ ତଳକୁ କରି ସେ କହିଲା 'ଚଗୁଲୁ'। ହଉ ବୋଲି କହି ଦେବାଶିଷ ସାର୍ ତାକୁ ତା ସିଟକୁ ଯାଇ ଖେଳରେ ଭାଗ ନେବାକୁ କହିଲେ। ଏହା କହି ସେ ଚଗୁଲୁ ଉପରେ ନଜର ରଖି ନିଜ କାର୍ଯ୍ୟରେ ମନ ଦେଲେ। କିଛି ସମୟ ପରେ ଚଗୁଲୁ ପୁଣି କିଛି ବଦମାସି କରୁଥିବାର ଦେଖି ପାରିଲେ ସାର। ଚଗୁଲୁ ଡରିଗଲା ବହୁତ। ଭାବିଲା ଆଜି ତାକୁ ଆଉ କେହି ରକ୍ଷା କରି ପାରିବେନି। ସେ ପାଖ ପିଲାର ଟିଫିନ ଚୋରେଇ ଖାଉଥିଲା। ଦେବାଶିଷ ସାର୍ ସ୍ମିତ ହସି ନିଜ ପାଠପଢ଼ା ଜାରି ରଖିଲେ।

ଖେଳଛୁଟିର ସମୟ। ସମସ୍ତେ ଖେଳକୁଦରେ ବ୍ୟସ୍ତ। ଚଗୁଲୁ ମନମାରି ଖେଳପଡିଆର ଗୋଟେ କଣରେ ବସିଛି। ହଠାତ୍ ତା ପିଠିରେ କାହାର ହାତର ସ୍ନେହବୋଳା ସ୍ପର୍ଶ ସେ ଅନୁଭବ କଲା। ପଛକୁ ବୁଲି ଦେଖେ ତ ଦେବାଶିଷ ସାର। ହଠାତ୍ ସାରଙ୍କୁ ନିଜ ପାଖରେ ପାଇଁ ଭୟରେ ଇତସ୍ତତଃ ହେଇଗଲା ସେ। ସାର କିନ୍ତୁ ହସହସ ମୁହଁ କରି ବେଶ ସ୍ୱାଭାବିକ ଭାବେ ତା ହାତକୁ ନିଜର ଟିଫିନ ବାକ୍ସଟି ବଢାଇ ଦେଲେ। ଆଖି ଛଳଛଳ ହେଇଗଲା ଚଗୁଲୁର। ସେ ଆଶ୍ଚର୍ଯ୍ୟ ହେଇ ଭାବୁଥିଲା ସାର କେମିତି ଜାଣିଲେ ଯେ ତାକୁ ଭୋକ ଲାଗୁଥିଲା ଆଉ ସେ ଆଜି ଟିଫିନ୍ ଆଣିନାହିଁ ବୋଲି। ଟିଫିନ୍ ଖୋଲି ଖାଉଖାଉ ହଠାତ ଦେବାଶିଷ ସାର୍ଙ୍କ ହସ ଶୁଣି ସେ ବି ଜୋରରେ ହସି ଉଠିଲା। ସାର୍ ପଢଉଥିବା ବେଳେ ଚଗୁଲୁକୁ ଖାତାରେ କିଛି ଗାରଉ ଥିବାର ଦେଖିଥିଲେ। ତେଣୁ ତା ଖାତା ନେଇ ଆସି ଦେଖୁଥିଲେ। ସେଥିରେ ଦେବାଶିଷ ସାରଙ୍କର ଗୋଟିଏ ଅତି ସୁନ୍ଦର କାର୍ଟୁନ୍ ଅଙ୍କା ହେଇଥିଲା। ସାର୍ଙ୍କୁ ଏପରି ହସୁଥିବାର ଦେଖି ଚଗୁଲୁର କାହିଁକି କେଜାଣି ଇଚ୍ଛା ହେଲା ସାରଙ୍କୁ ଜାବୁଡ଼ି ଧରିବାକୁ। ସାର୍ ତା ପିଠି ଥାପୁଡେଇ କହିଲେ 'ଆରେ ବାଃ ଚଗୁଲୁ ତୁ ଏତେ କମ୍ ବୟସରୁ ଏମିତି କାର୍ଟୁନ କେମିତି ଆଙ୍କି ପାରୁଛୁ ! ତୁ ତ ସତରେ ଗୋଟେ ଚିତ୍ରକର।'

'ବାସ ତା ପରଠୁ ଏ ଚଗୁଲୁ କେବେ ସୁନା ପିଲା ହେଇଗଲା ସେ ନିଜେ ବି ଜାଣି ପାରିଲାନି।'

ଏତିକି କହି ଓଦା ଆଖିକୁ ଲୁଚାଇ ନତମସ୍ତକ ହେଇ ନିଜର ପ୍ରିୟ ଶିକ୍ଷକ ଦେବାଶିଷ ସାରଙ୍କୁ ଅଶେଷ ଧନ୍ୟବାଦ ଜଣାଉ ଥିଲା

ବିଶ୍ୱରେ ସର୍ବକନିଷ୍ଠ କାର୍ଟୁନିଷ୍ଟ ଭାବେ ନୂତନ ବିଶ୍ୱରେକର୍ଡର ଅଧିକାରୀ ହୋଇ ଅଜସ୍ର ଶୁଭେଚ୍ଛା ସାଉଁଟୁଥିବା ଚଗୁଲୁ ଓରଫ ଚନ୍ଦ୍ରକାନ୍ତ ରାଉତ।

+ଗୋପୀନାଥଜୀଉ ସରକାରୀ
ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର
ମୋ: ୯୩୩୭୮୦୦୫୬୫

# ଅନୁସୂଚିତ ବର୍ଗଙ୍କ ବିକାଶ, ମୋଦି ସରକାରଙ୍କ ପ୍ରାଥମିକତା : ବିଜେପି

ଭୁବନେଶ୍ୱର,୧୫/୦୪ (ନି.ପ୍ର): ଶାସନ କ୍ଷମତାକୁ ଆସିବାରେ ମୋଦି ସରକାର ବହୁ ଗରୀବକଲ୍ୟାଣ ଯୋଜନାକୁ କାର୍ଯ୍ୟକାରୀ କରିଛନ୍ତି । ମୁଦ୍ରା ଯୋଜନାରେ ୩୪କୋଟି ଅନୁସିଚତ ବର୍ଗ ଲୋକେ ଉପକୃତ ହୋଇଛନ୍ତି ଓ ଭାରତ ସରକାର ୧୮.୭୦ଲକ୍ଷ କୋଟି ଟଙ୍କା ଋଣ ଯୋଗାଇଛନ୍ତି। ୩.୧୦କୋଟି ଅନୁସୁଚିତ ବର୍ଗ ମହିଳା ଉଜ୍ୱଳା ଯୋଜନା ଅନ୍ତର୍ଗତ ମାଗଣାରେ ରୋଷେଇ ଗ୍ୟାସ ପାଇଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧.୩୧କୋଟି ଅନସୁଚିତ ବର୍ଗ ପରିବାରକୁ ପକ୍କା ଘର ଯୋଗାଇ ଦିଆଯାଇଛି। ଅନସୁଚିତ ବର୍ଗ ଛାତ୍ରଛାତ୍ରୀଙ୍କ ସ୍କଲାରସିପକୁ ୨ଗୁଣା ବୃଦ୍ଧି କରାଯାଇଛି ଏବଂ ଏଥି ପାଇଁ ୭.୭ହଜାର କୋଟି ଟଙ୍କା ମୋଦି ସରକାର ଅର୍ଥ ବ୍ୟୟ କରିଛନ୍ତି । ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଅନୁସୁଚିତ ବର୍ଗହିତାଧିକାରୀଙ୍କୁ ୫୫୦୦ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି । ଦକ୍ଷତା ବୃଦ୍ଧି ପାଇଁ ୨.୭ଲକ୍ଷ କୋଟି ଅନୁସୁଚିତ ବର୍ଗ ଯୁବକଙ୍କୁ ମାଗଣା ପ୍ରଶିକ୍ଷଣ ଯୋଗାଇ ଦିଆଯାଉଛି। ୨୦୦୦ରୁ ଅଧିକ ଅନୁସୁଚିତ ବହୁଳ ଗାଁମାନଙ୍କୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗାଁ ଭାବେ ବିକଶିତ କରିବାକୁ ମୋଦି ସରକାର ସଂକଳ୍ପବଦ୍ଧ । ମୋଦି ସରକାରଙ୍କ ଅନୁସୁଚିତ ବର୍ଗଙ୍କ ବିକାଶ ପାଇଁ ତାଙ୍କର ଦୃଢ ପ୍ରତିବଦ୍ଧତା ପାଇଁ ରାଜ୍ୟ ବିଜେପି ତାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ଅନୁସୁଚିତ ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ଡ.ବିଭୁପ୍ରସାଦ ତରାଇ କହିଛନ୍ତି । ଅନ୍ୟ ପଟେ ଅନୁସୁଚିତ ବର୍ଗଙ୍କ ବିକାଶ ଓ କଲ୍ୟାଣ ପାଇଁ ଆସୁଥିବା କେନ୍ଦ୍ରୀୟ ଅନୁଦାନ ଅର୍ଥକୁ ଓଡ଼ିଶା ସରକାର ବିଭିନ୍ନ ଉପାୟରେ ବାଟମାରଣା କରି ଅନ୍ୟାୟ କରୁଛନ୍ତି । ସାମାଜିକ, ଆର୍ଥିକ, ନ୍ୟାୟିକ ନ୍ୟାୟ ପାଇବାରୁ ତାଙ୍କୁ ବଂଚିତ ରଖାଯାଉଛି । ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବର୍ଷକୁ ଅନୁନ୍ୟ ତିନି ଅନୁଷ୍ଠିତ ହେବାକୁ ଥିବା ଆଡଭାଇଜରୀ କମିଟି ବୈଠକ ଥରଟିଏ ମଧ୍ୟ ଅନୁଷ୍ଠିତ ହେଉନାହିଁ । ରାଜ୍ୟରେ ଅନସୁଚିତ ବର୍ଗ ଲୋକଙ୍କ ପ୍ରତି ଆକ୍ରମଣ ବଢି ଚାଲିଥିବାବେଳେ ତାକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ନାହିଁ । ବରଂ ଅଭିଯୁକ୍ତମାନଙ୍କୁ ସୁରକ୍ଷା ଦେବାରେ ଅଧିକ ତତ୍ପରତା କରୁଛନ୍ତି । କେନ୍ଦ୍ରାପଡା, ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ, ଜଗତସିଂପୁର, କେନ୍ଦୁଝର ଜିଲ୍ଲାରେ ଦଳିତ ଲୋକମାନଙ୍କୁ ଆକ୍ରମଣ ହେବା ସତ୍ୱେ ଶାସକ ବିଜେଡିର ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ସ୍ଥାନିୟ ପୋଲିସ ଏନଂ ପ୍ରଶାସନ ନୀରବଦ୍ରଷ୍ଟା ସାଜିବା ଅତ୍ୟନ୍ତ ଲଜ୍ଜାଜନକ । ରାଜ୍ୟ ସରକାରଙ୍କ ଏଭଳି ଦଳିତବିରୋଧୀ ମନୋଭାବକୁ ଆଦୌ ଗ୍ରହଣ କରାଯିବ ନାହିଁ ଏବଂ ଆଗାମୀ ଦିନରେ ଶାସକ ବିଜେଡି ଏହାର ଉଚିତ୍ ଜବାବ୍ ପାଇବ ବୋଲି ଶ୍ରୀ ତରାଇ ଚେତାଇ ଦେଇଛନ୍ତି ।

ଏହି ଅବସରରେ ଗଣମାଧ୍ୟମ ମୁଖ୍ୟ ଦିଲ୍ଲୀପ ମଲ୍ଲିକ ଏବଂ ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଅଣ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ପ୍ରାଣ ହରାଉଥିବା ରୋଗୀ ଓଡ଼ିଶାରେ ସର୍ବାଧିକ

ଭୁବନେଶ୍ୱର,୧୫/୦୪ (ନି.ପ୍ର): ଓଡ଼ିଶାରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ରକୁ ପଦାରେ ପକାଇଛି ଏସବିଆଇର ରିପୋର୍ଟ। ନିକଟରେ ପ୍ରକାଶିତ ଏହି ରିପୋର୍ଟରେ ରାଜ୍ୟର ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବାକୁ ନେଇ ଯେଉଁ ଚିତ୍ର ସାମ୍ନାକୁ ଆସିଛି ତାହା ଅତ୍ୟନ୍ତ ଲଜ୍ଜାଜନକ। ରାଜ୍ୟରେ ତାଲିମ୍‌ପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ(ଡାକ୍ତର ଓ ଅନ୍ୟମାନେ)ଙ୍କ ଅଭାବ ପାଇଁ ଡାକ୍ତରଖାନାରେ ୩୬ ପ୍ରତିଶତ ରୋଗୀ ପ୍ରାଣ ହରାଉଛନ୍ତି। ଯାହାକି ଦେଶରେ ସର୍ବାଧିକ। ମାତ୍ର ୧୫ ପ୍ରତିଶତ ତାଲିମପ୍ରାପ୍ତ ଡାକ୍ତର ରୋଗୀଙ୍କ ସେବା କରିବାରେ ସକ୍ଷମ ବୋଲି ଏଥିରେ କୁହାଯାଇଛି। ଗତ ୨ବର୍ଷ ଧରି କୋଭିଡ ଲହର ଚାଲିଥିବା ବେଳେ ଏ ସମୟର ରିପୋର୍ଟ ଏ ପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ। ୨୦୧୯ ମସିହା ପାଇଁ ସାମ୍ପୁଲ ରେଜିଷ୍ଟ୍ରେସନ୍ ସିଷ୍ଟମ୍ ବା ଏସ୍‌ଆରଏସ୍ ସର୍ଭେ ପ୍ରକାଶିତ ହୋଇଛି। ଏହିବର୍ଷ ଓଡ଼ିଶାରେ ୩.୪୨ଲକ୍ଷ ମୃତ୍ୟୁ ପଞ୍ଜୀକୃତ ହୋଇଥିବା ବେଳେ ତହିଁରୁ ୪୩,୧୯୧ ମୃତ୍ୟୁର ଡାକ୍ତରୀ ପ୍ରମାଣପତ୍ର ବା ଏମ୍‌?ସିସିଡି କରାଯାଇଛି। ସର୍ବାଧିକ ଅଣ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ ଥିବା ରାଜ୍ୟମାନଙ୍କ ଭିତରେ ଓଡ଼ିଶା ପରେ କର୍ଣ୍ଣାଟକ, ଝାରଖଣ୍ଡ, ଛତିଶଗଡ଼, ତାମିଲନାଡୁ ଭଳି ରାଜ୍ୟ ରହିଛନ୍ତି। ପଞ୍ଜାବରେ ସବୁଠାରୁ କମ୍ ୨.୩ ପ୍ରତିଶତ, ହିମାଚଳ ପ୍ରଦେଶ ୩.୭, କେରଳ ୪.୧ ଓ ଉତ୍ତରାଖଣ୍ଡରେ ୭.୧ ପ୍ରତିଶତ ରହିଥିବା କୁହାଯାଇଛି। ସେହିପରି ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ ତାଲିକାରେ ଆସାମରେ ସର୍ବାଧିକ ୫୧.୯ ପ୍ରତିଶତ ଥିବା ବେଳେ ହରିୟାନାରେ ୫୦, ଗୁଜୁରାଟ ୪୫, ପଞ୍ଜାବ, ପଶ୍ଚିମବଙ୍ଗରେ ୪୦ ଲେଖାଏ, ମହାରାଷ୍ଟ୍ରରେ ୩୭ ପ୍ରତିଶତ ସ୍ୱାସ୍ଥ୍ୟକର୍ମୀ ରହିଛନ୍ତି। ହିମାଚଳ ପ୍ରଦେଶରେ ୫୧ ପ୍ରତିଶତ ରୋଗୀ ସରକାରୀ ହସ୍ପିଟାଲରେ ପ୍ରାଣ ହରାଉଛନ୍ତି। ଏହାପରେ ଦିଲ୍ଲୀ ୫୦ ପ୍ରତିଶତ, ଜମ୍ମୁ ଓ କଶ୍ମୀରରେ ୪୫, କେରଳ ୪୩ ଓ ଓଡ଼ିଶାରେ ୩୦ ପ୍ରତିଶତ ରୋଗୀଙ୍କ ସରକାରୀ ଡାକ୍ତରଖାନାରେ ମୃତ୍ୟୁ ହେଉଛି। ରାଜ୍ୟବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ରାଜ୍ୟ ସରକାର ବିଜୁ ସ୍ମାର୍ଟ କାର୍ଡ ବାଣ୍ଟୁଛନ୍ତି। କିନ୍ତୁ ଡାକ୍ତରଖାନାରେ ଆବଶ୍ୟକ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ଅଭାବ କିଭଳି ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇବାରେ ସମ୍ଭବ ହେବ ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ତାଲିମ୍ ନୁହେଁ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଡାକ୍ତରଙ୍କ ଅଭାବ ପାଇଁ ରାଜ୍ୟ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି। ନିକଟରେ ସ୍ୱାସ୍ଥ୍ୟମନ୍ତ୍ରୀ ବିଧାନସଭାରେ ରଖିଥିବା ଉତ୍ତରରେ ଜିଲ୍ଲାସ୍ତରରେ ୪୨ ପ୍ରତିଶତ ଡାକ୍ତରଙ୍କ ଅଭାବ ଥିବା ସ୍ୱୀକାର କରିଛନ୍ତି। ପୂର୍ବତନ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା.ସେବା ମହାପାତ୍ର କହିଛନ୍ତି, ଏସ୍‌ଆରଏସ୍ ପ୍ରତି ୧୦ବର୍ଷରେ ଆସିଥାଏ। ତେଣୁ ଏହାର ରିପୋର୍ଟ ପ୍ରକାଶ ପାଇବା ଓ ବର୍ତ୍ତମାନ ସମୟରେ ଭିତରେ କିଛିଟା ତାରତମ୍ୟ ରହିବା ସ୍ୱାଭାବିକ।

# ରାଜ୍ୟର ୬ ଜିଲ୍ଲାରୁ ୧୭ କରୋନା ପଜିଟିଭ ଚିହ୍ନଟ : ୩ ଜଣ ୧୮ ବର୍ଷରୁ କମ୍ ବର୍ଗର

ଭୁବନେଶ୍ୱର,୧୫/୦୪ (ନି.ପ୍ର): ଗତକାଲି ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୦ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୩ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ମାତ୍ର ୬ଟି ଜିଲ୍ଲାରୁ ୧୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୪ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଆଜି ବାଲେଶ୍ୱର ଜିଲ୍ଲାରୁ ସର୍ବାଧିକ ୬ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୬ ଜଣ, କଳାହାଣ୍ଡି ଜିଲ୍ଲାରୁ ୧ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୫ ଜଣ, ରାୟଗଡ଼ା ଜିଲ୍ଲାରୁ ୧ ଜଣ, ସମ୍ବଲପୁର ଜିଲ୍ଲାରୁ ୨ ଜଣ ଓ ଷ୍ଟେଟ ପୁଲରୁ ୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୨,୮୭,୯୦୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨,୭୮,୬୦୫ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧୨୧ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ଆମ୍ବେଦକରଙ୍କ ପାଇଁ ଦେଶର ଶୋଷିତ, ଦରିଦ୍ର, ଦଳିତ ବର୍ଗ ନ୍ୟାୟ ପାଇବାକୁ ସମର୍ଥ ହୋଇଛନ୍ତି : ସମୀର ମହାନ୍ତି

ଭୁବନେଶ୍ୱର,୧୫/୦୪ (ନି.ପ୍ର): ଆଧୁନିକ ଭାରତ ଗଠନରେ ଭାରତରତ୍ନ ବାବାସାହେବ ଡା. ଭୀମରାଓ ଆମ୍ବେଦକରଙ୍କ ଅବଦାନ ଏବଂ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା । ବାବାସାହେବ କେବଳ ସମାଜର ଅନ୍ତିମ ଧାଡିରେ ଥିବା ଲୋକଙ୍କ କଲ୍ୟାଣ ପାଇଁ ଯେ ଚିନ୍ତାକରୁଥିଲେ ତା'ନୁହେଁ, ବରଂ ସମାଜରେ ସମାନତା, ସାର୍ବଭୌମତ୍ୱ, ଓ ମହିଳା ସଶକ୍ତିକରଣ ଭଳି ବହୁବିଧ ଓ ବହୁ ଆୟାମୀ ଜନକଲ୍ୟାଣକାରୀ ବ୍ୟବସ୍ଥା ସମ୍ବିଧାନରେ ଯୋଡି ଭାରତୀୟ ଗଣତନ୍ତ୍ରକୁ ସଶକ୍ତ ତଥା ବଳିଷ୍ଠ କରିଥିଲେ । ସେ ଏକାଧାରରେ 'ଶିକ୍ଷା ସଂଘର୍ଷ ତଥା ସଂଗଠନ' ଭଳି ସ୍ଲୋଗାନ ପ୍ରବର୍ତନ କରି ସମାଜକୁ ଏକ ନୂଆ ଦିଗ୍‌ଦର୍ଶନ ଦେଇଥିଲେ । ଆମ୍ବେଦକରଙ୍କ ପାଇଁ ଦେଶର ଶୋଷିତ, ଦଳିତ, ଆଦିବାସୀ ମହିଳା, ଦରିଦ୍ର ସମସ୍ତେ ନ୍ୟାୟ ପାଇବାକୁ ସମର୍ଥ ହୋଇଛନ୍ତି ବୋଲି ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ଭାରତରତ୍ନ ବାବାସାହେବ ଡା. ଭୀମରାଓ ଆମ୍ବେଦକରଙ୍କ ୧୩୨ତମ ଜନ୍ମ ଜୟନ୍ତୀ ରାଜ୍ୟ କାର୍ଯ୍ୟାଳୟରେ ପାଳନ ଅବସରରେ ସେ କହିଛନ୍ତି ବାବାସାହେବ ଆମ୍ବେଦକର ଭାରତବର୍ଷର ଅମୂଲ୍ୟ ରତ୍ନ ଥିଲେ। ତାଙ୍କ ଜୀବନ ଗରିବ, ବଂଚିତ, ନିଷ୍ପେସିତ ଏବଂ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗଙ୍କ ଉତଥାନ ଏବଂ ସଶକ୍ତିକରଣ କରିବାରେ ସମର୍ପିତ ରହିଥିଲା। ଆମେ ସମସ୍ତେ ବାବାସାହେବଙ୍କ ସାମାଜିକ ସମରସତାରେ ପ୍ରେରିତ ଏବଂ ତାଙ୍କ ସ୍ୱପ୍ନର ଭାରତ ନିର୍ମାଣ ପାଇଁ କଟିବଦ୍ଧ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହା ପୂର୍ବରୁ ଭୁବନେଶ୍ୱର ସ୍ଥିତ ଏଜି ଛକରେ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର, ଅନୁସୁଚିତ ମୋର୍ଚ୍ଚା ରାଜ୍ୟ ସଭାପତି ଡ.ବିଭୁପ୍ରସାଦ ତରାଇଙ୍କ ସମେତ ବହୁ ରାଜ୍ୟ ପଦାଧିକାରୀମାନେ ବାବା ସାହେବଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଂଜଳୀ ଅର୍ପଣ କରିଛନ୍ତି । ପରେ ରାଜ୍ୟକାର୍ଯ୍ୟାଳୟରେ ରାଜ୍ୟ ପଦାଧିକାରୀମାନେ ବାବା ସାହେବଙ୍କ ଫଟୋରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ । ସାମାଜିକ ସମରସତା ପରିପ୍ରେକ୍ଷୀରେ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଆଜି ଭୁବନେଶ୍ୱର ବାପୁଜିନଗରସ୍ଥିତ କେଦାରପଲ୍ଲୀ ବସ୍ତିକୁ ଯାଇ ସ୍ଥାନୀୟବାସିନ୍ଦାଙ୍କ ଗହଣରେ ଅନୁଷ୍ଠିତ 'ସହଭୋଜ'ରେ ଯୋଗ ଦେଇଥିଲେ ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡିଆ ନବବର୍ଷ ପାଳିତ

ଭୁବନେଶ୍ୱର,୧୫/୦୪ (ନି.ପ୍ର): ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡିଆ ନବବର୍ଷ ଅବସରରେ ଉତ୍କଳ ସମ୍ମିଳନୀର ସଦସ୍ୟମାନେ ମଂଚେଶ୍ୱର ଶିଳ୍ପାଂଚଳ ଶାଖା କାର୍ଯ୍ୟାଳୟରେ ଏକତ୍ରିତ ହୋଇ ଓଡିଆ ନବବର୍ଷ ପାଳନ କରିଥିଲେ । ଏହି ଅବସରରେ ଓଡିଆ ନୂତନ ବର୍ଷର ଅଭିନନ୍ଦନ ପତ୍ର ଉନ୍ମୋଚିତ ହୋଇଥିଲା । ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ବୈଠକରେ ସଭାପତିତ୍ୱ କରି କହିଥିଲେ ଯେ, ମାତୃ ଭାଷାରେ ଶିକ୍ଷାଲାଭ କରିବା ସହିତ ସମସ୍ତ କାର୍ଯ୍ୟ ମାତୃ ଭାଷାରେ କରିବା ସମସ୍ତଙ୍କର ମୌଳିକ ଅଧିକାର । ଆମ ଦେଶରେ କେବଳ ହିନ୍ଦୀକୁ ସରକାରୀ ଭାଷା କରି ସମସ୍ତଙ୍କ ଉପରେ ଲଦିଦେବା ଉଚିତ ନୁହେଁ । ଏହାକୁ ଉତ୍କଳ ସମ୍ମିଳନୀ ଦୃଢ ଭାବେ ବିରୋଧ କରୁଛି । ଏହି ବୈଠକରେ ଉପ-ସଭାପତି ପ୍ରତାପ ସ୍ୱାଇଁ ଓ ଶିତଳ ଚନ୍ଦ୍ର ମହାନ୍ତି, ଯୁଗ୍ମ-ସମ୍ପାଦକ ଶିଧାର୍ଥ ଶେଖର ଗଡନାୟକ, ଇଂ ନଳିନୀ ମହାନ୍ତି, ପ୍ରତାପ କୁମାର ନନ୍ଦ, ଅକ୍ଷୟ କୁମାର ଜେଠୀ, ସମରଞ୍ଜନ ମହାନ୍ତି ଓ ପ୍ରକାଶ ସାମଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

# ଅଭିଯୁକ୍ତଙ୍କୁ ସୁହାଉଛି ବିଳମ୍ବିତ ଚାର୍ଜସିଟ୍ : ୫୮% ମାମଲାରେ ଫେଲ୍

ଭୁବନେଶ୍ୱର,୧୫/୦୪ (ନି.ପ୍ର): ଗିରଫ କରୁଛି ସିନା, କିନ୍ତୁ ଠିକଣା ସମୟରେ ଚାର୍ଜସିଟ୍ ଦାଖଲ କରିପାରୁନି କମିସନରେଟ୍ ପୁଲିସ । ବିଳମ୍ବିତ ଚାର୍ଜସିଟ୍ ଯୋଗୁଁ ଅଭିଯୁକ୍ତମାନେ ଜେଲ୍‌ରୁ ବାହାରି ପୁଣି ଆତଙ୍କରାଜ ସୃଷ୍ଟି କରୁଛନ୍ତି । ଶେଷରେ ବାଧ୍ୟ ହୋଇ ସାକ୍ଷୀମାନେ ଜୀବନ ରକ୍ଷା କରିବାକୁ କୋର୍ଟରେ ବୟାନ ବଦଳାଉଛନ୍ତି । ଏଭଳି ବେପାରୁଆ ବ୍ୟବସ୍ଥା ରାଜଧାନୀରେ ଅପରାଧୀମାନଙ୍କ ପାଇଁ ବରଦାନ ପାଲଟିଛି । ଗୋଟିଏ ଅପରାଧ ଘଟାଇବା ପରେ ମଧ୍ୟ ଜାମିନରେ ଆସି ପୁଣି ବାରମ୍ବାର ଅପରାଧ ଘଟାଉଛନ୍ତି । ଯେଉଁଥିପାଇଁ କମିସନରେଟ୍ ପୁଲିସ ହାତରୁ ଆଇନ ଶୃଙ୍ଖଳା ଧୀରେ ଧୀରେ ଖସିବାରେ ଲାଗିଛି । କମିସନରେଟ୍ ପୁଲିସ ଗତକାଲି ଜାରି କରିଥିବା ୨୦୨୧ ମସିହାର ରିପୋର୍ଟରୁ ଏଭଳି ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି । ୨୦୨୧ ମସିହାରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ମୋଟ ୯୨୬୫ଟି ଆପରାଧିକ ମାମଲା ରୁଜୁ ହୋଇଥିବା ବେଳେ ମାତ୍ର ୪୨ପ୍ରତିଶତ ଅର୍ଥାତ୍ ୩୯୬୫ଟି ମାମଲାରେ ଚାର୍ଜସିଟ୍ ଦାଖଲ କରିବାରେ ସମର୍ଥ ହୋଇଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ହତ୍ୟା, ଡକାୟତି, ଦୁଷ୍କର୍ମ, ଦଙ୍ଗା, ସିନ୍ଧିଚୋରି ଭଳି ସଙ୍ଗିନ ଆପରାଧିକ ମାମଲାରେ ହିଁ କମିସନରେଟ୍ ପୁଲିସ ଚାର୍ଜସିଟ୍ ଦାଖଲ କରିବାରେ ପଛୁଆ ରହିଛି । ୨୦୨୧ରେ ମୋଟ ୪୭ଟି ହତ୍ୟାକାଣ୍ଡ ହୋଇଥିବା ବେଳେ ସେଥିମଧ୍ୟରୁ ମାତ୍ର ୧୧ଟି ମାମଲାରେ ଚାର୍ଜସିଟ୍ ଦାଖଲ କରାଯାଇଛି । ଅର୍ଥାତ୍ ପ୍ରାୟ ୭୭ପ୍ରତିଶତ ମାମଲାରେ କମିସନରେଟ୍ ପୁଲିସ ଚାର୍ଜସିଟ୍ ଦାଖଲ ନ କରିବା କାରଣରୁ ହତ୍ୟାକାରୀମାନେ କୋର୍ଟରୁ ଜାମିନ୍‌ରେ ବାହାରିଛନ୍ତି । ସେହିଭଳି ୧୧୨ଟି ଦୁଷ୍କର୍ମ ମାମଲାରୁ ପ୍ରାୟ ୫୫ ପ୍ରତିଶତ ମାମଲାରେ ଚାର୍ଜସିଟ୍ ଦାଖଲ ହୋଇନଥିବା ବେଳେ ୭୩ ପ୍ରତିଶତ ଦଙ୍ଗା ମାମଲାରେ ବି ଚାର୍ଜସିଟ୍ ଦାଖଲ କରିବାରେ ପୁଲିସ ବିଫଳ ହୋଇଛି । ଅପରପଟେ ଠକେଇ ମାମଲାରେ ବି ପୁଲିସ ଚାର୍ଜସିଟ୍ ଦାଖଲ କରିବାରେ ସବୁଠୁ ନୈରାଶ୍ୟଜନକ ସ୍ଥିତିରେ ରହିଛି । ୨୦୨୧ରେ ମୋଟ ୮୭୯ ଠକେଇ ମାମଲା ରୁଜୁ ହୋଇଥିବା ବେଳେ ସେଥିମଧ୍ୟରୁ ମାତ୍ର ୧୭୯ଟିରେ ଚାର୍ଜସିଟ୍ ଦାଖଲ କରିଛି ପୁଲିସ । ଯାହା ହେଉଛି ମାତ୍ର ୨୦ପ୍ରତିଶତ । ଅର୍ଥାତ୍ ୮୦ପ୍ରତିଶତ ଠକଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ନ କରି ଖସିଯିବାକୁ ସୁଯୋଗ ଦେଇଛି । କେବଳ ଏତିକି ନୁହେଁ, ଛିନ୍‌ତାଇ, ଚୋରି, ସିନ୍ଧିଚୋରି, ଡକାୟତି ଭଳି ସଙ୍ଗୀନ ମାମଲାରେ ମଧ୍ୟ କମିସନରେଟ୍ ପୁଲିସ ସମାନ ସ୍ଥିତି । ସେହିଭଳି ଗତବର୍ଷ ୫୯୨ଟି ଦୁର୍ଘଟଣାଜନିତ ମାମଲା ରହିଥିବା ବେଳେ ସେଥିମଧ୍ୟରୁ ୩୦୬ଟି ମାମଲାରେ ଚାର୍ଜସିଟ୍ ଦାଖଲ ହୋଇଛି । ୪୪୨୯ଟି ଛୋଟମୋଟ ଗଣ୍ଡଗୋଳ, ଗାଳିଗୁଲଜ ଓ ଅନ୍ୟାନ୍ୟ ମାମଲାରୁ ୨୩୮୭ମାମଲାରେ ପୁଲିସ ଚାର୍ଜସିଟ୍ ଦାଖଲ କରିଛି ।

## ଜୟନ୍ତୀରେ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ

ଭୁବନେଶ୍ୱର,୧୫/୦୪ (ନି.ପ୍ର): ଭାରତର ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବାସାହେବ ଡଃ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ଗୁରୁବାର ସକାଳେ ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଏଜି ଛକସ୍ଥିତ ଡଃ. ଆମ୍ବେଦକରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ରାଜ୍ୟ ଜଳ ସଂପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ,ଯୁଗ୍ମ ନିର୍ଦ୍ଦେଶକ ମାନସ ରଞ୍ଜନ ଖୁଣ୍ଟିଆ, ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତାପ୍ରିୟଦର୍ଶନୀ, ବିଭାଗର ଅନ୍ୟ ପଦାଧିକାରୀ, ଅନ୍ୟ ନିମନ୍ତ୍ରିତ ଅତିଥିମାନେ ଯୋଗଦେଇ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏଥି ସହିତ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ସଂଗଠନ ତରଫରୁ ମଧ୍ୟ ଏଠାରେ ବି.ଆର୍ .ଆମ୍ବେଦକରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।

# ପୁଣ୍ୟ ଉତ୍କଳ ଫାଉଣ୍ଡେସନର ଅଷ୍ଟମ ବାର୍ଷିକ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୫/୦୪ (ନି.ପ୍ର): ପବିତ୍ର ଓଡ଼ିଆ ନବବର୍ଷରେ ଓଡ଼ିଶାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପୁଣ୍ୟ ଉତ୍କଳ ଫାଉଣ୍ଡେସନର ଅଷ୍ଟମ ବାର୍ଷିକ ପ୍ରତିଷ୍ଠା ଦିବସ ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉପେନ୍ଦ୍ରନାଥ ବେହେରା, ଉଦ୍‌ଘାଟକ ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ଅତିରିକ୍ତ ପୋଲିସ୍ ମହାନିର୍ଦ୍ଦେଶକ ଗୋପବନ୍ଧୁ ମଲ୍ଲିକ, ମୁଖ୍ୟବକ୍ତା ଭାବେ ବରିଷ୍ଠ କବି ପ୍ରବୀର କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ପୂଣ୍ୟ ଉତ୍କଳ ଫାଉଣ୍ଡେସନର ଜନହିତକର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ପୂଣ୍ୟ ଉତ୍କଳ ଯେଉଁଭଳି ଭାବରେ ଲୋକଙ୍କୁ ସେବା ଯୋଗାଇ ଆସୁଛି, ସୁଖଦୁଃଖରେ ସେମାନଙ୍କ ସହିତ ଛିଡ଼ା ହେଉଛି ତାକୁ ଯଦି ଅନ୍ୟ ଅନୁଷ୍ଠାନମାନେ ଅନୁସରଣ କରି ଲୋକଙ୍କୁ ସହଯୋଗର ହାତ ବଢାଇବେ, ତେବେ ଓଡ଼ିଶାରେ ଥିବା ଅବହେଳିତ, ଗରିବ ଓ ନିଷ୍ପେସିତ ଲୋକଙ୍କ ସମସ୍ୟାର ସମାଧାନ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ବିଜୟ ପଟ୍ଟନାୟକ କହିଥିଲେ ଯେ, ସମୟ ଥିଲା ଆନ୍ଧ୍ରପ୍ରଦେଶର ଲୋକ ଓଡ଼ିଶାକୁ ଆସି ଲୋକମାନଙ୍କର ଘରୋଇ କାର୍ଯ୍ୟ କରିବା ସହିତ ଓଡ଼ିଶାବାସୀଙ୍କ ବ୍ୟବସାୟରେ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ। ହେଲେ ସମୟ ବଦଳି ଯାଇଛି, ଆଜିକା ଦିନରେ ଓଡ଼ିଶାଲୋକ ଆନ୍ଧ୍ରପ୍ରଦେଶ ଯାଇ ସେଠାରେ ଦାଦନ ଖଟୁଛନ୍ତି ଯାହା ଅତ୍ୟନ୍ତ ଚିନ୍ତାଜନକ ଘଟଣା। ଏହାକୁ କିପରି ରୋକାଯାଇ ପାରିବ, ସେ ନେଇ ପ୍ରତ୍ୟେକଟି ସ୍ୱାଭିମାନୀ ମଣିଷ ଚିନ୍ତା କରିବା ଦରକାର। ଖାଲି ସମାଜସେବା କରିଦେଲେ ସବୁ ସମସ୍ୟାର ସମାଧାନ ହୋଇପାରିବ ନାହିଁ, ଜଣେ ସାଧାରଣ ଓ ଖଟିଖିଆ ମେହନତୀ ମଣିଷ କିପରି ସ୍ୱାବଲମ୍ବୀ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବ, ସେ ନେଇ ପ୍ରତ୍ୟେକ ଅନୁଷ୍ଠାନ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବା ଦରକାର। ଫାଉଣ୍ଡେସନର ଅଧ୍ୟକ୍ଷ ମନୋରଞ୍ଜନ ମହପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ପ୍ରତିଷ୍ଠା ଦିବସରେ ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୫ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହା ପରେ ପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ ଯାହା ଦର୍ଶକଙ୍କ ସମେତ ଅତିଥିମାନଙ୍କୁ ଆକର୍ଷିତ କରିଥିଲା। ଫାଉଣ୍ଡେସନର ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ର କହିଥିଲେ ଯେ, ମୁଁ ବଂଚିଥିବା ପର୍ଯ୍ୟନ୍ତ ମୋ ଫାଉଣ୍ଡେସନ ଲୋକଙ୍କ ସହିତ ଅଛି ଓ ଭବିଷ୍ୟତରେ ମଧ୍ୟ ଲୋକଙ୍କୁ ସେବା ଯୋଗାଇ ଚାଲିଥିବି। ଶେଷରେ ବିଶିଷ୍ଟ ସ୍ତମ୍ଭକାର ଶ୍ରୀରାମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସମାଜସେବୀ ଭରତ ଚନ୍ଦ୍ର ବେହେରା, ବୀରବର ଜେନା, ଦେବବ୍ରତ ଦାସ, ଶ୍ରୀମନ୍ତ ମହାନ୍ତି, ବିଭାସ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବିକେଏମୟୁ ପକ୍ଷରୁ ଆମ୍ବେଦକର ଜୟନ୍ତୀ

ଭୁବନେଶ୍ୱର,୧୪/୦୪ (ନି.ପ୍ର): ଭାରତୀୟ ସମ୍ବିଧାନର ପ୍ରଣେତା ବାବା ସାହେବ ଡ. ଭୀମରାଓ ଆମ୍ବେଦରକରଙ୍କ ୧୩୨ତମ ରାଜ୍ୟସ୍ତରୀୟ ଜୟନ୍ତୀ ରାଜଧାନୀରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓ ଭାରତୀୟ କ୍ଷେତମଜଦୁର ୟୁନିୟନ (ସିପିଆଇ ଓ ବିକେଏମ୍‌ୟୁ) ପକ୍ଷରୁ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆଜି ପୂର୍ବାହ୍ନରେ ଶତାଧିକ ସିପିଆଇ ଓ ବିକେଏମ୍‌ୟୁ କର୍ମୀ ବାବାସାହେବଙ୍କ ଫଟୋଚିତ୍ର ସମ୍ବଳିତ ପ୍ଲାକାର୍ଡମାନ ହାତରେ ଧରି ଅଶୋକନଗରସ୍ଥିତ ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ସେମାନେ ରାଜମହଲ ଛକ ଅତିକ୍ରମ କରି ଏଜି ଛକଠାରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତି ନିକଟରେ ପହଂଚି ମାଲ୍ୟାର୍ପଣ କରିଥିଲେ। ସେଠାରେ ଉପସ୍ଥିତ ନରନାରୀଙ୍କୁ ବିକେଏମ୍‌ୟୁର ରାଜ୍ୟ ସମ୍ପାଦକ ସୁର ଜେନା ଉଦ୍‌ବୋଧନ ଦେଇ କହିଲେ ବାବା ସାହେବ ଯେଉଁ ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ସମ୍ବିଧାନ ଭାରତବର୍ଷ ପାଇଁ ପ୍ରଣୟନ କରିଥିଲେ ତାକୁ ଆଜି ସାମ୍ପ୍ରଦାୟିକ ଶକ୍ତିମାନେ କ୍ଷୁଣ୍ଣ କରିବାକୁ ବସିଛନ୍ତି। କେନ୍ଦ୍ରରେ ଥିବା ବିଜେପି ସରକାର ଭାରତୀୟ ସଂସଦୀୟ ଗଣତନ୍ତ୍ର ଏବଂ ସଂଘୀୟ ବ୍ୟବସ୍ଥାକୁ ଉଲ୍ଲଂଘନ କରି ବିଭିନ୍ନ ସାମ୍ବିଧାନିକ ସଂସ୍ଥାକୁ ବିରୋଧୀ ଦଳମାନଙ୍କ ବିରୁଦ୍ଧରେ ପ୍ରୟୋଗ କରି ଭାରତୀୟ ସମ୍ବିଧାନ, ଗଣତନ୍ତ୍ର ଓ ଧର୍ମନିରପେକ୍ଷତାକୁ ବିପନ୍ନ କରୁଛି । ଏଣୁ ବାବାସାହେବଙ୍କ ଜନ୍ମଦିନରେ ଦେଶର ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତି ଗଣତନ୍ତ୍ର ଓ ସମ୍ବିଧାନର ରକ୍ଷା ପାଇଁ ଐକ୍ୟ ହେବା ଆବଶ୍ୟକ।

ଅନ୍ୟମାନଙ୍କ ମଧ୍ୟରେ ସିପିଆଇ କାର୍ଯ୍ୟକାରୀ କମିଟି ସଭ୍ୟ ଜୟନ୍ତ ଦାସ, ଏଆଇଟିୟୁସିର ଉପସାଧାରଣ ସମ୍ପାଦକ ବିଜୟ ଜେନା, କୈଳାସ ପୁହାଣ, ଛେତୟର ଭୋଇ, ଅଶୋକ ବାରିକ, ମଙ୍ଗଳା ସେଠୀ, ଶଙ୍କର ବାରିକ, ଆଦିବାସୀ ନେତା ଡାକ ହେମ୍ବ୍ରମ୍, ପଂଚାନନ ସାହୁ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

# ଆୟ ଦୁଇ ଗୁଣ ହେଲାନି : ଚାଷୀ ଉପରେ ମହଙ୍ଗା ମାଡ଼

ଭୁବନେଶ୍ୱର,୧୫/୦୪ (ନି.ପ୍ର): ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦୁଇ ଗୁଣ ତ ହେଲାନାହିଁ, ବରଂ ମହଙ୍ଗା ମାଡ଼ରେ ଚାଷୀ ଘାଇଲା। ବର୍ତ୍ତମାନ ରସାୟନିକ ସାରର ଦର ବୃଦ୍ଧି ଚାଷୀ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ଏଣେ ଏପ୍ରିଲ୍ ୧ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା ହେବାକୁ ଥିବା ସାର ସବ୍‌ସିଡି ବିଳମ୍ବିତ ହେଉଥିବାରୁ, ଆଗାମୀ ଦିନରେ ସାର ଦର ଆହୁରି ବୃଦ୍ଧି ପାଇବା ନେଇ ଆଶଙ୍କା କରିଛି ରାଜ୍ୟ କୃଷି ବିଭାଗ। ରାଜ୍ୟର ୧୭ଟି ଜିଲ୍ଲାରେ ରବି ଧାନ ଫସଲ ଅମଳ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ସାରିଛି। ବାକି ଜିଲ୍ଲାରେ ଖରିଫ୍ ଚାଷ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଭଳି ସ୍ଥିତିରେ ରୁଆ ବେଳେ ବ୍ୟବହୃତ ହେଉଥିବା ୫୦ କେଜିର ଡିଏପି ୧୨୦୦ରୁ ୧୩୫୦ ଟଙ୍କା, ଗ୍ରୋମୋର ୧୩୭୦ରୁ ୧୯୦୦ ଟଙ୍କା, ପଟାସ ୧୦୦୦ ରୁ ୧୭୦୦ ଟଙ୍କା, ଏନ୍‌ପିକେ ୧୧୫୦ ରୁ ୧୨୯୦ ଟଙ୍କାକୁ ବୃଦ୍ଧି ପାଇଛି। ଚାଷୀ ନେତା ଅଶୋକ ପ୍ରଧାନଙ୍କ କହିବା ଅନୁସାରେ, ସାଧାରଣତଃ ଚାଷୀ କରଜରେ ସାର କ୍ରୟ କରୁଥିବାରୁ ଏହି ଦର ଠାରୁ ଆହୁରି ୨୦୦ରୁ ୩୦୦ ଟଙ୍କା ଅଧିକ ଦେବାକୁ ପଡ଼ିବ। ତେଣୁ ସାରର ଏତେ ଦର ବୃଦ୍ଧି ଚାଷୀକୁ ତଳିତଳାନ୍ତ କରିଦେବ। ବର୍ତ୍ତମାନ ମାଟିର ସ୍ଥିତି ଏଭଳି ହୋଇଛି ଯେ ସାର ବ୍ୟବହାରର ମାତ୍ରା ମଧ୍ୟ ବୃଦ୍ଧି ପାଉଛି। ଜଳସେଚିତ ଅଞ୍ଚଳରେ ପୂର୍ବରୁ ଯେଉଁଠି ୨ ଥର ସାର ସିଞ୍ଚନ କରିବାକୁ ପଡୁଥିଲା, ବର୍ତ୍ତମାନ ୫ ଥର ସିଞ୍ଚନ କରିବାକୁ ପଡୁଛି। ନଚେତ ଉତ୍ପାଦନ ବଢୁନାହିଁ। ସେଥିରେ ପୁଣି ସାର ବ୍ୟବହାର ବଢ଼ିବା ସହିତ କୀଟନାଶକ ବ୍ୟବହାର ବଢ଼ିବ। ଫଳରେ ଖର୍ଚ୍ଚ ବଢ଼ିବ। କିନ୍ତୁ ଏମ୍‌ଏସ୍‌ପି ସେଭଳି ମିଳିବ ନାହିଁ। ମଣ୍ଡି ଯାଇପାରୁନଥିବା କ୍ଷୁଦ୍ର ଚାଷୀଙ୍କ ଅବସ୍ଥା ଆହୁରି ଖରାପ ହେବ। ରାଜ୍ୟ କୃଷି ବିଭାଗ ଅନୁସାରେ, ରୁଷିଆ-ୟୁକ୍ରେନ ଯୁଦ୍ଧ ସହିତ ବିଭିନ୍ନ କାରଣରୁ ଅନ୍ତର୍ଜାତୀୟ ବଜାରରେ ରାସାୟନିକ ସାର ଦର ୩ରୁ୪ ଗୁଣ ବୃଦ୍ଧି ପାଇଛି। ଭାରତ ନିଜ ଆବଶ୍ୟକତା ଅନୁସାରେ କିଛି ସାର ନିଜେ ଉତ୍ପାଦନ କରିଥାଏ ଏବଂ ଆଉ କିଛି ବାହାରୁ ଆମଦାନି କରିଥାଏ। ନିଜ ଉତ୍ପାଦିତ ସାର ପାଇଁ ଫସ୍‌ଫରିକ ଏସିଡ୍, ଡିଏପି, ପଟାସିକ୍ ରକ୍ ସମେତ ଅନ୍ୟ କଞ୍ଚାମାଲ ରୁଷ, ୟୁକ୍ରେନ, କାନାଡ଼ା, ଜୋର୍ଡାନ, ଇଜିପ୍ଟ, ଓ ବେଲାରୁଷରୁ ଆମଦାନି କରିଥାଏ। ଯୁଦ୍ଧ ଯୋଗୁଁ ଏସବୁର ଦର ବୃଦ୍ଧି ପାଇଛି। ପୁଣି ମିଳୁନାହିଁ ମଧ୍ୟ। ସେଥିରେ ପୁଣି ପ୍ରତିବର୍ଷ କେନ୍ଦ୍ର ସରକାରଙ୍କ ପକ୍ଷରୁ ଖରିଫ ସାର ସବ୍‌ସିଡି ଏପ୍ରିଲ ୧ରେ ଘୋଷଣା କରାଯାଏ। ଚଳିତ ବର୍ଷ କେବେ କରାଯିବ, ତାକୁ ନେଇ ଅନିଶ୍ଚିତତା ରହିଛି। ତେଣୁ ସାର ଦର ଆହୁରି ବଢ଼ିବା ଭଳି ସ୍ଥିତି ଉପୁଜିଛି। ଏହା ହେଲେ ଅବସ୍ଥା ଅସମ୍ଭାଳ ହୋଇଯିବ। ଏଥିଯୋଗୁଁ ଡିଲରମାନେ ମଧ୍ୟ କେଉଁ ଦରରେ ସାର ବିକ୍ରି କରିବେ, ସାର ଦର ଏତେ ବୃଦ୍ଧି ପାଇଥିବାରୁ ପ୍ରକୃତ କେତେ ଚାହିଦା ରହିବ, ସେଥି ସମ୍ପର୍କରେ ମଧ୍ୟ ଆକଳନ କରିପାରୁନାହାନ୍ତି। ଚାଷୀଙ୍କ କହିବା କଥା ସାର ପରିବହନ ବେଳେ ହୁକ ବ୍ୟବହାର ଯୋଗୁଁ ବାଟରେ କିଛି ସାର ନଷ୍ଟ ହୋଇଯାଏ। ତେଣୁ ସମ୍ପୂର୍ଣ୍ଣ ୫୦ କେଜି ସାର ଚାଷୀଙ୍କୁ ମିଳିପାରେନାହିଁ। ଏହା ବି ଚାଷୀଙ୍କୁ କ୍ଷତି ପହଞ୍ଚାଇଥାଏ। ସୂଚନା ଅନୁଯାୟୀ ଖରିଫ ଋତୁ ପାଇଁ ୪୫,୦୦୦ ମେଟ୍ରିକ୍ ଟନ୍ ସାର ଆବଶ୍ୟକ ଥାଏ।

## ତୈଳ ରାଜନୀତିର ସଙ୍କଟ

(ପୃଷ୍ଠା-୪ର ଅବଶିଷ୍ଟାଂଶ) ସେ ଦୃଷ୍ଟିରୁ ରୁଷିଆର ତୈଳ ଓ ଗ୍ୟାସ କ୍ରୟ କରୁଥିବା ଦେଶଗୁଡିକୁ ୟୁଆନ ବ୍ୟବହାର କରିବା ଲାଗି ଚୀନ ପ୍ରବର୍ତ୍ତାଇବାରେ ଲାଗିପଡିଛି । ତେଣେ ପେଟ୍ରୋଲର ଦର ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି । ପେଟ୍ରୋଲ ଲିଟର ପିଛା ଦର ଜର୍ମାନୀରେ ଟ୧୬୪.୮୬ପଇସା, ସ୍ପେନରେ ଟ୧୪୮.୨୨ପଇସା, ଫ୍ରାନ୍ସରେ ଟ୧୪୫.୯୫ପଇସା, ବ୍ରିଟେନରେ ଟ୧୬୧.୮୪ପଇସା, କାନାଡାରେ ଟ୧୧୪.୯୫ପଇସା ହୋଇଛି । ବିଗତ ଦିନରେ ଆମେରିକା, ବ୍ରିଟେନ, କାନାଡା, ଜର୍ମାନୀ ପରି ଦେଶରେ ପେଟ୍ରୋଲ ଦର ୫୦ ପ୍ରତିଶତ ବୃଦ୍ଧି ପାଇଛି । ସେହିପରି ଏପ୍ରିଲ ୨୦୨୧ ମାର୍ଚ୍ଚ -୨୦୨୨ମଧ୍ୟରେ ଗ୍ୟାସୋଲାଇନ ଦର ଆମେରିକାରେ ୫୧ ପ୍ରତିଶତ, ଜର୍ମାନୀରେ ୫୫ପ୍ରତିଶତ, ବ୍ରିଟେନରେ ୫୫ପ୍ରତିଶତ, ଫ୍ରାନ୍ସରେ ୫୦ ପ୍ରତିଶତ, ସ୍ପେନରେ ୫୮ ପ୍ରତିଶତ, କାନାଡାରେ ୫୨ ପ୍ରତିଶତ, ଶ୍ରୀଲଙ୍କାରେ ୫୫ପ୍ରତିଶତ ବୃଦ୍ଧିପାଇଛି । ଆମେରିକା ପକ୍ଷରୁ ଇଉରୋପର ନାଟୋ ମେଣ୍ଟଭୁକ୍ତ ସଦସ୍ୟ ରାଷ୍ଟ୍ରଗୁଡିକୁ ରୁଷିଆଠାରୁ ତୈଳ ଓ ଗ୍ୟାସ କ୍ରୟ ନକରିବାକୁ କୁହାଗଲେ ମଧ୍ୟ ସେମାନେ ଆକସ୍ମିକ ତାହା ମାନିନେବା ସ୍ଥିତିରେ ନାହାନ୍ତି । କାରଣ ଇଉରୋପର ୪୦ପ୍ରତିଶତ ଗ୍ୟାସ ରୁଷିଆ ଯୋଗାଇଥାଏ (ଯାହା ଦୈନିକ ୮୮୦ ମିଲିଅନ ୟୁରୋ ମୂଲ୍ୟର) । ରୁଷିଆର ମୁଦ୍ରା ରୁବଲର ମୂଲ୍ୟ ଏବେ ଡଲାର ତୁଳନାରେ ୯୭.୭ ରୁବଲରେ ପହଞ୍ଚିଛି । ତେଣୁ ରୁଷିଆ ସହ ଉତ୍ତମ ସଂପର୍କ ନଥିବା ୩୦ରୁ ଅଧିକ ରାଷ୍ଟ୍ରଙ୍କୁ ରୁବଲରେ ଅର୍ଥ ଦେବା ପାଇଁ ପୁଟିନ କହିବା ପରେ ଇଉରୋପୀୟ ସଂଘର ସଦସ୍ୟ ରାଷ୍ଟ୍ରଗୁଡିକ ଏବେ ସଙ୍କଟରେ ପଡିଯାଇଛନ୍ତି । ତୈଳ ଉତ୍ପାଦନକାରୀ ରାଷ୍ଟ୍ର ସମୂହ ଏବଂ ରୁଷିଆ ମଧ୍ୟରେ ଏଥିପାଇଁ ଆଲୋଚନା ଆରମ୍ଭ ହୋଇଯାଇଛି । ରୁଷିଆର କମ୍ପାନୀ ଗାଜପ୍ରୋମ୍ ସହ ଓପେକ୍ ରାଷ୍ଟ୍ରଗୁଡିକର (ତୈଳ ଉତ୍ପାଦନକାରୀ) ଆଲୋଚନା ପରେ ଉତ୍ପାଦନ ପରିମାଣ ସ୍ଥିର ହେବ ବୋଲି ଜଣାଯାଇଛି । ହେଲେ ଦୈନିକ ୧ ମିଲିଅନ ବ୍ୟାରେଲ ତୈଳ ବିକ୍ରିର କ୍ଷତି ରୁଷିଆ ସହିବ ବୋଲି ରିଷ୍ଟାଡି ଏନର୍ଜୀ ସୂତ୍ରରୁ ପ୍ରକାଶ । ତୈଳ ଉତ୍ପାଦନର ହିସାବକୁ ଦେଖିଲେ ୨୦୨୦ରେ ୭କୋଟି ୬୧ଲକ୍ଷ ୨୪ହଜାର ୮୦୦ ବ୍ୟାରେଲ ତୈଳ ଦୈନିକ ଉତ୍ପାଦିତ ହେଉଥିଲା । ସେଥିରୁ ୭୧ପ୍ରତିଶତ ପ୍ରମୁଖ ଦଶଗୋଟି ଦେଶ ଉତ୍ପାଦନ କରୁଥିଲେ । ଅବଶିଷ୍ଟ ୩୬ ପ୍ରତିଶତ ଓପେକ୍‌ର ସଦସ୍ୟଭୁକ୍ତ ରାଷ୍ଟ୍ରଗୁଡିକ କରୁଥିଲେ । ଆମେରିକା, ରୁଷିଆ ଓ ସାଉଦି ଆରବ ଏହି ତାଲିକାର ଶୀର୍ଷରେ ଥିବା ପ୍ରମୁଖ ତିନୋଟି ତୈଳ ଉତ୍ପାଦନକାରୀ ରାଷ୍ଟ୍ର । ୨୦୨୦ ହିସାବ ଅନୁସାରେ ଆମେରିକା ଦୈନିକ ୭୪୪.୭ ମିଲିଅନ ମେଟ୍ରିକଟନ୍, ରୁଷିଆ ୫୧୨.୮ ମିଲିଅନ ମେଟ୍ରିକଟନ, ସାଉଦି ଆରବ ୫୦୦.୭ ମିଲିଅନ ମେଟ୍ରିକଟନ ତୈଳ ଉତ୍ପାଦନ କରିଥାନ୍ତି । ହେଲେ ପୃଥିବୀର ପ୍ରମୁଖ ତୈଳ ଗଚ୍ଛିତ ଥିବା ୧୦ ରାଷ୍ଟ୍ର ମଧ୍ୟରୁ ଭେନେଜୁଏଲା, ଇରାନ ଏବଂ ରୁଷିଆ ବିରୋଧରେ ଆମେରିକା କଟକଣା ଲାଗୁକରିବା ଦ୍ୱାରା ଦିନକୁ ଦିନ ତୈଳ ଯୋଗାଣକାରୀ ରାଷ୍ଟ୍ରଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଆମେରିକାର ଏହି ତୈଳ କୂଟନୀତି ଅନ୍ୟମାନଙ୍କ ପାଇଁ କାଳ ହୋଇଛି, ବିଶ୍ୱର ଅର୍ଥନୀତି ପାଇଁ ଧ୍ୱଂସକାରୀ ହୋଇଛି । କିନ୍ତୁ ବର୍ତ୍ତମାନର ଯୁଦ୍ଧ ରାଜନୀତିକୁ ତୈଳ ଯୋଗାଣ ସହ ଯୋଡି ଯେପରି ଶକ୍ତି ସଙ୍କଟ ସୃଷ୍ଟି ପାଇଁ ଷଡଯନ୍ତ୍ର ଚାଲିଛି ତାହା ଅନେକ ଦେଶ ପାଇଁ କ୍ଷତିକାରକ ହେବାକୁ ଆରମ୍ଭ କଲାଣି, ଯା'ର ପରିଣତି ଶ୍ରୀଲଙ୍କା ଏବଂ ପେରୁ ହୋଇଛନ୍ତି । ଏହି ଦୁଇଟି ଦେଶ ଆର୍ଥିକ ଓ ଶକ୍ତିସଙ୍କଟର ସମ୍ମୁଖୀନ ହେବା ଯୋଗୁ ସାଧାରଣ ଲୋକେ ସେଠାରେ ରାଜରାସ୍ତାକୁ ଆସି ଜଳାପୋଡା କରିବାକୁ ପଛାଇନାହାନ୍ତି । ଏପରି ସ୍ଥିତି ଆଗକୁ ଜାରି ରହିଲେ ଅରାଜକତା ବିଶ୍ୱର ଅନେକ ଦେଶକୁ ଗ୍ରାସ କରିବ ଏଥିରେ ସନ୍ଦେହ ନାହିଁ ।

ଭାରତୀୟ ସମ୍ବାଦ ସେବା (ଭାସ୍), ଭୁବନେଶ୍ୱର-୭୫୧୦୦୩

## ବାଘରାରୋଡ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ପାଳିତ

ବାରିପଦା, ୧୫/୦୪ (ନି.ପ୍ର): ଓଡ଼ିଆ ନବବର୍ଷ ଏବଂ ସଙ୍କଟ ମୋଚନ ହନୁମାନ ଜୟନ୍ତୀ ଉପଲକ୍ଷେ ବାଘରାରୋଡ ସ୍ଥିତ ହନୁମାନ ମନ୍ଦିରରେ ମହାସମାରୋହ ହନୁମାନ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ପ୍ରତେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଏଠାରେ ହନୁମାନ ଜୟନ୍ତୀରେ ଭକ୍ତଙ୍କ ସମାଗମ ହୋଇଥିଲା । ବିଗତ ଦୁଇ ବର୍ଷ ଧରି କୋଭିଡ କଟକଣା ନିରାଡମ୍ବର ଭାବରେ ହନୁମାନ ଜୟନ୍ତୀ ପାଳିତ ହୋଇଥିବା ବେଳେ ଚଳିତ ବର୍ଷ କଟକଣା ଉଠିଯାଇଥିବାରୁ ମହାଡମ୍ବରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି । ଶେଷରେ ଭକ୍ତଙ୍କୁ ଅନ୍ନ ପ୍ରସାଦରେ ଆପ୍ୟାୟିତ କରା ଯାଇଥିଲା । ସନ୍ଧ୍ୟାରେ ଆୟୋଜିତ ଭୋଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ବହୁ ଦର୍ଶକ ଯୋଗ ଦେଇଥିଲେ ।

## ବଡ଼ାପାଳରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଉଦଘାଟିତ

ବାଲିଆପାଳ, ୧୫/୦୪ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବଡ଼ାପାଳ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଅସ୍ତି ପଂଚାୟତ ସରପଂଚଙ୍କ ସହ ଯୋଗ କ୍ରମେ ନର୍ମଦା ଚେରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ସୂର୍ଯ୍ୟମଣୀ ନେତ୍ରଦ୍ୱାରା ଏହି ଶିବିର ଅନୁଷ୍ଠିତ ହୋଇଥିଲା । ସରପଂଚଙ୍କ ପ୍ରତିନିଧ ହରେକୃଷ୍ଣ ଜେନାସ ଏହି ଶିବିରକୁ ଉଦଘାଟନ କରିଥିଲେ । ଏହି ଶିବିରରେ ମୋଟ ୧୫୨ ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିବା ସହ ଔଷଧ ଓ ଚଷମା ଯୋଗାଇ ଦିଆଯାଇଛି ।

## ଉତ୍କଳା କଲ୍‌ଚରାଲ ସଦସ୍ୟଙ୍କ ନିଆରା ଭାବରେ ଜନ୍ମ ଦିନ ପାଳିତ



ବାଲେଶ୍ୱର, ୧୫/୦୪ (ନି.ପ୍ର): ବାଲେଶ୍ୱର ସ୍ଥିତ ଭିନ୍ନକ୍ଷମ କଲ୍ୟାଣ ପ୍ରତିଷ୍ଠାନ ଠାରେ ଉତ୍ କଳା କଲ୍ଚରାଲ ର ସଦସ୍ୟ କିରଣ ରାଉତ ଜନ୍ମ ଦିନ ମହା ଆଡ଼ମ୍ବରେ ପାଳିତ କରା ଯାଇଥିଲା ପରିବାର ବର୍ଗ ସହ ଉତ୍ କଳା କଲ୍ଚରାଲ ଅନୁଷ୍ଠାନ ସଦସ୍ୟ ତଥା ଭିନ୍ନ କ୍ଷମ ପ୍ରତିଷ୍ଠାନ ର ସମସ୍ତ କର୍ମ କର୍ତ୍ତା ମାନେ ଉପସ୍ଥିତ ଥିଲେ , ଭିନ କ୍ଷମ ପିଲାଙ୍କ ସହ କେକ୍ କାଟି ରାତ୍ର ଭୋଜନ କରି ଅନ୍ୟ ମାନଙ୍କ ପାଇଁ ପ୍ରେରଣା ଯୋଗାଇ ଥିଲେ, କିରଣ ତାଙ୍କ ଜନ୍ମ ଦିନ ତାଙ୍କ ମାତା ଭଉଣୀ ସାଙ୍ଗ ସାଥି ଙ୍କ ଡାକି କୁନି କୁନି କୋମଳ ମତି ବାଳକ ବାଳିକା ପାଇଁ ସେ ଆଗକୁ କିଛି କରିବେ ବୋଲି ପ୍ରତିଶୃତି ଦେଇଥିଲେ , ତାଙ୍କ ପାଇଁ ଆସନ ପ୍ଲେଟ ମଧ୍ୟ ଯୋଗାଇ ଥିଲେ, ଉତ୍ କଳା କଲ୍ଚରାଲ ଅନୁଷ୍ଠାନ ଅଧକ୍ଷ ବିକ୍ରମ ବାରିକ୍ କିରଣ ର ଏହି ମହାନ୍ କାର୍ଯ୍ୟ ପାଇଁ ସାଧୁବାଦ୍ ଜଣାଇଥିଲେ, ଏହି କାର୍ଯ୍ୟକ୍ରମ ରେ ତାଙ୍କ ମା ବାସନ୍ତୀ ରାଉତ, ଦୁଇ ଭଉଣୀ ଭାରତୀ ଦାସ ଅଧିକାରୀ ଓ ବୈଶାଖୀ ପଟ୍ଟନାୟକ, ସାଙ୍ଗ ମୋହିତ ବେହେରା, ରତିକାନ୍ତ ପୃଷ୍ଟି, ଜ୍ଞାନେନ୍ଦ୍ର ପରିଡ଼ା, ତପୁ ଦେବ ରାଉତ, ଦିଲ୍ଲୀପ ବେହେରା, ମଙ୍ଗଳ ବେହେରା, ପ୍ରମୁଖ ଉପସ୍ଥିତ ଥିବା ବେଳେ ଭିନ୍ କ୍ଷମ ପ୍ରତିଷ୍ଠାନ ର ପ୍ରମୋଦ, ଅଜୟ, ଓ ଅନ୍ୟ କର୍ମ କର୍ତ୍ତା, ଉତ୍କଳା କଲଚରାଲ ର ସଦସ୍ୟ ଗାୟତ୍ରୀ ବାରିକ୍, ବାସନ୍ତୀ ବାରିକ୍ ଓ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

## ପବିତ୍ର ପଣା ସଂକ୍ରାନ୍ତି ଏବଂ ଓଡ଼ିଆ ନବ ବର୍ଷ ଉପଲକ୍ଷେ ଉତ୍କଳ ଜନନୀ ସେବା ସଂଗଠନ ପକ୍ଷରୁ ଦହି ସର୍ବତ ବଣ୍ଟନ

ଜଳେଶ୍ୱର, ୧୫/୦୪ (ନି.ପ୍ର): ପବିତ୍ର ପଣା ସଂକ୍ରାନ୍ତି ଏବଂ ଓଡ଼ିଆ ନବ ବର୍ଷ ଉପଲକ୍ଷେ ଉତ୍କଳ ଜନନୀ ସେବା ସଂଗଠନ ପରିବାର ତରଫରୁ ରାୟାଁ ରାମଚନ୍ଦ୍ର ପୁର ବାଲି ମେଳାରେ ପାଖା ପାଖି ପାଞ୍ଚ ହଜାରରୁ ଉର୍ଦ୍ଧ ପର୍ଯ୍ୟଟକଙ୍କ ନିମନ୍ତେ ଦହି ସର୍ବତ ବଣ୍ଟନ କରା ଯାଇ ଥିଲା । ସଂଗଠନର ସଭାପତି ହେମନ୍ତ କୁମାର ଜେନା, ଉପଦେଷ୍ଟା ଗଗନ ବିହାରୀ ସାହୁ, ସମ୍ପାଦକ ସତ୍ୟବ୍ରତ ପଣ୍ଡା, ଜ୍ୟୋତିର୍ମୟ ଜେନା, ତପନ ମହାଳିକ, ମମତା ଜେନା, ବବିତା



ଜେନା, ଗୌତମ ଜେନା, ଉମେଶ ଜେନା, ଗୌରବ ବେହେରା, ରଘୁନାଥ ଜେନା, ସଚିନ ସାହୁ, ବିନୋଦ ମାଝୀ, ଧରିଣୀ ଜେନା, ରଂଜିତ ଘଡ଼ାଇ, ଜିତାନଶୁ ନାଥ, କେଶବ ନାଥ, ସାର୍ଥକ ଜେନା, ସୁଧୀର ଜେନା, ଗଣେଶ ଜେନା, ସତ୍ୟରଞ୍ଜ ବେଜ, ସୁଭେନ୍ଦୁ ବେହେରା, ବଳଭଦ୍ର ନନ୍ଦ, ବ୍ରଜ ଗୋପାଳ, ବେଜ, ପିଙ୍କୁ ଦଳାଇ, ସିପୁ ବେହେରା, ଆଦି ଉପସ୍ଥିତ ଥିଲେ ସଂଗଠନର ଏତା ଦୃଶ୍ୟ କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରା ଯାଇଛି ।

## ରତ୍ନାକୃଷ୍ଣ ଗୁରୁକୂଳ ଆଶ୍ରମରୁ ଅସହାୟ ବ୍ୟକ୍ତିଙ୍କୁ ବସ୍ତ୍ର ବଂଟନ

ବାଲିଆପାଳ, ୧୫/୦୪ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବେତଗଡିଆ ପଂଚାୟତ ଅନ୍ତର୍ଗତ ରତ୍ନାକୃଷ୍ଣ ଓ ଗୁରୁକୂଳ ଆଶ୍ରମ ପକ୍ଷରୁ ଏକ ଆଧ୍ୟତ୍ମିକ ସଚେତନା ସହିତ ଦରିଦ୍ର ଅସହାୟ ବ୍ୟକ୍ତି ମାନଙ୍କୁ ବସ୍ତ୍ର ବଂଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଶ୍ରୀନିବାସ ଗିରି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ସୁବାସିନୀ ଜେନା,ମୁଖ୍ୟ ବକ୍ତା ଭାବେ ବସ୍ତା ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟାପକ ପ୍ରିୟବ୍ରତ ପଣ୍ଡା, ସମ୍ମାନୀତ ଅତିଥି ଭାବେ ସରପଂଚ ସୁମିତ୍ରା ଗିରି,ସନ୍ତୋଷ କୁମାର ଗିରି, ମନ୍ମଥ ଗିରି, ହରିପଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଆଶ୍ରମର ମହନ୍ତ ବସନ୍ତ ସାମନ୍ତରାୟ, ତ୍ରିଲୋଚନ ବାରିକ, ଭଗବାନ ପାତ୍ର,ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ, ପୂର୍ଣ୍ଣ ଚନ୍ଦ୍ର ପରିଡା, ବିପିନ ସାମନ୍ତ ରାୟ, ଅଶୋକ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

# ୫୦ବର୍ଷର ନେତାଜୀ ଷ୍ଟାଡିୟମକୁ ଧ୍ୱଂସ ନ କରିବାକୁ ଗ୍ରାମବାସୀଙ୍କ ସମ୍ବାଦଦାତା ସମ୍ମିଳନୀ

ଜଳେଶ୍ୱର ୧୫/୪ (ନି.ପ୍ର): ଦୀର୍ଘ ୫୦ବର୍ଷ ଧରି ବାଲେଶ୍ୱର ଜିଲାର ଜଳେଶ୍ୱର ପୌରପାଳିକାର ଶାନ୍ତିଆ ଠାରେ ଥିବା ଏକ ଗୋଚର ସ୍ଥାନକୁ ଉନ୍ନତିକରଣ କରି ଗ୍ରାମର ଯୁବକମାନେ ନେତାଜୀ ଷ୍ଟାଡିୟମ ନାମରେ ବ୍ୟବହାର କରୁଥିଲେ । ବ୍ଲକ ସ୍ତରୀୟ ଓ ପୌରପାଳିକାରେ ଏହା ଏକ ଉତ୍ତମ ସ୍ଥାନ ହୋଇଥିବାରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଥିଲା । ପ୍ରତ୍ୟେହ ବରିଷ୍ଠ ନାଗରିକମାନେ ପ୍ରାତଃ ଭ୍ରମଣ କରିବା, କ୍ରିକେଟ ଟୁର୍ଣ୍ଣମେଣ୍ଟ ହେବା, ବହୁ ବିଦ୍ୟାଳୟ ମାନଙ୍କର ବାର୍ଷିକ ଖେଳ ଓ ଉତ୍ସବ ସହିତ ଜଳେଶ୍ୱର ବିକାଶ ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ଓ ସାଧାରଣତନ୍ତ୍ର ଓ ସ୍ୱାଧିନତା ଦିବସ ପାଳନ, ବିଶେଷ କାର୍ଯ୍ୟକ୍ରମରେ ହେଲିକେପ୍ଟର ଅବତରଣ କରିଥାଏ । କିନ୍ତୁ ଏବେ ସେଠାରେ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ




ପ୍ରତିଷ୍ଠା ହେଉଥିବାରୁ ଗ୍ରାମବାସୀମାନେ ଇନ୍‌ଡୋର ଓ ଆଉଟ୍‌ଡୋର ଭାବେ କାର୍ଯ୍ୟକ୍ଷମ କରିବାକୁ ଆଜି ଏକ ସମ୍ବାଦଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଶୁକ୍ରବାର ଅପରାହ୍ନରେ ଗ୍ରାମ୍ୟମୁଖ୍ୟ ସିତାଂଶୁ ସେନାପତିଙ୍କ ପୌରହିତ୍ୱରେ ଅନୁଷ୍ଠିତ ସମ୍ବାଦଦାତା ସମ୍ମିଳନୀରେ ୨ଟି ପ୍ରକଳ୍ପକୁ ସେଠାରେ କାର୍ଯ୍ୟକାରୀ କରିବାକୁ ଦାବି ଉପସ୍ଥାପିତ ହୋଇଛି । ବିଶେଷ କରି ୨୦୧୦-୧୧ ଆର୍ଥିକ ବର୍ଷରେ ଷ୍ଟାଡିୟମର ଉନ୍ନତିକରଣ ଲାଗି ୧କୋଟି୩୭ଲକ୍ଷ୭୧ହଜାର ଟଙ୍କା ଅନୁଦାନ ମିଳିଥିଲା ଓ ସେଥିରେ ନିର୍ମାଣ ହୋଇଥିବା କାର୍ଯ୍ୟ ଉପରେ ଭିଜିଲାନ୍ସ ତଦନ୍ତ ଅନ୍ତଭୁକ୍ତ ରହିଛି । ତେଣୁ ବିବାଦୀୟ ସ୍ଥାନରେ ଇଣ୍ଡୋର ଷ୍ଟାଡିୟମ ପ୍ରତିଷ୍ଠା ନ ହୋଇ ପାଚେରୀ ବାହାରେ ଥିବା ସ୍ଥାନ ସହିତ ୧ଏକର ୧୭ଡିସିମିଲ ସ୍ଥାନରେ ୭କୋଟି୨୮ଲକ୍ଷ ଟଙ୍କା ଅନୁମୋଦନରେ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି । ଗତ ୯-୪-୨୨ରେ ନବନିର୍ବାଚିତ ପୌର ଅଧ୍ୟକ୍ଷ ଓ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଗ୍ରାମବାସୀ ବସି ହୋଇଥିବା ଆଲୋଚନା କାର୍ଯ୍ୟକାରୀ କରିବାକୁ ସେମାନେ ଦାବି ଜଣାଇଛନ୍ତି । ଅନ୍ୟଥା ଗ୍ରାମବାସୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ କିମ୍ବା ଆଇନ୍‌ର ଆଶ୍ରୟ ନେବେ ବୋଲି ସଭାପତିଙ୍କ ସହିତ କଂଗ୍ରେସର ରାଜ୍ୟ ପ୍ରଭାରୀ ସୁଦର୍ଶନ ଦାସ, ଗିରିଜା ଶଂକର ଦାସ, ବିଜେପି ନେତା ଅରୁଣ ବେଜ, ଶାନ୍ତନୁ ପଟ୍ଟନାୟକ, କାର୍ତ୍ତିକ ଚନ୍ଦ୍ର ଗିରି, ଚିତ୍ତରଂଜନ ସାହୁ, ସଂଜୟ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରିଆଜ ଖାଁ, ନିତ୍ୟାନନ୍ଦ ଦାସ, ପ୍ରଫୁଲ୍ଲ କୁମାର ଦାସ, ରମେଶ ଚନ୍ଦ୍ର ଜେନା, ନିତ୍ୟାନନ୍ଦ ଜେନା, ନଗେନ୍ଦ୍ର କର, ବିଭୁତି ବ୍ରହ୍ମ, ଫାଲଗୁନୀ ପାଣିଗ୍ରାହୀଙ୍କ ସହିତ ବହୁ ଗ୍ରାମବାସୀ ନବଜ୍ୟୋତି କ୍ଲବର ସଦସ୍ୟ, ସ୍ଥାନୀୟ ଏସ୍ଏଚ୍‌ଜି ଗ୍ରୁପର ସଦସ୍ୟମାନେ ଉପସ୍ଥିତ ଥିଲେ ।

## ଆଜିଠାରୁ ମୟୂରଭଂଜର ଗଣପର୍ବ ବଳାଙ୍ଗୀ ମହୋତ୍ସବ

ବାରିପଦା, ୧୫/୦୪ (ନି.ପ୍ର): ମୟୂରଭଂଜ ଜିଲ୍ଲାର ମହାନ ଗଣପର୍ବ ବଳାଙ୍ଗୀ ମହତ୍ସୋବ ଚଳିତ ବର୍ଷ ଆଜି ଠାରୁ ଦୁଇଦିନ ଧରି ବାରିପଦାର ଶହୀଦ ସ୍ମୃତି ଭବନ ଠାରେ ପାଳିତ ହେବ ବୋଲି ଜଣା ଯାଇଛି । ମୟୂରଭଂଜର ଅବଲୁପ୍ତପ୍ରାୟ ଭାଷା ସାହିତ୍ୟ କଳା ସଂସ୍କୃତି ଓ ପର୍ଯ୍ୟଟନର ପୁନରୁଦ୍ଧାର ଓ ବିକାଶ ପାଇଁ ୨୦୦୩ ମସିହାରୁ ବାରିପଦାର ବୁଢ଼ାବଳଙ୍ଗ ଚିପଟ ଏବଂ ଇଟାଯୋଡି ନଦୀର ସଂଗମ ସ୍ଥଳରେ ପାଳିତ ହୋଇ ଆସୁଥିବା ଏହି ମହୋତ୍ସବ ବିଗତ ୨ ବର୍ଷ ଧରି କରୋନା କଟକଣା କାରଣରୁ ବନ୍ଦ ରହିଥିଲା । ଚଳିତ ବର୍ଷ କଟକଣା ଉଠି ଯାଇଥିଲେ ମଧ୍ୟ ମହୋତ୍ସବ ସ୍ଥଳ ନଦୀ ଭିତରକୁ ଥିବା ସଂଯୋଗୀ କରଣ ରାସ୍ତା ଗୁଡିକ ଖରାପ ହୋଇ ଥିବାରୁ ଏବଂ ତୁରନ୍ତ ରାସ୍ତା ନିର୍ମାଣ ସମ୍ଭବ ନଥିବାରୁ ନଦୀବାଲିରେ ମହୋତ୍ସବ ଆୟୋଜନ କରିବା ସମ୍ଭବପର ହେଉ ନଥିବାରୁ ବାରିପଦା ଶହୀଦ ସ୍ମୃତି ଭବନ ପରିସର ରେ ଏପ୍ରିଲ ୧୬ ଓ ୧୭ ତାରିଖ ଦୁଇଦିନ ଧରି ସାହିତ୍ୟ ଆସର, ଆଲୋଚନା ଚକ୍ର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ । ବହୁ ମାନ୍ୟଗଣ୍ୟ ଅତିଥିଙ୍କ ସହ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ସାଂସ୍କୃତିକ ଅନୁଷ୍ଠାନ ନିଜର କାର୍ଯ୍ୟକ୍ରମ ପରିବେଷଣ କରିବାକୁ ଥିବା ବେଳେ ଜିଲ୍ଲାର ବହୁ ସ୍ଥାନୀୟ ଯୋଗ୍ୟ କଳାକାର ମଧ୍ୟ ନିଜନିଜର କଳା କୌଶଳ ପ୍ରଦର୍ଶନ କରିବେ ବୋଲି ଜଣା ଯାଇଛି । ଏହି ମୋହତ୍ସବରେ ଦୁଇଦିନ ଧରି ବହୁ ସଂଖ୍ୟାରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ସହିତ କଳାକାର ମାନଙ୍କୁ ଉତ୍ସାହିତ କରିବାକୁ ମହୋତ୍ସବ କମିଟିର ସଭାପତି ବିଧାୟକ ରାଜକିଶୋର ଦାସ ଓ ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ନାୟକ ଏକ ପ୍ରେସ ବିବୃତି ମାଧ୍ୟମରେ ଅନୁରୋଧ ଜଣାଇଛନ୍ତି ।

## ପାଚିକା ଚୟନରେ ଅନିୟମିତତା ଅଭିଯୋଗ

ବାଲିଆପାଳ, ୧୫/୦୪ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ରାଇପୁର ଉପ୍ରା ବିଦ୍ୟାଳୟରେ ପାଚିକା ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିବା ନେଇ ବହୁ ଗ୍ରାମବାସୀ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ଏହି ବିଦ୍ୟାଳୟର ପାଚିକା ଚୟନ ପାଇଁ ପ୍ରଧାନ ଶିକ୍ଷକ ବିଜ୍ଞପ୍ତି ଜାରି କରିଥିଲେ । ଏହି ପଦବୀ ପାଇଁ ଗ୍ରାମର ବିଧବା ମହିଳା ସ୍ୱର୍ଣ୍ଣଲତା ମଲ୍ଲିକ ସମେତ ଅନ୍ୟ ଜଣେ ଆବେଦନ କରିଥିଲେ । ନିୟମମୁତାବକ ବିଧବା ମହିଳାଙ୍କୁ ଅଗାଧିକାର ଭିତିରେ ନିଯୁକ୍ତି ଦେବା କଥା ମାତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ପଟ୍ଟାୟତ ନିୟମ ଉଲ୍ଲଘଂନ କରି ବିଦ୍ୟାଳୟ ପରିଚାଳନା କମିଟି କଥାରେ ଅନ୍ୟ ଜଣେ ସଧବା ମହିଳାଙ୍କୁ ଚୟନ କରିଛନ୍ତି । ଏନେଇ ସ୍ୱର୍ଣ୍ଣଲତା ମଲ୍ଲିକ ସମେତ ଗ୍ରାମର ସବିତା ଜେନା , ସାଗରୀ ଜେନା, ସୁଦର୍ଶନ ଜେନା, ଝାଡେଶ୍ୱର ଦଳାଇ, ମଧୁସ୍ମିତା ଜେନା, ତୁଳସୀ ଧଳ ସମେତ ଶତାଧିକ ଗ୍ରାମବାସୀ ଏହାର ତଦନ୍ତ କରି ପୁନଃ ନିଯୁକ୍ତି ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନା ଘଟଣା ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ରାଜଧାନୀରୁ କୋକେନ୍ ....

ବିଶେଷ କରି ଧନୀ ଓ ବଡ଼ ବଡ଼ କଲେଜର ସମ୍ଭ୍ରାନ୍ତ ଘରର ଛାତ୍ରଙ୍କୁ କୋକେନ୍ ଯୋଗାଇବା ମୂଳ ଲକ୍ଷ୍ୟ ଥିଲା । ଦୁଇ ଅଭିଯୁକ୍ତଙ୍କ ପାଖରୁ ସାଉଥ ଆଫ୍ରିକାର ମୁଦ୍ରା ମିଳିଥିବାରୁ ସାଉଥ ଆଫ୍ରିକା ଲିଙ୍କ ଥିବା ଏସ୍‌ଟିଏଫ୍ ସନ୍ଦେହ କରୁଛି । ଅଭିଯୁକ୍ତଙ୍କୁ ୫ଦିନିଆ ରିମାଣ୍ଡରେ ଆଣିବାକୁ ଏସ୍‌ଟିଏଫ୍ କୋର୍ଟରେ ଆବେଦନ କରିଛି । ସୂଚନାଯୋଗ୍ୟ, ଏସ୍‌ଟିଏଫ୍ ପ୍ରଥମ ଥର ପାଇଁ ରାଜଧାନୀରୁ ୨୦୨ ଗ୍ରାମ ଓଜନର କୋକେନ୍ ଜବତ କରିଛି । ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ରାଜସ୍ଥାନ ଚୁରୁ ଜିଲ୍ଲା ହାମିରବାସ ଅଂଚଳର ରବି ସିଂ ଓ ଝୁନ୍‌ଝୁନ୍ ଜିଲ୍ଲା ଖାଡଖାଡ଼ି ଅଂଚଳର ସନ୍ନି କୁମାର । ସନ୍ନି ନୂଆପଲ୍ଲୀ ଥାନା ସାଲିଆସାହି ତାରିଣୀନଗର ଅଂଚଳରେ ରୁହେ । ଜବତ କୋକେନ୍ ର ମୂଲ୍ୟ ୨କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି । ତେବେ କୋକେନ୍ ଜବତ ଘଟଣା ରାଜ୍ୟରେ ପ୍ରଥମ ।

## ଇମ୍ରାନ ଖାନଙ୍କ 'ପରମାଣୁ ବାଣ'ର....

ବିପଦ ନାହିଁ । ଆମ ରାଜନୀତିକ ବିତର୍କକୁ ଏସବୁ ପ୍ରସଙ୍ଗ ଆଣିବା ଠିକ ନୁହେଁ । ଆମ ଆଣବିକ କାର୍ଯ୍ୟକ୍ରମ ଏମିତି ଏକ ସ୍ଥାନରେ ରହିଛି, ଯେଉଁଠାରେ ସୁରକ୍ଷା ବ୍ୟବସ୍ଥା ଅତ୍ୟନ୍ତ ସୁଦୃଢ଼ । ଅନ୍ତର୍ଜାତୀୟସ୍ତରରେ ମଧ୍ୟ ଆମ ସୁରକ୍ଷା ବ୍ୟବସ୍ଥା ସବୁଠାରୁ ଶ୍ରେଷ୍ଠ । ଏହା ଉପରେ ଆମର ସଂପୂର୍ଣ୍ଣ ନିୟନ୍ତ୍ରଣ ରହିଛି । ଆଣବିକ ସମ୍ପତ୍ତି କୌଣସି ଜଣେ ବ୍ୟକ୍ତିଙ୍କର ନୁହେଁ । ତେଣୁ ଏହାକୁ ରାଜନୀତିକ ପ୍ରସଙ୍ଗ କେହି କରନ୍ତୁ ନାହିଁ ।"

## ୪୦ ଉପରେ ୧୬ ....

ତାଳଚେରରେ ୪୧.୬, ଭବାନୀପାଟଣାରେ ୪୦.୮, ଟିଟିଲାଗଡ଼ରେ ୪୧.୮, ମାଲକାନଗିରିରେ ୪୦.୦, ବୌଦ୍ଧରେ ୪୨.୫ ଓ ପାରଳାଖେମୁଣ୍ଡିରେ ୪୧.୦ ଡିଗ୍ରି ତାପମାତ୍ରା ରେକର୍ଡ ହୋଇଛି । ସେହିପରି ଆଜି ଭୁବନେଶ୍ୱରରେ ୩୮.୨ ଓ କଟକରେ ୩୯.୦ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି ।

## କାଳବୈଶାଖୀ ପାଇଁ ୭....

୧୬ରୁ ୧୭ ତାରିଖ ମଧ୍ୟରେ ରାଜ୍ୟର ମାଲକାନଗିରି , କୋରାପୁଟ, ରାୟଗଡା, ନବରଙ୍ଗପୁର, କନ୍ଧମାଳ, ଗଜପତି ଓ ଗଂଜାମ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ଥିବାରୁ ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଆସନ୍ତା ୨୪ ଘଂଟା ମଧ୍ୟରେ ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଂଚଳରେ ଆକାଶ ମେଘୁଆ ରହିବା ସହ ଅପରାହ୍ନ/ ସନ୍ଧ୍ୟା ଆଡ଼କୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତର ସମ୍ଭାବନା ସହିତ ଆକାଶ ଆଂଶିକ ମେଘୁଆ ରହିବ । କିଛି ଆଭ୍ୟନ୍ତରୀଣ ଜିଲ୍ଲାକୁ ଛାଡିଲେ ଅନ୍ୟ କୌଣସି ସ୍ଥାନରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ ।

## ନକ୍ସଲମାନେ ଆଇଇଡି ବିସ୍ଫୋରଣ କରି କଲଭର୍ଟକୁ ଭାଙ୍ଗିଲେ

ସୁକମା(ଛତିଶଗଡ),୧୫/୦୪ (ନି.ପ୍ର): ଛତିଶଗଡର ଦକ୍ଷିଣ-ପୂର୍ବ ସୁକମା ଜିଲ୍ଲାର କୋଂଟା ଭେଜୀ ମାର୍ଗର କୋତାଚେରୁ ଏବଂ ଗୋର୍ଖା ମଧ୍ୟରେ ନକ୍ସଲମାନେ ଏକ ଛୋଟ କଲଭର୍ଟକୁ ନଷ୍ଟ କରିଦେଇଛନ୍ତି । ଏହାକୁ ସୁକମା ଏସପି ସୁନୀଲ ଶର୍ମା ସ୍ପଷ୍ଟ କରିଛନ୍ତି । ଏସପି ଶର୍ମା କହିଛନ୍ତି ଯେ ଏହା ବ୍ୟତୀତ ଏହି ଅଂଚଳ ଓଡିଶାର ଅତି ନିକଟତର ଅଟେ । ନକ୍ସଲମାନେ ଚେଷ୍ଟା କରୁଛନ୍ତି ଯେ ଏହି ଅଂଚଳରେ ସୁରକ୍ଷା ବାହିନୀର କୌଣସି ନୂତନ ଶିବିର ନିର୍ମାଣ ହୋଇନପାରୁ । ଏହି ସେତୁ ଦ୍ୱାରା ନିର୍ମାଣ ସାମଗ୍ରୀ ଅଣାଯାଏ । ଏହି ଘଟଣା ଗୁରୁବାର ରାତି ୯ ଟା ସମୟରେ ଘଟିଛି । ଇଆରଜୀର ଯବାନଙ୍କ ପ୍ରତିରୋଧ ହେତୁ ନକ୍ସଲମାନେ ଅନ୍ଧକାରର ସୁଯୋଗ ନେଇ ପଳାୟନ କରିବାକୁ ସକ୍ଷମ ହୋଇଛନ୍ତି ।

## ପଞ୍ଚମ ବେତନଟୀ ବୈଶାଖି ମହୋତ୍ସବ – ୨୦୨୨ ଅନୁଷ୍ଠିତ

ଉଦଳା, ୧୫/୦୪ (ନି.ପ୍ର): ମୟୂରଭଞ୍ଜର ବେତନଟୀସ୍ଥିତ ପଦ୍ମମାଳୀ ମହିଳା ସଂଗଠନ ତରଫରୁ ପଞ୍ଚମ ବାର୍ଷିକ ବୈଶାଖି ମହୋତ୍ସବ – ୨୦୨୨ ଚଳିତ ଏପ୍ରିଲ ୧୨ ତାରିଖ ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ପାଳିତ ହୋଇ ଯାଇଛି । ଏହି ଅବସରରେ ଆମ ପଦ୍ମମାଳୀ ପତ୍ରୀକା ଉନ୍ମୋଚନ, ସାହିତ୍ୟ ସମାରୋହ ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଓ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ 'ଆମ ପଦ୍ମମାଳୀ' ପତ୍ରିକାକୁ ଉନ୍ମୋଚନ କରିବା ସହିତ ଓଡ଼ିଆ ସାହିତ୍ୟ ଆଜି



କିପରି ସମଗ୍ର ବିଶ୍ୱରେ ଦୃଷ୍ଟାନ୍ତ ପାଲଟିଛି ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଛୋଟଲାଲ ମହାନ୍ତ, ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ଶରତ ଚନ୍ଦ୍ର ନାୟକ, ସାମ୍ବାଦିକ ଅଜୟ କୁମାର କର, ସଂଗଠକ ପର୍ଶୁରାମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ କଳା ପାଇଁ ମୟୂରଭଞ୍ଜର ବାସନା ସ୍ୱତନ୍ତ୍ର ବୋଲି ସମଗ୍ର ଓଡ଼ିଶାରେ ବାରି ହୋଇ ଉଠେ ବ୍ୟକ୍ତ କରିଥିଲେ । ଓ ଉକ୍ତ ମଞ୍ଚରେ ବେତନଟୀ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ସଞ୍ଜୁକ୍ତା ଜୀ ସଭାପତିତ୍ୱ କରି କାର୍ଯ୍ୟକ୍ରମ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ ।

## ପଞ୍ଚମ ଦିନରେ ପହଞ୍ଚିଲା 'ଧାରଣା' : ଆଲୋଚନାକୁ ଆସିଲେ ନାହିଁ କୌଣସି ଅଧିକାରୀ

ଉଦଳା, ୧୫/୦୪ (ନି.ପ୍ର): ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ଶାଳଖୁଣ୍ଟାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ବ୍ରଜମୋହନ ମାଝୀ ଏବଂ ମେଟ୍ରୋନ ଜୟନ୍ତି ପାତ୍ରଙ୍କୁ ଗିରଫ କର ଦାବୀ ଜଣାଇ ଅବିଭାବକ ଓ ଗ୍ରାମବାସୀଙ୍କ ତରଫରୁ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ଆଜି ପଞ୍ଚମ ଦିନରେ ପହଞ୍ଚିଛି । କିନ୍ତୁ ଆଶ୍ଚର୍ଯ୍ୟର କଥା ଏ ପର୍ଯ୍ୟନ୍ତ କୌଣସି ଜଣେ ହେଲେ ଅଧିକାରୀ ଆଲୋଚନକୁ ଆସିନଥିବାର



ଜଣାଯାଇଛି । ଘଟଣାରୁ ପ୍ରକାଶ ଯେ ଉକ୍ତ ବିଦ୍ୟାଳୟରେ ପାଠଡ ପଢୁଥିବା ଜନୈକ ଛାତ୍ରୀଙ୍କ ପ୍ରତି ଉଭୟ ପ୍ରଧାନ ଶିକ୍ଷକ ଓ ମେଟ୍ରୋନ ଖରାପ ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା । ଏ ନେଇ ଅବିଭାବକ ମାନଙ୍କ ତରଫରୁ ଉଦଳା ଥାନାରେ ଲିଖିତ ଅଭିଯୋଗ ଦାୟର କରାଯାଇଥିଲା । କିନ୍ତୁ ପ୍ରଶାସନ କଳ ଏ ବାବଦରେ କୌଣସି ପଦକ୍ଷେପ ନନେଇ ନୀରବ ରହୁଥିବାରୁ ଆନ୍ଦୋଳନ ମୁଣ୍ଡ ଟେକିଛି ।

## ବାବା ବଟେଶ୍ୱର ମହାଦେବଙ୍କ ଉଡାଯାତ୍ରା

ରୂପ୍‌ସା, ୧୫/୦୪ (ନି.ପ୍ର): ଆଗରଗୋହିରା ଗ୍ରାମରେ ଥିବା, ବଟେଶ୍ୱର ପଡ଼ିଆରେ, ବାବା ବଟେଶ୍ୱର ମହାଦେବଙ୍କ ଉଡାପର୍ବ ମହା ସମାରୋହରେ ପାଳିତ ହୋଇଯାଇଛି । ଗ୍ରାମବାସୀ ମାନଙ୍କ ସହଯୋଗରେ ଭକ୍ତମାନେ ଉପବୀତ ଧାରଣ କରି ଦୀର୍ଘଦିନ ଧରି ବ୍ରତ ପାଳନ କରି ଶେଷରେ ଆଜି ଉଦ୍‌ଯାପନ କରିଥିଲେ । ସଭାପତି ମାୟାଧର ଜେନାଙ୍କ ପରିଚାଳନାରେ ସୁଚାରୁରୂପେ ଏହା ସମ୍ପନ୍ନ ହୋଇପାରିଛି । ଉପସ୍ଥିତ ଥିଲେ ପରମାନନ୍ଦ ବାରିକ, ବୈଦ୍ୟନାଥ ବାରିକ, ଜୟଧର ବେହେରା, ଜଗନ୍ନାଥ ବେହେରା, ପୂର୍ଣ୍ଣଚନ୍ଦ୍ର ସିଂ ଇତ୍ୟାଦି




ଶତାଧିକ ଜନତା ଜନାର୍ଦ୍ଦନ । ଭକ୍ତାମାନଙ୍କ ସହିତ ବହୁ ମହିଳା, ପିଲାମାନେ ସହଯୋଗ କରି ବାଜା ସହିତ ଗ୍ରାମ ପରିକ୍ରମା ଜାକଜମକରେ କରିଥିଲେ । ଆଖ ପାଖ ହାତିଆଡିହା, ତାହାର ପୁର, କସିପଦା, ବରହମପୁର, ଆଗମ୍‌ଉଦା, କାଦମ୍‌ଉଦା, ପିଞ୍ଛାବଣିଆ ଇତ୍ୟାଦି ଗ୍ରାମରୁ ଲୋକମାନେ ଏଉତ୍ସବକୁ ଉପଭୋଗ କରିବାକୁ ଆସିଥିଲେ ।

# ଶୁଭ ଶୁକ୍ରବାରରେ କ୍ରୁଶ ଶୋଭାଯାତ୍ରା

ବାଲେଶ୍ୱର,୧୫/୦୪ (ନି.ପ୍ର): ପ୍ରଭୁ ଯୀଶୁଙ୍କ ବଳିଦାନ ଦିବସ ଭାବେ ସମଗ୍ର ବିଶ୍ୱରେ ପବିତ୍ର ଶୁକ୍ରବାର (ଗୁଡ ଫ୍ରାଇଡେ) ପାଳିତ ହୋଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ ପ୍ରତିଫଳନ ଦେଖିବାକୁ ମିଳିଛି । ଏନେଇ ସମାଳେ ବାଲେଶ୍ୱରର କ୍ୟାଥୋଲିକ ଚର୍ଚ୍ଚରେ ଖ୍ରୀଷ୍ଟଧର୍ମୀ ଭାଇ-ଭଉଣୀମାନେ ପ୍ରଭୁ ଯୀଶୁଙ୍କୁ ଉଦ୍ଦେଶ୍ୟରେ ସାମୂହିକ ପ୍ରାର୍ଥନା କରିଥିଲେ । ଅପରାହ୍ନ ପ୍ରାୟ ୨ଟା ୩୦ ସମୟରେ ସହରର ଶ୍ରୀକଣ୍ଠପୁର କ୍ୟାଥୋଲିକ୍ ପଡ଼ାର 'ଷ୍ଟାର କ୍ଲବ' ନିକଟରୁ ପ୍ରଭୁଙ୍କର କ୍ରୁଶଯାତ୍ରା ବା ଯାତନାର ଯାତ୍ରା ଆରମ୍ଭ ହୋଇଥିଲା । ଏହି ଶୋଭାଯାତ୍ରା ସହର ପରିକ୍ରମା ସହ ସ୍ଥାନୀୟ ଚର୍ଚ୍ଚରେ ପହଞ୍ଚିଥିଲା । ମୌଳବାଦୀଙ୍କ ଦ୍ୱାରା ପ୍ରଭୁ ଯୀଶୁଙ୍କୁ ଦିଆଯାଇଥିବା ନିର୍ଯାତନାର ନିଦର୍ଶନ ପ୍ରତିକୃତି ସହର ରାସ୍ତାର ୧୪ ଗୋଟି ସ୍ଥାନରେ ସ୍ଥାପିତ ହୋଇଥିଲା । ଶୋଭାଯାତ୍ରା ପ୍ରତ୍ୟେକ ପ୍ରତିକୃତି ସ୍ଥଳରେ ଅଟକିବା ସହିତ ପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ମଧ୍ୟ କରାଯାଇଥିଲା । ଏହି ଯାତ୍ରା ଚର୍ଚ୍ଚରେ ପହଞ୍ଚିବା ପରେ ସେଠାରେ ଏକ ସାମୂହିକ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ବାଲେଶ୍ୱର ରୋମାନ କ୍ୟାଥୋଲିକ ଡାଇଓସିସର ମୁଖ୍ୟ ପ୍ରଶାସକ ଫାଦର ଆଇଜାକ, ଫାଦର ଯଦୁ ମାରାଣ୍ଡି ଓ ଫାଦର ରାୟ ପ୍ରମୁଖ ଏଥିରେ ଯୋଗଦେଇ ମାନବ ସମାଜର ଉଦ୍ଧାର ପାଇଁ ପ୍ରଭୁ ଯୀଶୁ ଯାତନା ସହିବାକୁ ପଛାଇ ନଥିଲେ ବୋଲି କହିଥିଲେ । ପ୍ରେମ, ଶାନ୍ତି ଓ ଏକତା ପାଇଁ ଯେ ଯାତନା ସହିବାକୁ ପଡ଼େ, ପ୍ରଭୁ ଯୀଶୁ ୨ ହଜାର ବର୍ଷ ପୂର୍ବରୁ ସମଗ୍ର ମାନବ ସମାଜକୁ ଏହି ବାର୍ତ୍ତା ଦେଇଥିଲେ ବୋଲି ସେମାନେ ବକ୍ତବ୍ୟରେ କହିଥିଲେ । ପୁଣ୍ୟ ଶୁକ୍ରବାରର ୪୦ ଦିନ ପୂର୍ବରୁ ଖ୍ରୀଷ୍ଟଧର୍ମୀ ଭାଇଭଉଣୀମାନେ ପବିତ୍ର ଶୁକ୍ରବାର ଉଦ୍ଦେଶ୍ୟରେ ଉପବାସ ବ୍ରତ ଆରମ୍ଭ କରିବା ସହିତ ପ୍ରଥମ ବୁଧବାର ଦିନରୁ ପ୍ରଭୁଙ୍କ କ୍ରୁଶବିଦ୍ଧ ଯନ୍ତ୍ରଣା ଅନୁଭବ କରିଥା'ନ୍ତି । ଏହି ଉପବାସର ପରିସମାପ୍ତି ୪୦ ଦିନର ଶେଷ ଶୁକ୍ରବାର ଦିନ ଘଟିଥାଏ । ତେବେ ପୁଣ୍ୟ ଶୁକ୍ରବାରର ପରଦିନ ଅର୍ଥାତ ଶନିବାର ରାତିରେ ପ୍ରଭୁଙ୍କର ପୁନଃରତ୍ଥାନକୁ ସଭିଙ୍କର ଅପେକ୍ଷା ଥାଏ ସେମାନେ ପ୍ରକାଶ କରିଥିଲେ ।

# ମଦ ଦୋକାନ ଓ ବାର ବନ୍ଦ ଦାବିରେ ପାତ୍ରପଡ଼ାବାସୀଙ୍କ ରାସ୍ତାରୋକ



ବାଲେଶ୍ୱର,୧୫/୦୪ (ନି.ପ୍ର): ସରକାରୀ ପଞ୍ଜୀକୃତ ଠିପିଖୋଲା ବିଦେଶୀ ମଦ ଦୋକାନ ସାଙ୍ଗକୁ ପାତ୍ରପଡ଼ାରେ ଚାଲିଥିବା ବେଆଇନ ବେଆଇନ ବାରକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ଦୀର୍ଘଦିନର ଅସନ୍ତୋଷ ଶୁକ୍ରବାର ବିସ୍ଫୋରକ ରୂପ ନେଇଥିଲା । ସକାଳେ ଗ୍ରାମବାସୀମାନେ ପାତ୍ରପଡ଼ା ଛକଠାରେ ବାଲେଶ୍ୱର-ଚାନ୍ଦିପୁର ରାସ୍ତା ଅବରୋଧ କରିବା ସହ ମଦ ଦୋକାନ ଏବଂ ଫାଷ୍ଟ ଫୁଡ ଦୋକାନ ଉପରକୁ ଢେଲା ପଥର ମାଡ କରିଥିଲେ । ରାସ୍ତାରୋକ ଓ ଭଙ୍ଗାରୁଜା ସମ୍ପର୍କରେ ଖବର ପାଇ ଟାଉନ ଥାନା ଅଧିକାରୀ ଗୋପାଳକୃଷ୍ଣ କର୍ଣ୍ଣଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ପହଞ୍ଚି ଉପୁଜିଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆୟତ୍ତ ପାଇଁ ଉଦ୍ୟମ କରିଥିଲେ । ସ୍ଥାନୀୟ ମହିଳାଙ୍କ ଅଭିଯୋଗ ଅନୁସାରେ ଅବକାରୀ ବିଭାଗ ବିଦେଶୀ ଠିପିବନ୍ଦ ମଦଦୋକାନ ପାଇଁ ମିଳିଥିବା ଲାଇସେନ୍ସକୁ ସେତେବେଳେ ବିରୋଧ କରାଯାଇଥିଲା । ଏମତିକି ଗ୍ରାମବାସୀମାନେ ଏ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ମଧ କରିଥିଲେ । ଦୃଢ଼ ବିରୋଧ ସତ୍ତ୍ୱେ ପାତ୍ରପଡ଼ାର ସ୍ୱପ୍ନେଶ୍ୱର ମନ୍ଦିର ନିକଟରେ ଏହି ଠିପିବନ୍ଦ ମଦ ଦୋକାନ ଖୋଲାଯାଇଥିଲା । ବେଶ କିଛି ଦିନ ପରେ ମଦ ଦୋକାନ ପଛ ପାଖରେ ଏକ ଫାଷ୍ଟଫୁଡ୍ ଦୋକାନ ଖୋଲା ଯାଇଥିଲା । ମାତ୍ର ଫାଷ୍ଟଫୁଡ ଦୋକାନ ଆଳରେ ସେଠାରେ ଖୁଲମ ଖୋଲା ଭାବେ ବେଆଇନ ବାର ଚାଲୁଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ମଦ ଦୋକାନରୁ ମଦ କିଣି ଏହି ଫାଷ୍ଟଫୁଡ ସେଣ୍ଟରରେ ପିଇବା ସହ ରାସ୍ତା ଘାଟରେ ଉତ୍ପାତ କରୁଥିବା ମହିଳାମାନେ କହିଛନ୍ତି । ଏନେଇ ଗାଁ'ର ଏହି ମୁଖ୍ୟରାସ୍ତାରେ ଝିଅ ବୋହୂ ଭୟଭ୍ରାନ୍ତିରେ ଯାତାୟାତ କରୁଛନ୍ତି । ତେବେ ଲୋକଙ୍କ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି ମଦ ଦୋକାନୀ ନବ କିଶୋର ରାୟ । ଏ ଅଞ୍ଚଳର କିଛି ବ୍ୟକ୍ତି ଆକ୍ରୋଶମୂଳକ ଭାବେ ଲୋକଙ୍କୁ ମତାଇ ଏଭଳି କାଣ୍ଡ ଭିଆଇଥିବା ସେ କହିଛନ୍ତି । ତେବେ ତାଙ୍କ ଠିପିବନ୍ଦ ଦୋକାନରୁ ମଦ ନେଇ ଫାଖ ଫାଷ୍ଟ ଫୁଡ ଦୋକାନରେ ଗ୍ରାହକ ଯଦି ଜୋର ଜବରଦସ୍ତ ପିଇବେ, ସେଥିରେ ସେ କଣ କରିପାରିବେ ବୋଲି ଓଲଟା ପ୍ରଶ୍ନ କରିଛନ୍ତି ।

# ରେମୁଣା ସାହିତ୍ୟ ସଂସଦର ପ୍ରତିଷ୍ଠା ଦିବସ ଓ ବିଷୁବ ସମାରୋହ

## କବି ଚକ୍ରଧର ଦାସଙ୍କ 'ପାହାନ୍ତି ସ୍ୱର' ଲୋକାର୍ପିତ



ରେମୁଣା, ୧୫/୦୪ (ନି.ପ୍ର): ରେମୁଣା ସାହିତ୍ୟ ସଂସଦର ୨୪ତମ ପ୍ରତିଷ୍ଠା ଦିବସ ଓ ବିଷୁବ ସମାରୋହ ସ୍ଥାନୀୟ ବଳଦେବ ବିଦ୍ୟାଭୂଷଣ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । କବି ଡା. ସତ୍ୟରଂଜନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡା, ମୁଖ୍ୟ ବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳୀପଦ ପଣ୍ଡା, ସମ୍ମାନନୀୟ ଅତିଥି ଅଧ୍ୟାପକ ସୁକାନ୍ତ ଗିରି, ପଣ୍ଡିତ ନିରଞ୍ଜନ ସାହୁ, କବି ଗଙ୍ଗାଧର ଦାସ ପ୍ରମୁଖ ଯୋଗ ଦେଇଥିଲେ । ସଂପାଦକ ଡ. ଭାଗବତ ପ୍ରସାଦ ଦାସ ସଂପାଦକୀୟ ବିବରଣୀ ପାଠ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ, ପଣ୍ଡିତ ଶକ୍ତିପଦ ପଣ୍ଡା ଗୀତାପାଠ, ଶ୍ରାବଣୀ ଗିରି, ଭାଗ୍ୟଶ୍ରୀ ପଣ୍ଡା, ବୈଶାଖି ଗିରି ସ୍ୱାଗତ ସଂଗୀତ ଗାନ କରିଥିଲା ବେଳେ ମଧୁସୂଦନ ମାଝୀ ଧନ୍ୟବାଦ ଦେଇଥିଲେ । ସଭାରେ କବି ଚକ୍ରଧର ଦାସଙ୍କ କବିତା ସଂକଳନ 'ପାହାନ୍ତି ସ୍ୱର' ଉନ୍ମୋଚିତ ହୋଇଥିଲା । କବି ଶ୍ରୀ ଦାସ ତାଙ୍କ ଲେଖକୀୟ ବକ୍ତବ୍ୟ ରଖିଥିଲା ବେଳେ ସମୀକ୍ଷକ ଶ୍ରୀ ସାହୁ ଓ ଶ୍ରୀ ଗଙ୍ଗାଧର ଦାସ ଗ୍ରନ୍ଥଟିକୁ ସମୀକ୍ଷା କରି ଶ୍ରୀ ଦାସଙ୍କ କବି ପ୍ରତିଭାକୁ ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଶ୍ରୀ ପଣ୍ଡା ସାଂପ୍ରତିକ ସାହିତ୍ୟ ଓ କବିତାର ସ୍ରଷ୍ଟାମାନଙ୍କୁ ମାନବିକ ମୂଲ୍ୟବୋଧ ଉପରେ ଲେଖନୀୟ ଚାଳନା ପାଇଁ ପରାମର୍ଶ ଦେଇଥିଲେ । ଦ୍ୱିତୀୟ ଅଧିବେଶନରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଭାସ୍କର ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ସଂଗୀତ ଗୁରୁ ଗଂଗାଧର ସେଠୀ, ମୁଖ୍ୟବକ୍ତା ପ୍ରାଧ୍ୟାପକ ଜଗବନ୍ଧୁ ମହାପାତ୍ର ଓ କବୟିତ୍ରୀ ସତ୍ୟଭାମା ମୁଦୁଲି, କବି ରବୀନ୍ଦ୍ର କୁମାର ବିଶ୍ୱାଳ ଓ କୁନି ସଂଯୋଜିକା ଇପ୍‌ସିତା ସ୍ୱାଇଁଙ୍କ ସଂଯୋଜନାରେ ଚାଳିଶରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ନିଜସ୍ୱ କବିତା ପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରଭାକର ସାହୁ, କରୁଣାକର ଜେନା, ରମେଶ ଚନ୍ଦ୍ର ମହାରଣା, ସନ୍ତୋଷ କୁମାର ଦାସ, ଡ. ରତ୍ନାକର ସିଂହ, ଅଜୟ ବାରିକଙ୍କ ସମେତ ସାହିତ୍ୟ ସଂସଦର ସମସ୍ତ ସଦସ୍ୟ ପରିଚାଳନାରେ ସହାୟତା କରିଥିଲେ । ଶେଷରେ ଭାଗୀରଥ ମହାନ୍ତି ଧନ୍ୟବାଦ ଦେଇଥିଲେ ।

# ପ୍ରାଣକୃଷ୍ଣ ଜୟନ୍ତୀ ସମାରୋହ ଓ ପୁସ୍ତକ ଲୋକାର୍ପଣ ଉତ୍ସବ



ବାଲିଆପାଳ, ୧୫/୦୪ (ନି.ପ୍ର): ବାଲିଆପାଳର ଅଗ୍ରଣୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପ୍ରାଣକୃଷ୍ଣ ଚାରିଟାବଲ ଟ୍ରଷ୍ଟ ତରଫରୁ ପ୍ରାଣକୃଷ୍ଣ ଜୟନ୍ତୀ ସମାରୋହ ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଜଗାଇ ପଦ୍ମଲୋଚନ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଇଯାଇଛି । ଉକ୍ତ ଉତ୍ସବରେ ପୌରହିତ୍ୟ କରିଥିଲେ କୃଷ୍ଣଚନ୍ଦ୍ରପିପିଲି ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଦୟାନିଧି ସାହୁ, ମୁଖ୍ୟ ଅତିଥି ଭାବେ ପ୍ରଫେସର, ତଥା ଦୀନକୃଷ୍ଣ ସ୍ମୃତି ପରିଷଦର ସମ୍ପାଦକ ବିପିନ ବିହାରୀ ବିଶ୍ୱାଳ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ଓଡ଼ିଆ ଅଧ୍ୟାପକ ରବୀନ୍ଦ୍ର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ବିମଳ ଜେନା, ଶିଶୁସାହିତ୍ୟିକ କାଳିକିଙ୍କର ଦାସ, କବି ବ୍ରଜେନ୍ଦ୍ର ଗିରି, ସୁରେନ୍ଦ୍ର ପରିଡା, ଶିଶିର ହାଜିରା, ନାରାୟଣ ବିଶ୍ୱାଳଯୋଗ ଦେଇ ପ୍ରାଣକୃଷ୍ଣ ବିଶ୍ୱାଳଙ୍କ ଜୀବନୀ ଓ ତାଙ୍କ ଲିଖିତ ସୁନାଝିଅ ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସର୍ବପ୍ରଥମେ ପ୍ରାଣକୃଷ୍ଣ ବିଶ୍ୱାଳ ଙ୍କ ଝିଅ, ଆନ୍ତର୍ଜାତିକ ଖ୍ୟାତିସଂପନା କବି ଡ଼କଟର ମନୋରମା ବିଶ୍ୱାଳ ମହାପାତ୍ର ନିଜ ପିତାଙ୍କ ସାହିତ୍ୟିକ ଜୀବନ ଓ ସାମାଜିକ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ । କବି ଓ ଶିକ୍ଷକ ନଳିନୀ କାନ୍ତ ପାଢ଼ୀମଂଚ ଆବାହନ ଓ ପ୍ରାକ ସୂଚନା ପ୍ରଦାନ, ଅଧ୍ୟାପିକା ଦମୟନ୍ତି ଜେନା ବେଦ ପାଠ, ଓ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଉତ୍କଳ ବନ୍ଦନା ଗାନ କରିଥିଲେ । ବନଫୁଲ ପ୍ରକାଶନୀ ଦ୍ୱାରା ପ୍ରକାଶିତ କବି ନଳିନୀ କାନ୍ତ ପାଢ଼ୀଙ୍କ ରଚିତ କବିତା ସଂକଳନ' ସୂର ?ୟାସ୍ତର ଶେଷକଥା' ଓ ଶିଶିର ହଜିରାଙ୍କ ରଚିତ ଇଂରାଜୀ କବିତା ସଂକଳନ 'ଦ ପଏମ ଅଫ ରିଏଲ ଥଟ'କୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ । ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ କବି ବିମଳ ଜେନା ଓ ଶିଶୁ ସାହିତ୍ୟିକ କଳିକିଙ୍କର ଦାସ ଙ୍କୁ ପ୍ରାଣକୃଷ୍ଣ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । କପିଳ ଦାସ, ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ସ୍ନେହଲତା ନାୟକ, କୃଷ୍ଣା କଲ୍ୟାଣି ନାୟକ, ଦିବାକର ବେହେରା, ରବୀନ୍ଦ୍ର ଦତ୍ତ, ଉପସ୍ଥିତ ରହି କାବ୍ୟ ଓ କବିତା ସମ୍ପର୍କରେ ଆଲୋଚନା କରିଥିଲେ । ନଳିନୀ କାନ୍ତ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ଜଗାଇ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସଭା ପରିଚାଳନା କରିଥିଲେ ।

# ପଣା ସଂକ୍ରାନ୍ତିରୁ ଆମେ ୮୦ ଜଳ ସେବା ଆରମ୍ଭ



ବାରିପଦା, ୧୫/୦୪ (ନି.ପ୍ର): ୧୯୮୦ ମସିହା ମ୍ୟାଟ୍ରିକ୍ୟୁଲେସନ ବ୍ୟାଚର ବନ୍ଧୁମାନେ ୨୦୧୪ ମସିହା ଠାରୁ ବାରିପଦାସହରର କଚେରୀ ଛକଠାରେ ପଣା ସଙ୍କ୍ରାନ୍ତି ଠାରୁ ରଜ ସଙ୍କ୍ରାନ୍ତି ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଆନୁମାନିକ ୨୦୦୦ ରୁ ଉର୍ଦ୍ଧ ଜନ ସାଧାରଣଙ୍କୁ ମାଗଣାରେ ସୁସ୍ୱାଦୁ ଦହିପାଣି, ଜଳଜୀରା ପାଣି ଓ ରସନା ଯୋଗାଇ ଆସୁଛନ୍ତି । ଆଜି ଦିବା ୧୦ ଘଟିକା ସମୟରେ ଆମେ ୮୦ ର ଜଳସେବା ଆରମ୍ଭ ହୋଇଛି । ମହାମାରୀ କରୋନା ଯୋଗୁଁ ଦୁଇବର୍ଷ ଧରି ଜଳସେବା ବନ୍ଦ ଥିଲା, ଆଜିର ଜଳସେବାକୁ ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ପ୍ରୋଫେସର କିଶୋର କୁମାର ବସା ଏବଂ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଉଦଘାଟନ କରିଛନ୍ତି । ଉଭୟ ଅତିଥି ଏ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ ଏବଂ ଦୀର୍ଘଦିନ ଧରି ଏ କାର୍ଯ୍ୟକ୍ରମକୁ ଚଳାଇଥିବାର ଆମେ ୮୦ ର ସମସ୍ତ ସଦସ୍ୟମାନଙ୍କୁ ସାଧୁବାଦ ଜଣେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଆମେ ୮୦ର ୫୦ ରୁ ଉର୍ଦ୍ଧ ସଦସ୍ୟ ଉପସ୍ଥିତ ଥିଲେ ।

# ଚୈତ୍ରପର୍ବ ଅବସରରେ ସୋମନାଥ ସିଂହ ସମ୍ବର୍ଦ୍ଧିତ



ବାରିପଦା, ୧୫/୦୪ (ନି.ପ୍ର): ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ଚୈତ୍ରପର୍ବ ଅବସରରେ ତୃତୀୟ ସନ୍ଧ୍ୟାରେ ଶିକ୍ଷକ ସୋମନାଥ ସିଂହ ଜଣେ ଅନବେଦ୍ୟ ମଂଚ ଉପସ୍ଥାପକ ଭାବେ ସମ୍ବର୍ଦ୍ଧିତ ହୋଇଛନ୍ତି ଓ ମୁଖ୍ୟ ଅତିଥି ମାନ୍ୟବର ରାଜ୍ୟସଭା ସାଂସଦ ମମତା ମହାନ୍ତ, ସମ୍ମାନିତ ଅତିଥି ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ଜିଲ୍ଲାପାଳ, ମୟୁରଭଞ୍ଜ ବିନୀତ ଭରଦ୍ୱାଜ, ଆରକ୍ଷୀ ଅଧିକ୍ଷକ ରିଷିକେଶ ଦ୍ୟାନଦେଓ ଖିଲାରୀ, ପ୍ରକଳ୍ପ ନିର୍ଦ୍ଦେଶିକା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପି ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି ଓ ପ୍ରକାଶ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ମାନପତ୍ର ଓ ଉପଢୌକନଦେଇ ତାଙ୍କୁ ସମ୍ମାନିତ କରାଯାଇଛି । ପ୍ରକାଶ ଥାଉକି ଶ୍ରୀ ସିଂହ ଦୀର୍ଘ ୨୦ବର୍ଷରୁ ଉର୍ଦ୍ଧ ଜିଲ୍ଲା ପ୍ରଶାସନ ବା ସାମାଜିକ ଅନୁଷ୍ଠାନ ଦ୍ୱାରା ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଂଚ ପରିଚାଳନା କରି ବେଶ ସୁନାମ ଅର୍ଜନ କରିପାରିଛନ୍ତି । ଚୈତ୍ର ପର୍ବରେ ମଞ୍ଚ ପରିଚାଳନା ସହିତ ଉତର ସାହି ତରଫରୁ ବହୁବର୍ଷ ଧରି ଉଚ୍ଚ ମାନର କଥା ବସ୍ତୁ ଉପସ୍ଥାପନ କରି ଦର୍ଶକମାନଙ୍କ ମନକୁ ଜିଣି ପାରିଛନ୍ତି । ଦୀର୍ଘ ବର୍ଷ ପରେ ତାଙ୍କୁ ଏହି ସମ୍ମାନ ମିଳିଥିବାରୁ ଶ୍ରୀ ସିଂହ ବେଶ ଉତ୍ସାହିତ ଅଛନ୍ତି ଏବଂ ବିଭିନ୍ନ ମହଲରୁ ତାଙ୍କପାଇଁ ଅଭିନନ୍ଦନର ସୁଅ ଛୁଟିଛି ।

# ଆମ୍ବେଦକର କଲ୍ୟାଣ ସମିତି ବାଲିଆପାଳ ପକ୍ଷରୁ ଆମ୍ବେଦକର ଜୟନ୍ତୀ ପାଳିତ

ବାଲିଆପାଳ, ୧୫/୦୪ (ନି.ପ୍ର): ବାଲିଆପାଳ ଆମ୍ବେଦକର କଲ୍ୟାଣ ସମିତି ପକ୍ଷରୁ ଦେଶର ସମାଜ ସଂସ୍କାରକ, ସମ୍ବିଧାନ ପ୍ରଣେତା ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୧ ତମ ଜନ୍ମ ଜୟନ୍ତି ବାଲିଆପାଳ ପାରୁଳିଆ ଛକ ସ୍ଥିତ ଶ୍ରୀଦୁର୍ଗା କଲ୍ୟାଣ ମଣ୍ଡପ ଠାରେ ପାଳିତ ହୋଇଯାଇଛି । ଆମ୍ବେଦକର କଲ୍ୟାଣ ସମିତିର ସଭାପତି ବୈଲୋଚନ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ କୁଞ୍ଜକାନ୍ତ ପାତ୍ର ,ମୁଖ୍ୟ ବକ୍ତା ଭାବେସାମଜସେବୀ ବଳରାମ ସାହୁ, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ,ବାଘାଜତିନ ସ୍ମୃତିପରିଷଦର ସଭାପତି ଅରବିନ୍ଦ ବେହେରା, ସମାଜସେବୀ ପ୍ରଭାତ କୁମାର ଜେନା ପ୍ରମୁଖ ଯୋଗ ଦେଇ ଆମ୍ବେଦକର ଯେଉଁ ସମ୍ବିଧାନ ପ୍ରଣୟନ କରି ସେଦିନ ସେ ଯେଉଁ ବୀଜ ବପନ କରିଥିଲେ ତାହା ଆଜି ଅନେକ କ୍ଷେତ୍ରରେ ସଫଳ ରୂପାୟନ ହୋଇ ପାରିଛି ବୋଲି କହିଥିଲେ । ସାମ୍ବାଦିକ ପ୍ରଫୁଲ କୁମାର ପାତ୍ର ଅତିଥି ମାନଙ୍କୁ ମଞ୍ଚକୁ ଆହ୍ୱାନ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବାବା ସାହେବଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସମ୍ମାନ ଜଣାଇଥିଲେ ।

# ସଂସ୍କୃତିପ୍ରେମୀଙ୍କ ଗହଳିରେ ବୈଶାଖୀ ମହୋତ୍ସବ-୭ ଉଦ୍‌ଯାପିତ



ବାଲେଶ୍ୱର, ୧୫/୦୪ (ନି.ପ୍ର): ବାଲେଶ୍ୱର ସହରର ଉପକଣ୍ଠ ଈଶାଣୀ ଗ୍ରାମର 'ଲବଣ ସତ୍ୟାଗ୍ରହ ସ୍ମାରକୀ ଷ୍ଟେଡିୟମ୍' ପରିସରରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଦିନ ସହସ୍ର ଶ୍ରଦ୍ଧାଳୁ, ଭକ୍ତ ଓ ସଂସ୍କୃତିପ୍ରେମୀମାନଙ୍କ ବନ୍ଧନରେ ବୈଶାଖୀ ମହୋତ୍ସବ କାର୍ଯ୍ୟକାରୀ ସଭାପତି କବି ଶ୍ରୀଦେବଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି ବୈଶାଖୀ ମହୋତ୍ସବ ସପ୍ତମ ସଂସ୍କରଣର ଉଦ୍‌ଯାପନୀ ଉତ୍ସବ । ଏହି ଉପଲକ୍ଷେ ମୁଖ୍ୟଅତିଥି ଭାବରେ ପୂର୍ବତନ ସାଂସଦ ଇଂ. ରବୀନ୍ଦ୍ର କୁମାର ଜେନା ନିଜ ଉଦ୍‌ଯାପନୀ ବକ୍ତବ୍ୟରେ ଯଦି ଆମେ ଆପଣା ସ୍ୱାର୍ଥଠୁ ନିଜକୁ ନିବୃତ ରଖି ଆମ ଗଣତନ୍ତ୍ରର ମୂଳମନ୍ତ୍ର ବୃହତ୍ତର ରାଷ୍ଟ୍ରୀୟ ସ୍ୱାର୍ଥରେ ମନୋନିବେଶ କରୁ ତେବେ ଈଶାଣୀ ଲବଣ ସତ୍ୟାଗ୍ରହ ସ୍ମାରକୀ ଷ୍ଟେଡିୟମ୍ ନିଶ୍ଚୟ ଦିନେ ଇତିହାସର ଉଜ୍ଜ୍ୱଳପୃଷ୍ଠା ରଚନା କରିବ । ପୁନଶ୍ଚ ରାଷ୍ଟ୍ରର ବିକାଶ ପାଇଁ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ସର୍ବୋପରି ଦଳୀୟ ମନୋଭାବର ଊର୍ଦ୍ଧ୍ୱକୁ ଯାଇପାରିବା । ତେଣୁ ଆମେ ଅନେକ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିପାରିବା ବୋଲି ଦୃଢ଼ୋକ୍ତି ରଖିଥିଲେ । ଏହି ସନ୍ଧ୍ୟାର ମୁଖ୍ୟବକ୍ତା ଭାବରେ ନୀଳଗିରିର ପ୍ରାକ୍ତନ ବିଧାୟକ ଗଣପ୍ରିୟ ବ୍ୟକ୍ତିତ୍ୱ ପ୍ରଦୀପ୍ତ ପଣ୍ଡା ସମଗ୍ର ବିଶ୍ୱର ଘଡ଼ିସନ୍ଧି ମୂହୂର୍ତ୍ତର ଭୟାବହତା ବର୍ଣ୍ଣନା କରି ଭାଇଚାରା ଅର୍ଥାତ୍ 'ବସୁଧୈବ କୁଟୁମ୍ବକମ୍' ଆପ୍ତବାଣୀ ରଖି ଗ୍ରାମର ବିକାଶ ହିଁ ଦେଶର ସମଷ୍ଟି ସଂବୃଦ୍ଧି କରେ ଏବଂ ଗଣତନ୍ତ୍ର ସୁରକ୍ଷା ପାଇଁ ଆମ ଶାସନ ପଦ୍ଧତିର ଅସହିଷ୍ଣୁତା ପ୍ରବୃତ୍ତି ସର୍ବାଦୌ ବର୍ଜନୀୟ ବୋଲି ଦାବି କରି ଏକ ସୁସ୍ଥ ପ୍ରଗତିଶୀଳ ରାଷ୍ଟ୍ରର ଆଶା ପୋଷଣ କରିଥିଲେ । ଅନ୍ୟତମ ସମ୍ମାନାସ୍ପଦ ଅତିଥିଭାବରେ ସଦରଥାନା ଅଧିକାରୀ ଅଶୋକ କୁମାର ନାୟକ, ପୂର୍ବତନ ବ୍ରିଟ୍ ଅଧ୍ୟକ୍ଷ ଗୌରୀ କୁମାର ରାଉତ, 'ପ୍ରଗତିବାଦୀ' ଦୈନିକ ବାଲେଶ୍ୱର ବ୍ୟୁରୋ ରତିକାନ୍ତ ପାତ୍ର, ପ୍ରଖ୍ୟାତ ଚିତ୍ରଶିଳ୍ପୀ କେଶୁଦାସ, ବାଲେଶ୍ୱର ପୌରପାଳିକାର ନବନିର୍ବାଚିତା ଅଧ୍ୟକ୍ଷା ସବିତା ସାହୁ ଏବଂ ବାଲେଶ୍ୱର ଜିଲ୍ଲା ପରିଷଦର ଅଧ୍ୟକ୍ଷ ନାରାୟଣ ପ୍ରଧାନ ପ୍ରମୁଖ ବୈଶାଖୀ ମହୋତ୍ସବ ବିଶାଳ ଜନସମାଗମ ତଥା ବିପୁଳ ସଫଳତା ପଛରେ ଶତାଧିକକର୍ମୀଙ୍କ ସତ୍ୟନିଷ୍ଠ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହ ଆଗାମୀ ଦିନମାନଙ୍କରେ ଅନେକ ଶୁଭାକାଂକ୍ଷୀଙ୍କ ଆଶୀର୍ବାଦ ଅଜାଡ଼ି ହୋଇପଡ଼ିବା ନିଶ୍ଚିତ ବୋଲି ମତପୋଷଣ କରିଥିଲେ । ସର୍ବପ୍ରଥମେ 'ସ୍ୱତନ୍ତ୍ର ଉତ୍କଳ ଦିବସ' ଉପଲକ୍ଷେ 'ବନ୍ଦେ ଉତ୍କଳ ଜନନୀ' ଜାତୀୟତାବୋଧ ପ୍ରେରଣା ସଂଗୀତଙ୍କୁ ସ୍ୟାଲୁଟ୍ ପ୍ରଦାନ କରି ଜଗନ୍ନାଥଙ୍କ ପାଦପଦ୍ମରେ ପୁଷ୍ପାର୍ଘ୍ୟ ପ୍ରଦାନ କରାଯାଇଥିଲା । ସଭାପତି ଆଡ୍. ଅଶୋକ କୁମାର ସେନାପତି ଏବଂ ସାଧାରଣ ସଂପାଦକ ଭାଗବତ ସାହୁ ସେମାନଙ୍କର ବିବରଣୀ ମନ୍ତବ୍ୟ ରଖିଥିଲେ । କୃତିପ୍ରତିଯୋଗୀମାନଙ୍କୁ ଉପସ୍ଥିତ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ 'ବୈଶାଖୀ' ସ୍ମରଣିକାର ସହସଂପାଦକ ରମେଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପରିପ୍ରେକ୍ଷୀରେ ୧୧ ତାରିଖ ସୋମବାର ଅନୁଷ୍ଠିତ 'ନାରୀ ସୁରକ୍ଷା ଓ ସଶକ୍ତିକରଣ' ନାମକ ଆଲୋଚନାଚକ୍ରରେ ଶ୍ରୀମତୀ ଅନସୂୟା ନାୟକ, ସୁଶ୍ରୀ ଅରୁଣା ରାୟ, ଶ୍ରୀମତୀ ଯଶୋଧାରା ଦାସ, ଶ୍ରୀମତୀ ମମତା ମହାପାତ୍ର, ମମତା ଦାସ, ବାସନ୍ତୀ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏଥିରେ ସଭାନେତ୍ରୀ ଶ୍ରୀମତୀ ସାରିକା କର ପୌରୋହିତ୍ୟ କରିଥିଲେ । ସେହିପରି ୧୨ ତାରିଖ ମଙ୍ଗଳବାର ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ ନାୟକ, ବାଲେଶ୍ୱର 'ସମାଜ' ବ୍ୟୁରୋ କୁଳମଣି ବାରିକ, ଅଧ୍ୟାପକ ଆର୍ଯ୍ୟବ୍ରତ ଦାସ ପ୍ରମୁଖ ୭ମବର୍ଷ ବୈଶାଖୀ ମହୋତ୍ସବର ଆଶାତୀତ ସଫଳତା ପାଇଁ ଭୂୟସୀ ପ୍ରଶଂସା ରଖିଥିଲେ । ଏହି ସନ୍ଧ୍ୟାକୁ ସମାଜସେବୀ ସର୍ବେଶ୍ୱର ଦାସ ପୌରୋହିତ୍ୟ କରିଥିଲେ ।

# ଭକ୍ତର ସମର୍ପିତ ଭାବ ହିଁ ବିଗ୍ରହ ମହିମା ପ୍ରଦାନ କରେ



ବସ୍ତା, ୧୫/୦୪ (ନି.ପ୍ର): ପ୍ରତିଷ୍ଠା ହେଉଛି ପ୍ରୀତି ଓ ନିଷ୍ଠା ଏବଂ ଆଧ୍ୟାତ୍ମିକତା ଜଗତର ଆରପାଖରେ ଜୀବନର ସନ୍ଧାନ ଦେଇଥାଏ । ଆତ୍ମ ସଂଯମ ଓ ଅତ୍ମ ଅନୁଶାସନ ପାଇଁ ଭକ୍ତି ଭାବର ଜୀବନରେ ଆବଶ୍ୟକତା ଅଛି । ଆଧ୍ୟାତ୍ମିକ ଜୀବନ ବିନା ସୁନ୍ଦର ସାମାଜିକ ଜୀବନ ପ୍ରତିଷ୍ଠା ହୋଇପାରେ ନାହିଁ । ଦୁଧହଂସାରେ ପ୍ରତିଷ୍ଠିଠିତ ପଞ୍ଚମୁଖି ମହାବୀର ହନୁମାନ ମନ୍ଦିରର ପ୍ରଥମ ପ୍ରତିଷ୍ଠା ଉତ୍ସବରେ ଅତିଥି ମାନେ ଏହା ମତ ବ୍ୟକ୍ତ କରିଛନ୍ତି । ବସ୍ତା ବ୍ଲକ ଅନ୍ତଗର୍ତ ଦୁଧହଂସା ଗ୍ରାମର ଆମଗାଁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଦୁଧହଂସା ସ୍ଥିତ ମହାବୀର ହନୁମାନଜୀଙ୍କ ମନ୍ଦିରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଓ ବୈଶାଖି ପର୍ବ ୩ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି । ୧୩ ତାରିଖ ଠାରୁ ଆରମ୍ଭ ହୋଇ ୧୫ ତାରିଖ ଦିନ ଉତ୍ସବର ଉଦ୍‌ଯାପିତ ହୋଇଥିବା ବେଳ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଜି ପ୍ରାୟ ୩ ହଜାର ଭକ୍ତ ପ୍ରସାଦ ସେବନ କରିଥିଲେ । ସନ୍ଧ୍ୟାର ସାସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗତ କାଲି ସନ୍ଧ୍ୟାରେ ବୈଶାଖି ଉତ୍ସବ ଅନୁଷ୍ଠିତ ହୋଇଥିଲା । ସୁଲଗ୍ନା ଗ୍ରୁପର ପ୍ରତିଷ୍ଠାତା ତଥା ଆମ ଗାଁ ଚେରିଟେବୁଲ ଟ୍ରଷ୍ଟ ଚେୟାରମ୍ୟାନ ଘନଶ୍ୟାମ ବିଶ୍ୱାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭୋବ ପ୍ରତିଭାଶ୍ରୀ ମୁଖ୍ୟ ତଥା ଜରି ଗୋଟାଇବା ଝିଅ କାବ୍ୟର ସ୍ରଷ୍ଟା କବି ପ୍ରଶାନ୍ତ ଦାସ ଯୋଗଦେଇଥିଲେ । ମୁଖ୍ୟ ବକ୍ତାଭାବେ ସୁଲଗ୍ନା ଡ଼ିଗ୍ରୀ କଲେଜର ପ୍ରିନ୍ସପାଲ ଡ଼ଃ ଧରଣୀଧର ଘୋଷ, ସମ୍ମାନୀତ ବକ୍ତା ଭାବେ ସୁଲଗ୍ନା ପବ୍ଲିକ ସ୍କୁଲର ପ୍ରିନ୍ସପାଲ ତଥା ସୁବକ୍ତା ମଧୁସ୍ମିତା ଦାସ, ସମ୍ମାନୀତି ଅତିଥି ଇଂରାଜୀ ବିଭାଗର ପ୍ରଫେସର ପ୍ରଶାନ୍ତ କୁମାର ମହାନ୍ତି, ଅପରାହ୍ନର ସମ୍ପାଦକ ବଂଶୀଧର ଯେନା, ଯୁବନେତା ପୁର୍ଣ୍ଣ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ । ଟ୍ରଷ୍ଟର ଟ୍ରଷ୍ଟି କମଳାକାନ୍ତ ବେହେରା, ଶ୍ରୀହରି ପ୍ରଧାନ ମଞ୍ଚାସୀନ ରହିଥିଲେ । ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ରାମଚନ୍ଦ୍ର ବିଶାଳ 'ଶତାୟୁ ପ୍ରଣାମ-୨୨', ଭାସ୍କର ଚନ୍ଦ୍ର ମହାପାତ୍ର, ଲମ୍ବୋଦର ମହାପାତ୍ର, ରମେଶ ଚନ୍ଦ୍ର ମହାପାତ୍ର, ଦମୟନ୍ତୀ ଗୋଚ୍ଛାୟତଙ୍କୁ 'ପ୍ରଜ୍ଞାଶ୍ରୀ - ୨୦୨୨', ରତିକାନ୍ତ ପଣ୍ଡାଙ୍କୁ - 'ସମପର୍ଣ-୨୦୨୨' ସମ୍ବର୍ଦ୍ଧିତ କରାଯାଇଥିଲା ।

# ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ସ୍ଥାନ ଓ ଦିନ ଧାର୍ଯ୍ୟ

ବାଲେଶ୍ୱର,୧୫/୦୪ (ନି.ପ୍ର): ପ୍ରତି ବ୍ଲକରେ ଆୟୋଜିତ ହେବାକୁ ଥିବା ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ଥାନ ଓ ଦିନ ଧାର୍ଯ୍ୟ କରାଯାଇଛି । ଆସନ୍ତା ୧୭ତାରିଖ ଦିନ ବାଲେଶ୍ୱର ସଦର ବ୍ଲକ ପରିଖି ପଞ୍ଚାୟତର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ଏହାର ଶୁଭାରମ୍ଭ ହେବାକୁ ଥିବା ବେଳେ ୧୮ତାରିଖ ଦିନ ଭୋଗରାଇ ବ୍ଲକର ଜଳେଶ୍ୱରପୁର ହାଇସ୍କୁଲରେ ଏହା ଅନୁଷ୍ଠିତ ହେବ । ସେହିଭଳି ୧୯ରେ ବାଲିଆପାଳର କରଞ୍ଜିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୨୫ତାରିଖରେ ବାହାନଗା ବ୍ଲକର ଗୋପାଳପୁର ମଣିଭଦ୍ର ଉଚ୍ଚ ବିଦ୍ୟାଳୟ, ୨୬ରେ ସିମୁଳିଆ ମଇତାପୁର ବିଏସ ନୋଡାଲ ହାଇସ୍କୁଲ, ୨୭ରେ ଖଇରା ଉଚ୍ଚ ବିଦ୍ୟାଳୟରେ ଏହା ଅନୁଷ୍ଠିତ ହେବ । ସେହିପରି ୨୯ରେ ବସ୍ତା ବ୍ଲକର ବାଲିଆପଟି ୟୁ.ଜି.ଏମ.ଇ.ସ୍କୁଲ ଏବଂ ଜଳେଶ୍ୱର ବ୍ଲକର ଡି.ପି.ପୁର ଗୁଆଗଡିଆ ବାତ୍ୟା ଆଶ୍ରୟସ୍ଥଳୀ, ୩୦ରେ ନୀଳଗିରି ବ୍ଲକ ଛତ୍ରପୁର ସରକାରୀ ୟୁପି ସ୍କୁଲ ଏବଂ ଔପଦା ବ୍ଲକର ପ୍ରତାପପୁର ନୋଡାଲ ୟୁ.ପି.ସ୍କୁଲରେ ଏହି ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହେବ । ଅନୁରୂପ ଭାବେ ଆସନ୍ତା ମଇ ମାସ ୧ତାରିଖରେ ରେମୁଣା ବ୍ଲକର ବରୁଣସିଂହ ୟୁ.ଜି.ଏମ.ଇ ସ୍କୁଲ ଏବଂ ମଇ ୩ ତାରିଖରେ ସୋର ବ୍ଲକ ମଙ୍ଗଳପୁର ଶ୍ରୀନିବାସ ଡିଗ୍ରୀ ମହାବିଦ୍ୟାଳୟରେ ଏହା ଆୟୋଜିତ ହେବ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo